


ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର ୧୨ ଏପ୍ରିଲ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 12 APRIL 2024
Vol.No. 35 ■ No.99 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ଆତଙ୍କବାଦୀଙ୍କୁ ସେମାନଙ୍କ ଘରେ ପଶି ମାରିଛୁ: ମୋଦି



ନୂଆଦିଲ୍ଲୀ, ୧୧/୪ : ଦେଶରେ ନିର୍ବାଚନ ଋତୁ ଚାଲିଥିବା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଘନଘନ ପ୍ରଚାର କରିଚାଲିଛନ୍ତି। ଏହି ପ୍ରଚାର ସମୟରେ ଆଜି ସେ ପ୍ରଥମଥର ଭାରତୀୟ ସେନା କରିଥିବା ସର୍ଜିକାଲ ଓ ଏୟାର ଷ୍ଟ୍ରାଇକ କଥା ଉଠାଇଛନ୍ତି। ଉରି ଓ ପୁଲଓ୍ୱାମା ହମଲା ପରେ ଭାରତୀୟ ସେନା ପାକିସ୍ତାନରେ ପଶି ଆତଙ୍କବାଦୀଙ୍କ ଆଡ୍ଡାରେ ଆକ୍ରମଣ କରିଥିଲା। ଏଥିରଆ ଶତାଧିକ ଆତଙ୍କୀ ନିହତ ହୋଇଥିଲେ। ଏବେ ଏହାର ଶ୍ରେୟ ପ୍ରଧାନମନ୍ତ୍ରୀ ମୋଦି ନିଜ ସରକାରଙ୍କୁ ଦେବାକୁ ଚେଷ୍ଟା କରିଛନ୍ତି। କେନ୍ଦ୍ରରେ ଥିବା ଶକ୍ତିଶାଳୀ ବିଜେପି ସରକାର ଯୋଗୁ ସୁରକ୍ଷାକର୍ମୀମାନେ ଆତଙ୍କବାଦୀଙ୍କୁ ସେମାନଙ୍କ ଅଞ୍ଚଳରେ ମାତ ଦେଇଛନ୍ତି। ଆତଙ୍କବାଦୀଙ୍କୁ ସେମାନଙ୍କ ଘରେ ପଶି ମରା ଯାଇଛି ବୋଲି ମୋଦି ଉତ୍ତରାଖଣ୍ଡରେ ଆୟୋଜିତ ଗୋଟିଏ ନିର୍ବାଚନରେ ମୋଦି କହିଛନ୍ତି। ସେ ଆହୁରି କହିଛନ୍ତି, " ଦେଶରେ ମଜବୁତ ମୋଦି ସରକାର ଚାଲିଛି। ଦେଶ ଏମିତି ଗୋଟିଏ ସରକାରଙ୍କ ହାତରେ ରହିଛି, ଯିଏ ବିବାଦୀୟ ଜୋନରେ ମଧ ଜାତୀୟ ସୁରକ୍ଷାକୁ ପ୍ରାଧାନ୍ୟ ଦେଉନ୍ତି।" କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ମୋଦି ବିରୋଧୀଙ୍କୁ ସମାଲୋଚନା କରିବାକୁ ଆଦୌ ଭୁଲି ନାହାନ୍ତି। ସେ କହିଛନ୍ତ, "କଂଗ୍ରେସ ଭଗବାନଙ୍କ ରାମଙ୍କ ଉପସ୍ଥିତି ଉପରେ ପ୍ରଶ୍ନ ଉଠାଇଥିଲା। ସେମାନେ ରାମ ମନ୍ଦିରକୁ ବିରୋଧ କରିଥିଲେ ଓ ଏହାକୁ ରୋକିବା ପାଇଁ ଶତ ଚେଷ୍ଟା କରିଥିଲେ। ତଥାପି କଂଗ୍ରେସର ସବୁ ପାପକୁ କ୍ଷମା କରି ମନ୍ଦିର ନିର୍ମାଣ ଶେଷ ହେବା ପରେ ଦଳର ନେତାଙ୍କୁ ପ୍ରାଣ ପ୍ରତିଷ୍ଠା କାର୍ଯ୍ୟକ୍ରମକୁ ଡକା ଯାଇଥିଲା। କିନ୍ତୁ ପ୍ରାଣ ପ୍ରତିଷ୍ଠା ଉତ୍ସବକୁ ମଧ କଂଗ୍ରେସ ବୟକଟ କରିଥିଲା। କଂଗ୍ରେସ ଶାସନ ସମୟରେ ସୈନିକମାନଙ୍କ ବୁଲେଟ ପ୍ରୁଫ ଜ୍ୟାକେଟ ମିଳୁ ନଥିଲା। ଶତ୍ରୁ ପକ୍ଷର ଗୁଳିରୁ ଯବାନଙ୍କୁ ସୁରକ୍ଷା ଦେବାକୁ କୌଣସି ପ୍ରକାରର ବ୍ୟବସ୍ଥା ହୋଇ ନଥିଲା। କଂଗ୍ରେସ କ୍ଷମତାରେ ଥିବା ବେଳେ ମଧ୍ୟସ୍ଥିମାନେ ଟଙ୍କା ଚୋରି କରୁଥିଲେ। ଏବେ କିନ୍ତୁ ଲୋକଙ୍କ ବ୍ୟାଙ୍କ ଆକାଉଣ୍ଟରେ ସିଧାସଳଖ ଟଙ୍କା ପହଞ୍ଚୁଛି।" ଏହାପରେ ମୋଦି ନିଜ ସରକାରଙ୍କ ସଫଳତା କଥା କହିଥିଲେ। ଧାରା ୩୭୦ର ଉଚ୍ଛେଦ ଠାରୁ ରମ୍ଭ କରି ଆର୍ଥିକ ଅନଗ୍ରସରଙ୍କ ପାଇଁ କରାଯାଇଥିବା ବ୍ୟବସ୍ଥା ସମ୍ପର୍କରେ ସେ ସମସ୍ତଙ୍କୁ ଅବଗତ କରାଇଛନ୍ତି।

## ବିଧାୟକ ଅରବିନ୍ଦ ଢାଲି ଓ ପ୍ରେମାନନ୍ଦ ନାୟକଙ୍କ ସଭ୍ୟ ପଦ ରଦ୍ଦ



ଭୁବନେଶ୍ୱର, ୧୧/୦୪ (ନି.ପ୍ର): ନିକଟରେ ବିଜେଡି ଛାଡ଼ି ବିଜେପିରେ ମିଶିଥିବା ଜୟଦେବ ବିଧାୟକ ଅରବିନ୍ଦ ଢାଲି ଓ ତେଲକୋଇ ବିଧାୟକ ପ୍ରେମାନନ୍ଦ ନାୟକଙ୍କ ସଭ୍ୟ ପଦ ରଦ୍ଦ ହୋଇଛି। ଉଭୟଙ୍କ ସଭ୍ୟ ପଦ ରଦ୍ଦ କରିଛନ୍ତି ବାଚସ୍ପତି ପ୍ରମିଳା ମଲ୍ଲିକ। ଏନେଇ ଗତକାଲି ବିଧାନସଭା ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଅରବିନ୍ଦ ଢାଲି ୨୦୧୯ରେ ବିଜେଡି ଟିକଟରେ ଭୁବନେଶ୍ୱର ଜୟଦେବ ଆସନରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। କିନ୍ତୁ କିଛି ଦିନ ତଳେ ସେ ବିଜେଡି ଛାଡ଼ି ବିଜେପିରେ ମିଶିଥିଲେ। ବିଜେପି ତାଙ୍କୁ ଜୟଦେବ ବିଧାନସଭା ଆସନରୁ ପ୍ରାର୍ଥୀ କରିଛି। ସେହିପରି ତେଲକୋଇରୁ ବିଜେଡି ଟିକଟରେ ନିର୍ବାଚିତ ହୋଇଥିଲେ ପ୍ରେମାନନ୍ଦ ନାୟକ। ସେ ମଧ କିଛି ଦିନ ତଳେ ବିଜେଡି ଛାଡ଼ି ବିଜେପିରେ ଯୋଗ ଦେଇଥିଲେ। ଏପର୍ଯ୍ୟନ୍ତ ବିଜେପି ପ୍ରେମାନନ୍ଦଙ୍କୁ କୌଣସି ଆସନରୁ ପ୍ରାର୍ଥୀ କରିନାହିଁ। ଆଗକୁ ଦଳ ତାଙ୍କୁ ପ୍ରାର୍ଥୀ କରିବ କି ନାହିଁ ସ୍ପଷ୍ଟ ହୋଇନାହିଁ। ଦଳ ବଦଳ ନିୟମ ଅନୁସାରେ ଉଭୟଙ୍କ ବିଧାୟକ ପଦ ରଦ୍ଦ ପାଇଁ ବିଜେଡିର ମୁଖ୍ୟ ସଚେତକ ପ୍ରଶାନ୍ତ କୁମାର ମୁଦୁଲି ବାଚସ୍ପତିଙ୍କ ନିକଟରେ ପିଟିସନ ଦାଖଲ କରିଥିଲେ। ଏହି ପିଟିସନ ଗ୍ରହଣ କରି ବାଚସ୍ପତି ପ୍ରମିଳା ମଲ୍ଲିକ ଅରବିନ୍ଦ ଢାଲି ଓ ପ୍ରେମାନନ୍ଦ ନାୟକଙ୍କ ବିଧାୟକ ପଦ ରଦ୍ଦ କରିଛନ୍ତି। ସଭ୍ୟ ପଦ ରଦ୍ଦ ହେବା ପରେ ଅରବିନ୍ଦ ଢାଲି କହିଛନ୍ତି, ସଭ୍ୟପଦ ରଦ୍ଦ କରିବା ସ୍ୱାଭାବିକ। ମୋ ପାଇଁ ଯାହା ନିୟମ ଲାଗୁ ହେଲା, ଅନ୍ୟମାନଙ୍କ ବି ସମାନ ନିୟମ ଲାଗୁ ହେବା ଦରକାର। ସଭ୍ୟପଦ ରଦ୍ଦ ପୂର୍ବରୁ ପକ୍ଷ ରଖିବାକୁ ▶▶ପୃଷ୍ଠା ୭

## ଚତୁର୍ଥ ଦଫାରେ ପ୍ରାର୍ଥୀ ଘୋଷଣା କଲା ବିଜେଡି

### ବାଲେଶ୍ୱରରୁ ଲଢ଼ିବେ ଲେଖାଶ୍ରୀ



ଭୁବନେଶ୍ୱର, ୧୧/୪ (ନି.ପ୍ର): ସାଧାରଣ ନିର୍ବାଚନ-୨୦୨୪ ପାଇଁ ବିଜୁ ଜନତା ଦଳ (ବିଜେଡି) ଗୁରୁବାର ସନ୍ଧ୍ୟାରେ ଚତୁର୍ଥ ପ୍ରାର୍ଥୀ ତାଲିକା ଘୋଷଣା କରିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବାଲେଶ୍ୱର ଲୋକସଭା କ୍ଷେତ୍ର ପାଇଁ ନିକଟରେ ବିଜେପି ଛାଡ଼ି ବିଜେଡିରେ ଯୋଗ ଦେଇଥିବା ଲେଖାଶ୍ରୀ ସାମନ୍ତ ସିଂହାରଙ୍କୁ ଟିକେଟ୍ ଦେଇଛନ୍ତି। ସେହିପରି ଭୁବନେଶ୍ୱର (ମଧ)ରୁ ଅନନ୍ତ ନାରାୟଣ ଜେନା (ବୁନୁ)ଙ୍କୁ ଟିକେଟ୍ ଦେଇଛନ୍ତି। ବିଜେଡି ଏହି ପର୍ଯ୍ୟାୟରେ ୯ଟି ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିଥିବା ବେଳେ ଆହୁରି ୩୦ଟି ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିନାହିଁ। ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଓଡ଼ିଶାରେ ଲୋକସଭା ନିର୍ବାଚନ ପାଇଁ ଚତୁର୍ଥ ପର୍ଯ୍ୟାୟରେ ପ୍ରାର୍ଥୀ ଘୋଷଣା କରିବା ଅବସରରେ ଲେଖାଶ୍ରୀଙ୍କ ଉପରେ ଭରସା ରଖିଛନ୍ତି। ସେହିପରି ବିଧାନସଭା ନିର୍ବାଚନ ପାଇଁ ମଧ ଚତୁର୍ଥ ପର୍ଯ୍ୟାୟରେ ପ୍ରାର୍ଥୀ ଘୋଷଣା କରିଛନ୍ତି। ଲକ୍ଷ୍ମୀପୁରରେ ପ୍ରଭୁ ଜାନି, ପାରାଦୀପରେ ଗୀତାଞ୍ଜଳି ରାଉତରାୟ, ସମ୍ବଲପୁରରେ ପ୍ରସନ୍ନ ଆଚାର୍ଯ୍ୟ, ରେଢ଼ାଖୋଲରେ ରୋହିତ ପୂଜାରୀ, ତେଲକୋଇରେ ମାଧବ ସର୍ଦ୍ଦାର, ତାଳଚେରରେ ବ୍ରଜ ପ୍ରଧାନ, ନର୍ଲାରେ ମନୋରମା ମହାନ୍ତି ଓ ବାଲିଗୁଡ଼ାରେ ଚକ୍ରମଣି କହଁରଙ୍କୁ ଟିକେଟ ମିଳିଛି। ସୂଚନାଯୋଗ୍ୟ, ଲୋକସଭା ନିର୍ବାଚନ ପାଇଁ ବିଜେଡି ପୂର୍ବରୁ ୩ଟି ପର୍ଯ୍ୟାୟରେ ୨୦ ଜଣ ପ୍ରାର୍ଥୀଙ୍କ ନାମ ଘୋଷଣା କରିସାରିଥିଲା। ସେହିପରି ବିଧାନସଭା ନିର୍ବାଚନ ପାଇଁ ପ୍ରଥମ ପର୍ଯ୍ୟାୟରେ ୭୨, ଦ୍ୱିତୀୟ ପର୍ଯ୍ୟାୟରେ ୨୭ ଓ ତୃତୀୟ ପର୍ଯ୍ୟାୟରେ ୯ ଜଣ ପ୍ରାର୍ଥୀଙ୍କ ନାମ ଘୋଷଣା କରିଥିଲା।

## ମଧ୍ୟପ୍ରଦେଶ, ଛତିଶଗଡ଼ ଫଣ୍ଡା ଓଡ଼ିଶାରେ ଆପଣାଇପାରେ ବିଜେପି



ଭୁବନେଶ୍ୱର, ୧୧/୦୪ (ନି.ପ୍ର): ରାଜ୍ୟ ବିଜେପିର ବଡ଼ ଘୋଷଣା। ସରକାରକୁ ଆସିଲେ ମହିଳା ପାଇବେ ମାସିକ ୧୦୦୦ ଟଙ୍କା ସହାୟତା। ଅର୍ଥାତ ବର୍ଷକୁ ୧୨ ହଜାର। ବଡ଼ କଥା ହେଲା ସମାନ ଯୋଜନା ଘୋଷଣା କରି ମଧ୍ୟପ୍ରଦେଶ ଓ ଛତିଶଗଡରେ ସରକାରକୁ ଆସିଥିଲା ବିଜେପି। ସେଥିପାଇଁ ହିନ୍ଦୀ ହାର୍ଟଲ୍ୟାଣ୍ଡର ଏହି ଷ୍ଟ୍ରାଟେଜିକୁ ଓଡ଼ିଶାରେ ଆପଣାଇଛି ଦଳ। ମଧ୍ୟପ୍ରଦେଶରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନଙ୍କ 'ଲାଡଲି ବେହନା' ଯୋଜନା। ଯେଉଁଥିରେ ଗରିବ, ଅସହାୟ ଓ ଭିନ୍ନକ୍ଷମ ମହିଳାଙ୍କ ବ୍ୟାଙ୍କ ଖାତାକୁ ପ୍ରତି ମାସ ୧୨୫୦ ଟଙ୍କା ଲେଖାଁଏ ଦେଉଥିଲେ ଶିବରାଜ ସରକାର। ଭୋଟର କେଇ ମାସ ଆଗରୁ ଅର୍ଥାତ ଗତ ମାର୍ଚ୍ଚ ୨୦୨୩ରୁ ଲଞ୍ଚ ହୋଇଥିବା ଏହି ଯୋଜନା ମଧ୍ୟପ୍ରଦେଶରେ ବିଜେପିକୁ ଶାସନ ବଜାୟ ରଖିବାରେ ବେଶ ସହାୟକ ହୋଇଥିଲା। ସମାନ ଢଙ୍ଗରେ ଛତିଶଗଡରେ ମଧ ଇସ୍ତାହାରରେ 'ମହତାରୀ ବନ୍ଦନ' ଯୋଜନା କରି ପ୍ରତି ମାସ ବିବାହିତ ମହିଳାଙ୍କୁ ୧ ହଜାର ଟଙ୍କା ଲେଖାଁଏ ଦେବାର ପ୍ରତିଶ୍ରୁତି ଦେଇଥିଲା ବିଜେପି। ଯାହାର କ୍ରେଜ୍ ନିର୍ବାଚନ ପୂର୍ବରୁ ଦେଖିବାକୁ ମିଳିଥିଲା। ଲକ୍ଷ ଲକ୍ଷ ମହିଳା ବିଜେପି ସହ ଯୋଡି ହୋଇଥିଲେ। ▶▶ପୃଷ୍ଠା ୭

## ପୁଣି କଲବଲ କରିବ ତାତି

ଭୁବନେଶ୍ୱର, ୧୧/୦୪ (ନି.ପ୍ର): ଗତ କିଛି ଦିନ ହେଲା ରାଜ୍ୟର ବିଭିନ୍ନ ଅଞ୍ଚଳରେ ବର୍ଷା ହୋଇଛି। ବର୍ଷା ନହେଲେ ବି ଅନେକ ସ୍ଥାନରେ ପାଗ କୋହଲା ରହିଛି। ଫଳରେ ତାପମାତ୍ରା କମିଛି। ଲୋକେ ଗ୍ରୀଷ୍ମ ପ୍ରବାହରୁ ରକ୍ଷା ପାଇଛନ୍ତି। ଆଜି ପୂରା ରାଜ୍ୟରେ ମେଘୁଆ ପାଗ ରହିଛି ତଥା ଅନେକ ସ୍ଥାନରେ ହାଲକାରୁ ମଧ୍ୟମ ଧରଣର ବର୍ଷା ହୋଇଛି। ତେବେ ପାଣିପାଗ ବିଭାଗର ଆକଳନ ଅନୁଯାୟୀ ଆସନ୍ତାକାଲିଠାରୁ ରାଜ୍ୟର ବିଭିନ୍ନ ଅଞ୍ଚଳରେ ତାପମାତ୍ରା ବଢ଼ିବ। ଭୁବନେଶ୍ୱର ସ୍ଥିତ ଆଞ୍ଚଳିକ ପାଣିପାଗ କେନ୍ଦ୍ର ତା' ଏକ୍ସରେ ଲେଖିଛି ଯେ ଆସନ୍ତାକାଲିଠାରୁ ୪ ଦିନ ଯାଏ ଦିନର ତାପମାତ୍ରା ୬ରୁ ୮ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇବ। ଆସନ୍ତାକାଲି ପାରଳାଖେମୁଣ୍ଡିରେ ଦିନର ସର୍ବୋଚ୍ଚ ତାପମାତ୍ରା ୩୯ ଡିଗ୍ରୀ ସେଲ୍ ?ସିୟସ ରହିପାରେ ବୋଲି ଆକଳନ କରାଯାଇଥିବା ବେଳେ ମାଲକାନଗିରିରେ ୩୭, ରାୟଗଡ଼ାରେ ୩୬, କୋରାପୁଟରେ ୩୩, ଭବାନୀପାଟଣାରେ ୩୩, ନୂଆପଡ଼ାରେ ୩୩, ବଲାଙ୍ଗିରରେ ୩୩, ଟିଟିଲାଗଡ଼ରେ ୩୪, ବୌଦ୍ଧରେ ୩୪, ସୁନ୍ଦରଗଡ଼ରେ ୩୩, ଝାରସୁଗୁଡ଼ାରେ ୩୩, ଅନୁଗୋଳରେ ୩୩, ଭୁବନେଶ୍ୱରରେ ୩୪ ଓ କଟକରେ ୩୩ ଡିଗ୍ରୀ ରହିପାରେ। ରାୟଗଡ଼ା, ପାରଳେଖେମୁଣ୍ଡି ଓ ମାଲକାନଗିରିକୁ ଛାଡ଼ି ଦେଲେ ଅନ୍ୟ କୌଣସି ସ୍ଥାନରେ ତାପମାତ୍ରା ୩୫ ଡିଗ୍ରୀ ଛୁଇଁ ନପାରେ। ଅନ୍ୟପକ୍ଷରେ ▶▶ପୃଷ୍ଠା ୭

## ବିଜେଡି ଇସ୍ତାହାର କମିଟି ଅଧକ୍ଷ ଚନ୍ଦ୍ରଶେଖର ସାହୁ ହସ୍ପିଟାଲରେ ଭର୍ତ୍ତି


ଭୁବନେଶ୍ୱର, ୧୧/୦୪ (ନି.ପ୍ର): ଗତକାଲି ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଦଳର ନିର୍ବାଚନୀ ଇସ୍ତାହାର କମିଟିର ୩୮ଜଣିଆ କମିଟି ଘୋଷଣା କରିଥିଲେ ଓ ଏହି କମିଟିର ଅଧ୍ୟକ୍ଷ ଭାବେ ସାଂସଦ ଚନ୍ଦ୍ରଶେଖର ସାହୁ ରହିଛନ୍ତି । ବିଜେଡି ନିର୍ବାଚନ ଇସ୍ତାହାର କମିଟି ଅଧକ୍ଷ ତଥା ସାଂସଦ ଚନ୍ଦ୍ରଶେଖର ସାହୁ ଅସୁସ୍ଥ । ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ତାଙ୍କର ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ହସ୍ପିଟାଲ ସୂତ୍ରରୁ ଜଣାପଡ଼ିଛି । ମିଳିଥିବା ସୂଚନା ଅନୁସାରେ, ବ୍ରହ୍ମପୁରର ସାଂସଦ ଚନ୍ଦ୍ରଶେଖର ସାହୁଙ୍କ ସ୍ୱାସ୍ଥ୍ୟରେ ସମସ୍ୟା ଦେଖାଦେବାରୁ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ସେଠାରେ ଡାକ୍ତରଙ୍କ ଏକ ଟିମ୍ ତାଙ୍କର ସ୍ୱାସ୍ଥ୍ୟବସ୍ଥାର ତଦାରଖ କରୁଛନ୍ତି । ଦୁଇ ରାଜ୍ୟସଭା ସାଂସଦ ସସ୍ମିତ ପାତ୍ର ଓ ମାନସ ମଙ୍ଗରାଜଙ୍କ ସମେତ ବିଜେଡି ନେତା ଭିକେ ପାଣ୍ଡିଆନ ଆଜି ଶ୍ରୀ ସାହୁଙ୍କୁ ହସ୍ପିଟାଲରେ ଭେଟିଥିଲେ । ଶ୍ରୀ ସାହୁଙ୍କ ସ୍ୱାସ୍ଥ୍ୟବସ୍ଥା ସମ୍ପର୍କରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ସାଂସଦ ଶ୍ରୀ ପାତ୍ର କହିଛନ୍ତି ଯେ, ତାଙ୍କର ▶▶ପୃଷ୍ଠା ୭

## କେ କବିତାଙ୍କ ଅଡୁଆ ବଢିଲା: ଇଡି ପରେ ବାନ୍ଧିଲା ସିବିଆଇ



ନୂଆଦିଲ୍ଲୀ, ୧୧/୪ : ତେଲାଙ୍ଗନା ବିଆରଏସ (ଭାରତ ରାଷ୍ଟ୍ର ସମିତି) ନେତ୍ରୀ କେ କବିତାଙ୍କ ପାଇଁ ଅଡୁଆ ବଢିଛି। ଦିଲ୍ଲୀ ମଦ ଦୁର୍ନୀତି ମାମଲାରେ ଇଡି ତାଙ୍କୁ ଗିରଫ କରିଥିବା ବେଳେ ଏବେ ସିବିଆଇ ଗିରଫ କରିଛି। ଆଜି ସିବିଆଇ ତାଙ୍କୁ ତିହାର ଜେଲରୁ ଗିରଫ କରିଥିବା ସୂଚନା ମିଳିଛି। ନିକଟରେ ତଦନ୍ତକାରୀ ସଂସ୍ଥା ସିବିଆଇ ଜେଲରେ କବିତାଙ୍କୁ ପଚରାଉଚରା କରୁଥିଲା। ଏକାଧିକ ବାର ପଚରାଉଚରା କରିବାର କିଛି ଦିନ ପରେ ଗିରଫ କରିନେଇଛି। ସିବିଆଇ ମଧ ତାଙ୍କୁ ଦିଲ୍ଲୀ ମଦ ନୀତି ଦୁର୍ନୀତି ମାମଲାରେ ଗିରଫ କରିଛି। ପ୍ରକାଶ ଥାଉ କି, ଜାନୁଆରୀ ୧୫ରେ ହାଇଦ୍ରାବାଦ ସ୍ଥିତ ବଞ୍ଜାରା ହିଲ୍ସ ବାସଭବନରୁ କବିତାଙ୍କୁ ଗିରଫ କରିଥିଲା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି)। ଦିଲ୍ଲୀ ମଦ ନୀତି ଦୁର୍ନୀତି ମାମଲାରେ ହର୍ଥ ହେରଫେର ଅଭିଯୋଗରେ ବାନ୍ଧିଥିଲା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ। ଦିଲ୍ଲୀର ଅବକାରୀ ▶▶ପୃଷ୍ଠା ୭

## ଦାମଙ୍କ ପୁଅଙ୍କ ଟିକେଟ କଟିଲା: ବୋହୂଙ୍କୁ ପ୍ରାର୍ଥୀ କଲା ଦଳ



ପାରାଦୀପ , ୧୧/୪ (ନି.ପ୍ର): ବିଜେଡି ଆଜି ଆଉ ୯ଟି ବିଧାନସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିଛି। ଏଥିରେ ୨ ବିଧାୟକଙ୍କ ନାଁ ନାହିଁ। ସେମାନଙ୍କ ମଧରେ ଅଛନ୍ତି ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଦାମୋଦର ରାଉତଙ୍କ ପୁଅ ତଥା ପାରାଦୀପ ବିଧାୟକ ସମ୍ବିତ ରାଉତରାୟ। ତେବେ ସମ୍ବିତଙ୍କ ପତ୍ନୀ ଗୀତାଞ୍ଜଳି ରାଉତରାୟଙ୍କୁ ଦଳ ଟିକେଟ ଦେଇଛି। ଟିକେଟ ପାଇବା ପରେ ଗୀତାଞ୍ଜଳି କହିଛନ୍ତି, ମୋ ଶ୍ୱଶୁର ଆଉ ନାହାନ୍ତି। ସେ ପାରାଦୀପ ପାଇଁ ବହୁତ କିଛି କରିଥିଲେ। ଗତ ୫ ବର୍ଷ ଧରି ମୋ ସ୍ୱାମୀ ମଧ ପାରାଦୀପର ବିଧାୟକ ଅଛନ୍ତି। ମୁଁ ବହୁ ଭୋଟ୍ ବ୍ୟବଧାନରେ ଜିତିବି ବୋଲି ବିଶ୍ୱାସ ଅଛି। ▶▶ପୃଷ୍ଠା ୭

## ରାହୁଲ ଗାନ୍ଧିଙ୍କ ବଡ଼ ଘୋଷଣା: ଗୋଟିଏ ଝଟକାରେ ଦେଶରୁ ହଟିବ ଗରିବୀ, ଲାଗୁ ହେବ 'ଲକ୍ଷେ ଟଙ୍କିଆ' ଯୋଜନା



ନୂଆଦିଲ୍ଲୀ, ୧୧/୪ : କଂଗ୍ରେସ ସରକାର ଏମିତି ଏକ ଯୋଜନା ଲାଗୁ କରିବ, ଯାହା ଗୋଟିଏ ଥରରେ ଦେଶରୁ ଗରିବୀକୁ ହଟାଇ ଦେବ। ଦେଶରେ ଲକ୍ଷେ ଟଙ୍କିଆ ଯୋଜନା ଲାଗୁ ହେବ ବୋଲି ରାହୁଲ ଗାନ୍ଧି କହିଛନ୍ତି। ଲୋକସଭା ନିର୍ବାଚନ ପାଖେଇ ଆସୁଥିବା ବେଳେ ଆଜି ବଡ଼ ଘୋଷଣା କରିଛନ୍ତି କଂଗ୍ରେସ ସାଂସଦ ରାହୁଲ ଗାନ୍ଧି। କଂଗ୍ରେସ ଯଦି ଲୋକସଭା ନିର୍ବାଚନରେ କ୍ଷମତା ଦଖଲ କରିବ, ତା'ହେଲେ ଗୋଟିଏ ଝଟକାରେ ଦେଶରୁ ଦୂର ହେବ ଗରିବୀ। କଂଗ୍ରେସ ସରକାର ଏମିତି ଏକ ଯୋଜନା ଲାଗୁ କରିବ, ଯାହା ଗୋଟିଏ ଥରରେ ଦେଶରୁ ଗରିବୀକୁ ହଟାଇ ଦେବ। ଦେଶରେ ଲକ୍ଷେ ଟଙ୍କିଆ ଯୋଜନା ଲାଗୁ ହେବ ବୋଲି ରାହୁଲ ଗାନ୍ଧି କହିଛନ୍ତି। ରାଜସ୍ଥାନର ଅନୁପଗଡ଼ରେ ଆୟୋଜିତ ଏକ ନିର୍ବାଚନୀ କାର୍ଯ୍ୟକ୍ରମରେ ରାହୁଲ ଦେଶରୁ ଦାରିଦ୍ର୍ୟ ▶▶ପୃଷ୍ଠା ୭

## ରାତିରେ ରାସ୍ତା କାମ କରୁଥିଲେ ୩ ଶ୍ରମିକ: ମାଡ଼ି ଦେଲା ଟ୍ରକ୍

ବରଗଡ଼ , ୧୧/୪ (ନି.ପ୍ର): ରାତିରେ ରାସ୍ତା କାମରେ ନିୟୋଜିତ ଥିଲେ ୩ ଶ୍ରମିକ । ହଠାତ୍ ମାଡ଼ି ଆସିଲା ଟ୍ରକ। ଆଉ ୩ ଜଣଙ୍କୁ ଦଳି ଦେଇ ଘଟଣାସ୍ଥଳରୁ ଚମ୍ପଟ ମାରିଲା। ଫଳରେ ଘଟଣାସ୍ଥଳରେ ହିଁ ୩ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ବରଗଡ଼ ଜିଲ୍ଲା ସୋହେଲା ରାୟପୁର ରୋଡ ସ୍ଥିତ ଲୁହୁରାଚଟି ପାଖରେ ଘଟିଛି ଏଭଳି ଅଭାବନୀୟ ଘଟଣା। ଗତ ବିଳମ୍ବିତ ରାତିରେ ଘଟିଛି ଏହି ଦୁଃଖଦ ଘଟଣା। ମୃତକ ୩ ଶ୍ରମିକଙ୍କ ପରିଚୟ ମିଳି ପାରି ନ ଥିବା ବେଳେ ସେମାନେ ଘଁଶିଇଓର ଠିକା କର୍ମଚାରୀ ବୋଲି ଜଣାଯାଇଛି। ରାୟପୁର ରୋଡ ସ୍ଥିତ ଲୁହୁରାଚଟି ପାଖରେ ରାସ୍ତା ଖରାପ ଥିବାରୁ ଗତ ରାତିରେ ସେଠାରେ ରାସ୍ତା କାମ ଚାଲିଥିଲା । ଉକ୍ତ ସମୟରେ ଆନ୍ଧାରରେ ଦ୍ରୁତ ଗତିରେ ମାଡ଼ି ଆସୁଥିବା ଟ୍ରକ୍‌ଟି ଶ୍ରମିକମାନଙ୍କ ଉପରେ ଚଢ଼ି ଚାଲି ଯାଇଥିଲା। ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି ଶ୍ରମିକମାନଙ୍କ ମୃତଦେହ ରାସ୍ତାରେ ପଡ଼ିଥିବା ଦେଖିବାକୁ ପାଇଲେ। ଖବର ପାଇ ତୁରନ୍ତ ସୋହେଲା ପୁଲିସ୍ ପହଞ୍ଚି ମୃତଦେହଗୁଡ଼ିକ ବ୍ୟବଚ୍ଛେଦ ପାଇଁ ପଠାଇଛି। ପୁଲିସ୍ ଏହି ଘଟଣାର ତଦନ୍ତ ଆରମ୍ଭ କରିଥିବା ବେଳେ ଦୁର୍ଘଟଣା ଘଟାଇଥିବା ଟ୍ରକ୍ ସମ୍ପର୍କରେ କିଛି ସୂଚନା ମିଳିନି।

# ଖୁବ୍‌ଶୀଘ୍ର ଆରମ୍ଭ ହେବ ଭୁଷୁଡ଼ି ଥିବା ଗୋବରୀ ସେତୁ କାର୍ଯ୍ୟ

କେନ୍ଦ୍ରାପଡ଼ା, ୧୧/୪ (ନି.ପ୍ର): କେନ୍ଦ୍ରାପଡ଼ା ସହରର ତିନିମୁହାଣୀ ଠାରୁ ଗୋବରୀ ନଦୀ କୂଳେ କୂଳେ ଆରମ୍ଭ ହୋଇଥିବା ବାଇପାସ୍ ରାସ୍ତାର ପୋଲର ଗାର୍ଡର ଭୁଷୁଡି ଯାଇଥିବା କାମ ଖୁବ୍‌ଶୀଘ୍ର ଆରମ୍ଭ ହେବ । ଏନେଇ ଆଜି ଏକ ବିଶେଷଜ୍ଞ ଟିମ୍ ଘଟଣାସ୍ଥଳ ପରିଦର୍ଶନ କରି ତଦାରଖ କରିବା ପରେ ପୋଲ କାମ ଆରମ୍ଭ ହେବ ବୋଲି ସୂଚନା ମିଳିଛି । ୨୦୨୩ ମସିହା ମାର୍ଚ୍ଚ ୧୫ ତାରିଖରେ ଏହି ରାସ୍ତା କାମ ଚାଲିଥିବା ବେଳେ ଗୋବରୀ ନଦୀକୁ ସଂଯୋଗ କରୁଥିବା ଶାଖା କେନାଲ ଉପରେ ପୋଲ କାମ ଚାଲିଥିଲା । ବଡ଼ ବଡ଼ ସିମେଣ୍ଟ ଗାର୍ଡର ଖଞ୍ଜା ଯାଇ ଏହି ପୋଲ କାମ ଚାଲିଥିବାବେଳେ ଗୋଟିଏ ବୃହତକାୟ ସିମେଣ୍ଟ ଗାର୍ଡର ଆପଣା ଛାଏଁ ଭୁଷୁଡି ପଡ଼ି ଭାଙ୍ଗି ଯିବାରୁ ହଇଚଇ ସୃଷ୍ଟି ହୋଇଥିଲା । ଏନେଇ ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ନିଲମ୍ବନ କରାଯିବା ସହ ସେହି ଦିନଠାରୁ ପୋଲ କାମ ପ୍ରାୟ ବନ୍ଦ ରହିଛି । ତେବେ ବର୍ଷକ ପରେ ପୂର୍ତ୍ତ ବିଭାଗ ପକ୍ଷରୁ ଏହି କାମକୁ ପୁଣି ଚାଲୁ କରିବା ପାଇଁ ଭୁବନେଶ୍ୱର ଆଇଆଇଟିରୁ ଏକ ବିଶେଷଜ୍ଞ ଟିମ୍ ଆଜି ଘଟଣା ସ୍ଥଳ ପରିଦର୍ଶଣ କରି ଏହାର ସ୍ଥିତି ଯାଂଚ କରିଥିଲେ । ତେବେ ଖୁବ୍‌ଶୀଘ୍ର ବନ୍ଦ ରହିଥିବା ଚାଲୁ ହେବ ବୋଲି ଜଣାପଡ଼ିଛି ।

# ପାଳପଡା ଭଗବାନପୁର-ସାନରାଏପଡା କେଲୁଅ ନଦୀ ଘେରି ବନ୍ଧ ମରାମତିରେ ବ୍ୟାପକ ଅନିୟମିତତା ଅଭିଯୋଗ

## ଆନ୍ଦୋଳନର ଚେତାବନୀ ଦେଲେ ଗ୍ରାମବାସୀ

ଧର୍ମଶାଳା, ୧୧/୪ (ନି.ପ୍ର): ରାଜ୍ୟ ସରକାରର ଗ୍ରାମୀଣ ଅଂଚଳର ବିକାଶ ନିମନ୍ତେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ହାତକୁ ନେଇଛନ୍ତି । ରାସ୍ତା ଘାଟଠାରୁ ଆରମ୍ଭ କରି ଶିକ୍ଷା ଓ ଗମନାଗମନର ଉନ୍ନତିକରଣ ନିମନ୍ତେ କୋଟି କୋଟି ଟଙ୍କା ବ୍ୟୟ ବରାଦ କରୁଛନ୍ତି । ହେଲେ ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ମଧୁଚନ୍ଦ୍ରିକାରେ ବିକାଶ ବଦଳରେ ବିନାଶର କାର୍ଯ୍ୟ କରାଯାଉଥିବା ଅଭିଯୋଗ ହୋଇଛି । ଯାହାକୁ ନେଇ ସ୍ଥାନୀୟ ଅଂଚଳରେ ଅସନ୍ତୋଷ ପ୍ରକାଶ ପାଇଛି । ଏଭଳି ଅଭିଯୋଗ ହୋଇଛି ଯାଜପୁର ଜିଲା ଧର୍ମଶାଳା ବ୍ଲକ ଜାରକା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିନରେ ଥଛବା କୋଟପୁର ପଂଚାୟତସ୍ଥ ପାଳପଡାଠାରୁ ଭଗବାନପୁର ଭାୟା ସାନରାଏପଡା କେଲୁଅ ନଦୀ ଘେରି ବନ୍ଧ ମରାମତି ସମ୍ପ୍ରସାରଣ କାର୍ଯ୍ୟକ୍ଷେତ୍ରରେ । ଏହି କେଲୁଅ ନଦୀ ଘେରି ବନ୍ଧ ଭିତରେ ପଂଚାୟତର ଶହଶହ ପରିବାର ବସବାସ କରନ୍ତି । ଏବଂ ଏହି ନଦୀ ବନ୍ଧ ସେମାନଙ୍କର ମୁଖ୍ୟ ରାସ୍ତା ଓ ବନ୍ୟା ସମୟରେ ବନ୍ୟା ଦାଉରୁ ରକ୍ଷା ପାଇଁ ଏହି ଘେରି ବନ୍ଧ ସେମାନଙ୍କ ସୁରକ୍ଷା କବଚ । ଦୀର୍ଘ ଦିନ ପୂର୍ବରୁ ଏହି ଘେରି ବନ୍ଧର ମରାମତି କରାଯାଇଥିଲା । ହେଲେ କିଛି ଦିନ ପୂର୍ବେ ଏହି ଘେରି ବନ୍ଧ ଦୁର୍ବଳ ହେବା ସହି ରାସ୍ତାରେ ଯାତାୟତ କରିବାରେ ଜନସାଧାରଣ ନାହିଁ ନ ଥିବା ଅସୁବିଧାରେ ସମ୍ମୁଖୀନ ହୋଇଥିଲେ । ଏନେଇ ଗ୍ରାମବାସୀ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟଙ୍କ ନିକଟରେ ଅଭିଯୋଗ କରିଥିଲେ । ତୁରନ୍ତ ଏହି ନଦୀ ବନ୍ଧର ମରାମତି ଓ ସମ୍ପ୍ରସାରଣ ସାଂଗକୁ ରାସ୍ତାକୁ କଂକ୍ରିଟ କରିବାକୁ ବିଭାଗୀୟ ଅଧିକାରୀ ନିର୍ଦ୍ଦେଶ ଦେଇଥିଲେ । ଏହାର ସମ୍ପ୍ରସାରଣ ନିମନ୍ତେ ୧୪ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଥିବା ବେଳେ ଏବେ ଏହି ଘେରି ବନ୍ଧ ମରାମତିରେ ବ୍ୟାପକ ଅନିୟମିତା ହେଉଥିବା ନେଇ ଏବେ ଗ୍ରାମବାସୀ ଅଭିଯୋଗ ଆଣିଛନ୍ତି । ଘେରି ବନ୍ଧର ଉଭୟ ପାର୍ଶ୍ୱକୁ ୩ ଫୁଟ ସମ୍ପ୍ରସାରଣ ନିମନ୍ତେ ନିୟମ ରହିଛି । ହେଲେ ଠିକାଦାର ବନ୍ଧ ତଳୁ ମାଟି ନ ପକାଇ ବନ୍ଧ ଉପରେ ମିଶା ବାଲିମାଟି ପକାଇ କାର୍ଯ୍ୟ କରୁଛି । ଏପରିକି ବନ୍ଧ ଉପରେ ନିମ୍ନମାନର କଂକ୍ରିଟ ରାସ୍ତା ନିର୍ମାଣ କରାଯାଉଛି । କାର୍ଯ୍ୟ ସମୟରେ ତଦାରଖ ପାଇଁ ବିଭାଗୀୟ ଅଧିକାରୀ ଉପସ୍ଥିତି ପାଇଁ ସରକାରୀ ନିୟମ ରହିଛି । ହେଲେ ବିଭାଗୀୟ ଅଧିକାରୀ ଅନୁପସ୍ଥିତ ରହିବାରୁ ଠିକାଦାର ନିଜ ମନମୁତାବକ କାର୍ଯ୍ୟ କରୁଛି । ମୂଳ ଠିକାଦାର ଏହି କାର୍ଯ୍ୟକୁ ପେଟି ଠିକାଦାରଙ୍କ ହାତକୁ ଟେକି ଦେଇଥିବାରୁ ଏଭଳି ନିମ୍ନମାନର କାର୍ଯ୍ୟ କରାଯାଉଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଯାହାକି ଏହାର ସ୍ଥାୟୀତ୍ୱକୁ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଗ୍ରାମବାସୀ ବିଭାଗୀୟ ଯନ୍ତ୍ରୀଙ୍କ ସହ ଯୋଗାଯୋଗ କରିବାରୁ ଆଜି କାଲି କହି ସମୟ ଗଡାଇ ଚାଲିଛନ୍ତି । ଏହି ଘଟଣାକୁ ନେଇ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କଲେ ମଧ୍ୟ କିଛି ସୁଫଳ ମିଳୁ ନ ଥିବାରୁ ଠିକାଦାର ଓ ବିଭାଗୀୟ ଅଧିକାରୀ ମଧ୍ୟରେ ମଧୁଚନ୍ଦ୍ରିକାକୁ ଥିବା ନେଇ ମଧ୍ୟ ଅଭିଯୋଗ ହୋଇଛି । ଏପରିକି ଏହି ନଦୀ ବନ୍ଧ ମରାମତି ଠିକାଦାରଙ୍କ ଲେଉଟିଆ କିଆରୀ ପାଲଟିଛି । ତୁରନ୍ତ ବିଭାଗୀୟ ଅଧିକାରୀ ଦୃଷ୍ଟି ନ ଦେଲେ ଏକ ଜନ ଆନ୍ଦୋଳନର ମଣ୍ଡ ଟେକିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି ।

# ହନୁମାନ ଜୟନ୍ତୀ ଓ ବିଶ୍ୱ ଶାନ୍ତି ମହାଯଜ୍ଞ ଅନୁଷ୍ଠିତ

ଭଦ୍ରକ, ୧୧/୪ (ନି.ପ୍ର): ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ ଅନ୍ତର୍ଗତ ଆତୁଙ୍ଗ ଗ୍ରାମର ହନୁମାନ ମନ୍ଦିର ରେ ତିନି ଦିବସୀୟ ହନୁମାନ ଜୟନ୍ତି ଓ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହୋଇଛି । ଆଜି ପ୍ରଥମ ଦିବସରେ ଶତାଧିକ ଶ୍ରଦ୍ଧାଳୁ କଳସ ଶୋଭା ଯାତ୍ରାରେ ସାମିଲି ହୋଇଥିଲେ। ଆସନ୍ତା ତା ୧୩.୦୪.୨୦୨୪ ରିଖ ପୂର୍ଣ୍ଣାହୁତି ଦିଆଯିବ। ପ୍ରତିଦିନ କରାଯାଇଛି। ପାଖାପାଖି ଗ୍ରାମରୁ ବହୁ ହନୁମାନ ପ୍ରେମୀ ଭକ୍ତ ଉପସ୍ଥିତ ଥିବା ର ପରିଲକ୍ଷିତ ହେଉଛି। ହନୁମାନ କମିଟି ର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ସମାଜ ସେବୀ ଶିବାଜୀ ନାୟକ ଙ୍କ ନେତୃତ୍ୱରେ ଶାନ୍ତି ଶୃଙ୍ଖଳା ରକ୍ଷା କରାଯାଇଛି। ବୈକୁଣ୍ଠ ସନ୍ଧି ବିଗ୍ରହ ଙ୍କ ନେତୃତ୍ୱରେ ବିଜୟ କିଶନ ସନ୍ଧି ବିଗ୍ରହ, କରୁଣାକର ସନ୍ଧି ବିଗ୍ରହ, ରସାନନ୍ଦ ସନ୍ଧି



ସନ୍ଧ୍ୟାରେ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ପ୍ରତ୍ୟେକ ଦିନ ପ୍ରସାଦ ସେବନ ର ବ୍ୟବସ୍ଥା ବିଗ୍ରହ, ଲିପୁ ସନ୍ଧି ବିଗ୍ରହ ଓ ନକୁଳ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ।

# ଅବିଭକ୍ତ ବ୍ରହ୍ମବରଦାରେ ଭାଇଚାରା ମଧ୍ୟରେ ପାଳିତ ହେଲା ଇଦ୍ ଉଲ ଫିତର

ଧର୍ମଶାଳା, ୧୧/୪ (ନି.ପ୍ର): ମାସଟା ଯାକ ଦିନରେ କାଷ୍ଠା ଉପବାସ ରଖିବା ପରେ ପବିତ୍ର ରମଜାନ ମାସକୁ ବିଦାୟ ଦେଇଛି ମୁସଲମାନ ସମ୍ପ୍ରଦାୟର ଲୋକେ । ମୁସଲମାନ ଭାଇମାନଙ୍କର ଏହା ହେଉଛି ମୁଖ୍ୟ ପର୍ବ । ବୁଧବାର ଦିନ ଶେଷ ଦିନରେ ଚାନ୍ଦ ଦେଖିବା ସହିତ ଉପବାସ ଭଙ୍ଗ କରିଛନ୍ତି । ଆଜି ପବିତ୍ର ଇଦ୍ ଉଲ ଫିତର ମହାସମାରୋହରେ ପାଳନ କରିଛନ୍ତି । ଏହି କ୍ରମରେ ଆଜି ଯାଜପୁର ଜିଲା ରସୁଲପୁର ବ୍ଲକ ଅବିଭକ୍ତ ବ୍ରହ୍ମବରଦା ଅଂଚଳରେ ଧୂମଧାମରେ ପାଳିତ ହୋଇଛି ଇଦ୍ ପର୍ବ । ଛୋଟ ପିଲାମାନଙ୍କଠାରୁ ଆରମ୍ଭ କରି ବଡ ପର୍ଯ୍ୟନ୍ତ ସମସ୍ତ ମୁହଁରେ ହସ ଫୁଟିଛି । ସକାଳୁ ସକାଳୁ ନୂତନ ବସ୍ତ୍ର ପରିଧାନ କରି ହଜାର ହଜାର ମୁସଲମାନ ଭାଇମାନେ ଏକତ୍ର ହୋଇ ବ୍ୟାଙ୍କଛକସ୍ଥିତ ଇଦଗାହଠାରେ ଏକତ୍ର ହୋଇଥିଲେ । ଧର୍ମଗୁରୁ ଅବଦୁଲବାରି ସାଏବଙ୍କ ନିର୍ଦ୍ଦେଶ କ୍ରମେ ସକାଳ ୭ଟା ସମୟରେ ସମୂହ ନମାଜପାଠ ହୋଇଥିଲା । ବିଶ୍ୱରେ ଶାନ୍ତି ମୈତ୍ରୀ ଓ ଭାଇଚାରା ବଜାୟ ରହିବ ଏନେଇ ଆଲ୍ଲାଙ୍କ ନିକଟରେ ପ୍ରାର୍ଥନା କରାଯାଇଥିଲା । ଏହି ଅବସରରେ ମୁସଲମାନଭାଇମାନଙ୍କୁ ଶୁଭେଚ୍ଛା ଜଣାଇବାକୁ ବିଭିନ୍ନ ରାଜନୈତିକ ଦଳର ନେତୃମଣ୍ଡଳୀଙ୍କ ବେଶ୍ ଭିଡ ଜମି ଥିଲା । ବରୀ ନିର୍ବାଚନ ମଣ୍ଡଳୀ ଅଧିନରେ ବ୍ରହ୍ମବରଦା ଓ ମହେଶ୍ୱରପୁର ଅଂଚଳ ରହୁଥିବାରୁ ଆଜି ସକାଳୁ ସକାଳୁ ବରୀ ବିଧାୟିକା ସୁନନ୍ଦା ଦାସ ,ବିଜେଡି ରାଜ୍ୟ ସମ୍ପାଦକ ତଥା ଆଶାୟୀ ପ୍ରାର୍ଥୀ ବିଶ୍ୱରଂଜନ ମଲ୍ଲିକ, ବିଜେଡି ଆଶାୟୀ ଯୁବନେତା ସଞ୍ଜୀବ କୁମାର ଜେନା,ବିଜେପି ନେତା ତଥା ଆଶାୟୀ ପ୍ରାର୍ଥୀ ଉମେଶ ଜେନା,କଂଗ୍ରେସ ନେତ୍ରୀ ତଥା ଆଶାୟୀ ନେତ୍ରୀ ଆରତୀ ଦେଓ ପ୍ରମୁଖ ନିଜ ନିଜ ସମର୍ଥକଙ୍କୁ ସାଙ୍ଗରେ ଧରି ଇଦଗାହ ସମ୍ମୁଖରେ ସମବେତ ହୋଇ ମୁସଲିମ ଭାଇମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ । ବରୀ ବିଧାନସଭା ଆସନ ପାଇଁ ଏଯାଏଁ ତିନି ପ୍ରମୁଖ ରାଜନୈତିକ ଦଳ ସେମାନଙ୍କର ପ୍ରାର୍ଥୀ ଘୋଷଣା କରି ନ ଥିବା ବେଳେ କର୍ମୀ ମାନଙ୍କ ମଧ୍ୟରେ ଉତ୍କଣ୍ଠା ବଢିବାରେ ଲାଗିଛି । ତେବେ ଇଦ୍ ପର୍ବରେ ମୁସଲମାନ ମାଇମାନଙ୍କ ନିକଟରେ ପଂହଚି ନିଜ ନିଜ ସପକ୍ଷରେ ସମର୍ଥନ ହାତେଇବାକୁ ପ୍ରୟାସ କରିଥିଲେ । ଆଗକୁ ସାଧାରଣ ନିର୍ବାଚନ ଥିବାରୁ ବିଭିନ୍ନ ରାଜନୈତିକ ଦଳ ନେତାମାନଙ୍କର ଏକ ପ୍ରକାର ମେଳି ହୋଇଥିବା ଦେଖିବାକୁ ମିଳିଥିଲା । ଅନ୍ୟମାନଙ୍କ ମଧ୍ୟରେ ବରୀ ବିଜେଡି ସଂଯୋଜକ ଦେବେନ୍ଦ୍ର ଦାସ,ବ୍ରହ୍ମବରଦା ସରପଂଚ ମମତା ଶୁଭଦର୍ଶନୀ ଦେଓ,ଯୁବନେତା ପ୍ରଦୀପ ଦାସ,ରାକେଶ ଦେଓ,ହିମାଂଶୁ ନାୟକ,୩୬ ନଂ ଜୋନ ଜିଲା ପରିଷଦ ସଭ୍ୟା ଭାରତୀ ବିଶ୍ୱାଳ,ମହେଶ୍ୱରପୁର ସରପଂଚ ଝରଣା ପାତ୍ର ଓ ପୂର୍ବତନ ସରପଂଚ ସେକ୍ ଅକ୍ତର ଅଲ୍ଲୀ ପ୍ରମୁଖ ଉପସ୍ଥିତ ରହି ଥିଲେ । ପରସ୍ପରକୁ ଆଲିଙ୍ଗନ କରି ଅଂଚଳରେ ଶାନ୍ତି ପ୍ରତିଷ୍ଠା କରିବାକୁ ସମାଜକୁ ବାର୍ତ୍ତା ଦେଇଥିଲେ । ଶାନ୍ତିଶୃଙ୍ଖଳା ବଜାୟ ନିମନ୍ତେ ବ୍ରହ୍ମବରଦା ଥାନା ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା ।

# ଭବାନୀପାଟଣା ନିର୍ବାଚନ ମଣ୍ଡଳୀ ବୋର୍ଡ୍ୟା ଜୋନର ବିଜେଡି ଦଳର ସଂକଳ୍ପ ସମାବେଶ ଓ ମିଶ୍ରଣ ପର୍ବ ଅନୁଷ୍ଠିତ

ଭବାନୀପାଟଣା, ୧୧/୪ (ନି.ପ୍ର): ଆଜି ଭବାନୀପାଟଣା ନିର୍ବାଚନ ମଣ୍ଡଳୀ ର ବୋର୍ଡ୍ୟା ଜୋନ ବରଗାଁ ଠାରେ ବି ଜେ ଡି ଦଳ ତଥା ପ୍ରାର୍ଥୀନୀ ଲଳିତା ନାଏକଙ୍କ ତରଫ ରୁ ଏକ ସଂକଳ୍ପ ସମାବେଶ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇ ଥିଲା । ଏହି ସମାବେଶରେ ପ୍ରଥମେ ବୋର୍ଡ୍ୟା ଛକ ଠାରେ ବିଧାୟିକା ପ୍ରାର୍ଥୀନୀ ଲଳିତା ନାଏକ ସହ ନେତୃ ବୃନ୍ଦ ଏକ ରାଲିରେ ଏମପି ପ୍ରାର୍ଥୀ ଲମ୍ବୋଦର ନିଆଲଙ୍କୁ ସ୍ୱାଗତ କରିବା ପରେ ବିରାଟ ରାଲିରେ ଲଳିତା ନାଏକ ଓ ଲମ୍ବୋଦର ନିଆଲଙ୍କୁ ବୈଠକ ସ୍ଥାନକୁ ନିଆ ଯାଇଥିଲା ଏବଂ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ବ୍ଲକ ସଭାପତି ପ୍ରେମାନନ୍ଦ ପାଣିଗ୍ରାହୀ ସଭାପତିତ୍ୱ କରିଥିବା ବେଳେ ଆମ ଓଡିଶା ନବୀନ ଓଡିଶା ସଂଯୋଜକ ବଦ୍ରି ପଟ୍ଟନାୟକ, ପୂର୍ବତନ ବିଧାୟକ ଦୁଷ୍ମନ୍ତ ନାଏକ, ଦୟାନିଧି ନାଏକ, ସୁଶୀଲ କୁମାର ସାହୁ, ଅବନୀ ଭୋଇ ସମେତ ସମସ୍ତ ବି ଜେ ଡି କର୍ମକର୍ତ୍ତା ଉପସ୍ଥିତ ହୋଇ ଥିଲେ । ମିଲକି ଅଂଚଳ କୁ ବିକାଶ କରିବାକୁ ବିଧାୟିକା ପ୍ରାର୍ଥୀ ଦୃଢ ସଂକଳ୍ପ ପ୍ରତିଶୃତି ପ୍ରଦାନ କରିବା ସହ ସରକାରୀ ଯୋଜନା କୁ ଆଲୋଚନା ମାଧ୍ୟମ ବକ୍ତବ୍ୟ ପ୍ରଧାନ କରିଥିଲେ । ସେହିଭଳି ଏମ ପି ପ୍ରାର୍ଥୀ ନିଆଲ ମଧ ଅଂଚଳ ର ବିକାଶ କରିବାକୁ କହିଥିଲେ ଏବଂ ଆଗାମୀ ନିର୍ବାଚନ ୧୩ତାରିଖ ରେ ଶଙ୍ଖ ଚ୍ହିନ୍ନ ରେ ବିପୁଳ ସଂଖ୍ୟା ରେ ଭୋଟ ପ୍ରଦାନ କରିବାକୁ ସମସ୍ତ ଙ୍କୁ ଅନୁରୋଧ କରିଥିଲେ ଏବଂ ମିଶ୍ରଣ ପର୍ବ ରେ ଶହ ଶହ ବି ଜେ ପି, କଂଗ୍ରେସ ଦଳ ର କର୍ମୀ ମାନେ ବି ଜେ ଡି ରେ ଯୋଗଦାନ କରିଥିଲେ ।

# ଜନସେବା କେନ୍ଦ୍ରରେ ଲକ୍ଷ ଲକ୍ଷ ଟଙ୍କାର ଠକେଇ ଅଭିଯୋଗ

କେନ୍ଦ୍ରାପଡ଼ା, ୧୧/୪ (ନି.ପ୍ର): କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ପୁରୁଷୋତମପୁର ପଂଚାୟତ ଠାରେ ଥିବା ଜନସେବା କେନ୍ଦ୍ରରେ ଲକ୍ଷାଧିକ ଟଙ୍କାର ଠକେଇ ହୋଇଥିବା ସଦର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗରୁ ପ୍ରକାଶ ଯେ, ପୁରୁଷୋତମପୁର ବରହ୍ମପୁର ଗ୍ରାମର ଶରତ ପରିଡ଼ା, ହରେକୃଷ୍ଣ ପରିଡ଼ା, ଲୁସି ପରିଡ଼ା ପ୍ରମୁଖଙ୍କ ବ୍ୟାଙ୍କ ଖାତାକୁ କାଳିଆ ଯୋଜନା, ବଳିଆ ଯୋଜନା ଓ ଆବାସ ଯୋଜନା ଟଙ୍କା ଆସିଥାଏ। ଏହି ବ୍ୟକ୍ତିମାନେ ଅଶିକ୍ଷିତ ଥିବାରୁ ଜନସେବା କେନ୍ଦ୍ରର ମାଲିକ ଏମାନଙ୍କର ବ୍ୟାଙ୍କ ଖାତାକୁ ରଖି ଟିପ ନେଇ ବ୍ୟାଙ୍କ ଖାତାରୁ ଲକ୍ଷ ଲକ୍ଷ ଟଙ୍କା ଉଠଇ ହିତାଧିକାରୀମାନଙ୍କୁ ମାତ୍ର ଥରକରେ ୨ ହଜାର ୪ ହଜାର ଟଙ୍କା ପ୍ରଦାନ କରିଥାଏ। ଏ ବିଷୟରେ ଶରତ ଚନ୍ଦ୍ର ପରିଡ଼ାଙ୍କୁ ସନ୍ଦେହ ହେବାରୁ ସେ ତାଙ୍କ ପୁତ୍ରକୁ ବ୍ୟାଙ୍କ ଖାତା ଦେଇ ବ୍ୟାଙ୍କୁ ଯାଇ ସେଠାରେ କେତେ ଟଙ୍କା ଆସିଛି ଦେଖିବାକୁ କହିଥିଲେ। ସେଠାରେ ଜଣାପଡ଼ିଥିଲା ଯେ ବ୍ୟାଙ୍କ ଖାତାକୁ ୬୦ ହଜାର ଟଙ୍କା ଆସିଥିବାବେଳେ ଜନସେବା କେନ୍ଦ୍ର ମାଲିକ ତାଙ୍କୁ ମାତ୍ର ୬ ହଜାର ଟଙ୍କା ପ୍ରଦାନ କରି ଅବଶିଷ୍ଟ ଟଙ୍କାକୁ ହଡ଼ପ କରିଥିଲେ। ଏ ବିଷୟରେ ସେ ଜାଣିବା ପରେ ଜନସେବା କେନ୍ଦ୍ର ମାଲିକକୁ ପଚାରିବାରୁ ସେ ତାଙ୍କ ଅସଭ୍ୟ ଭାଷାରେ ଗାଳି ଗୁଲଜ କରିଥିବା ଓ ଟଙ୍କା ହଡ଼ପ କରିଥିବା ନେଇ ସଦର ଥାନାରେ ଏତଲା ଦେଇଛନ୍ତି। ଥାନା ଅଧିକାରୀ ଏତଲା ପାଇବା ପରେ ତଦନ୍ତ କରୁଥିବା ଜଣାପଡ଼ିଛି।

# ଗରାପୁର ଶ୍ରୀମହାବୀର ଆଶ୍ରମରେ ଶ୍ରୀରାମଚରିତ ମାନସ ପରାୟଣ ଶୁଭାରମ୍ଭ

କେନ୍ଦ୍ରାପଡ଼ା, ୧୧/୪ (ନି.ପ୍ର): ଗତକାଲି ଗରାପୁରସ୍ଥିତ ବାବା ବୈକୁଣ୍ଠ ବ୍ରହ୍ମଚାରୀଙ୍କ ଦ୍ୱାରା ପ୍ରତିଷ୍ଠିତ ଶ୍ରୀମହାବୀର ହନୁମାନ ଆଶ୍ରମରେ ଶ୍ରୀରାମଚରିତ ମାନସ ପରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞ ମନ୍ଦିର ପରିଚାଳନା କମିଟିର ସଭାପତି ବୈଷ୍ଣବ ପଦରଜ ଭିକ୍ଷୁ ବାବାଜୀ ଚେତନାନନ୍ଦ ଦାସ ମହାରାଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶୁଭାରମ୍ଭ ହୋଇଯାଇଛି । ପ୍ରଥମ ଉଦ୍‌ଘାଟନ ସନ୍ଧ୍ୟାରେ ମଙ୍ଗଳା ଚରଣ, ବନ୍ଦନା, ନାମ ମହାତ୍ମ୍ୟ ଓ ଶିବପାର୍ବତୀ ସମ୍ବାଦ ପ୍ରସଙ୍ଗ ପ୍ରବଚନ ଜ୍ଞାନଯଜ୍ଞ ପ୍ରଦାନ କରିଥିଲେ ପୂଜ୍ୟ ବାବାଜୀ ଅମୃତାନନ୍ଦ ଦାସ ମହାରାଜ। ଉକ୍ତ କାର୍ଯ୍ୟକ୍ରମ ମର୍ଯ୍ୟାଦା ପୁରୁଷୋତମ ଶ୍ରୀରାମଚନ୍ଦ୍ରଙ୍କର ଶୁଭ ଜନ୍ମ ମହୋତ୍ସବ ଶ୍ରୀରାମ ନବମୀ ୧୭ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ନିମ୍ନ କାର୍ଯ୍ୟସୂଚୀ ଅନୁସାରେ ପୂଜ୍ୟ ପ୍ରବକ୍ତାମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଦ୍ୱିତୀୟ ଦିବସ ୧୦ ତାରିଖରେ ପୂଜ୍ୟ ପ୍ରବକ୍ତା ଅନ୍ତର୍ଯ୍ୟାମୀ ବରାଳ, ୧୨ ତାରିଖରେ ବାବାଜୀ ସତ୍ୟାନନ୍ଦ ଦାସ, ୧୪ ତାରିଖରେ ଅମୃତାନନ୍ଦ ଦାସ, ୧୫ ତାରିଖରେ ପୂଜ୍ୟ ବାବାଜୀ ପୁରୁଷୋତମ ଦାସ, ୧୭ ତାରିଖରେ ପୂଜ୍ୟ ବାବାଜୀ ସତ୍ୟାନନ୍ଦ ଦାସ ଓ କୁନି ପ୍ରବଚକ କେଶବ(ମଧ୍ୟାହ୍ନ) ପୂଜ୍ୟ ବାବାଜୀ ପୁରୁଷୋତମ ଦାସ(ସନ୍ଧ୍ୟା)ରେ। ୧୪ ତାରିଖ ରବିବାର ପବିତ୍ର ମହାବିଷୁବ ସଂକ୍ରାନ୍ତି ତିଥିରେ ବୀର ହନୁମାନଙ୍କର ପବିତ୍ର ଜନ୍ମୋତ୍ସବ ପାଳନ କରାଯିବ। ଉକ୍ତ ପାରମାର୍ଥିକ ସତ୍‌ସଙ୍ଗ ଅନୁଷ୍ଠାନରେ ସମସ୍ତ ରାମପ୍ରେମୀମାନେ ଯୋଗଦାନ କରିବା ପାଇଁ ଅନ୍ତେବାସୀ ସନ୍ନ୍ୟାସୀ ବାବାଜୀ ଶ୍ରଦ୍ଧାନନ୍ଦ ଦାସ ଓ ଅନ୍ୟମାନେ ନିବେଦନ କରିଛନ୍ତି।

# ବଲାଙ୍ଗୀରରେ ବାସନ୍ତିକ ଦୁର୍ଗା ପୂଜା, ପୀଠମାନଙ୍କରେ ଦେବୀଙ୍କ ଆରାଧନା ଚାଲିଛି

ବଲାଙ୍ଗୀର, ୧୧/୪ (ନି.ପ୍ର): ଚୈତ୍ର ମାସରେ ନବଦିନ ବ୍ୟାପୀ ଦେବୀ ପର୍ବରେ ବାସନ୍ତିକ ଦୁର୍ଗା ପୂଜା ସ୍ଥାନୀୟ ଦୁର୍ଗା ମନ୍ଦିର ଠାରେ ପ୍ରତି ଦିନ ମାଙ୍କ ବିଭିନ୍ନ ବେଶରେ ଉଭା ହୋଇ ପୀଠରେ ଶ୍ରଦ୍ଧାଳୁମାନଙ୍କୁ ଦର୍ଶନ ଦେଉଛନ୍ତି। ଗତକାଲି ଚୈତ୍ର ମଙ୍ଗଳବାର ନବରାତ୍ରି ଆରମ୍ଭ ଏହା ହେଉଛି ମାଙ୍କ ଉପାସନାର ପର୍ବ। କେତେବେଳେ ମା ତାଙ୍କ କରୁଣା ଦେଖାଇ କରୁଣାମୟୀ ଭକ୍ତର ଡାକ ଶୁଣନ୍ତି ତ କେତେବେଳେ ଉଗ୍ର ରୂପରେ ପାପିକୁ ନାଶ କରିଥାନ୍ତି। ବିଧିବଦ୍ଧ ଭାବରେ ନଅ ଦିନଯାକ ମାଆଙ୍କ ନଟି ସ୍ୱରୂପକୁ ପୂଜା କରାଯାଇଥାଏ। ହିନ୍ଦୁବର୍ଷ ଆରମ୍ଭ ଚୈତ୍ର ଶୁକ୍ଳ ପ୍ରତିପଦ ତିଥିରେ ନବରାତ୍ରି ଆରମ୍ଭ ହୋଇ ନବରାତ୍ରି ଶେଷଦିନ ରାମ ନବମୀ ଦିନ ପର୍ଯ୍ୟନ୍ତ ଚାଲିବ। ମାଙ୍କ ବିଭିନ୍ନ ବେଶ ଭିତରେ ଶୈଳପୁତ୍ରୀ, ବ୍ରହ୍ମଚାରିଣୀ, ଚନ୍ଦ୍ର ଘଂଟା, କୁଷ୍ମାଣ୍ଡା, ସ୍କନ୍ଧ ମାତା, କାତ୍ୟାୟନୀ, କାଳରାତ୍ରି, ମହାଗୌରି ଓ ସିଦ୍ଧିଦାତ୍ରି। ପ୍ରଥମ ଦିନ ମାଙ୍କୁ ଶୈଳପୁତ୍ରି ବେଶ ରେ ପୂଜା କରା ଯାଇଥାଏ ମଙ୍ଗଳବାର ଶୈଳପୁତ୍ରୀ ବେଶ ରେ ଦର୍ଶନ ଦେଇଥିଲେ ମା ଆଦିଶକ୍ତି ତାଙ୍କର ବିଧିବଦ୍ଧ ପୂଜା ଅର୍ଚ୍ଚନା ସହିତ ଦୁର୍ଗା ମନ୍ଦିର ରେ ସ୍ୱତନ୍ତ୍ର ଭାବରେ ଚଣ୍ଡୀ ପାଠ ହୋମ ଯଜ୍ଞ ଅନୁଷ୍ଠିତ ହେଉଛି। ଦ୍ୱିତୀୟ ଦିନରେ ଆଜି ମା ବ୍ରହ୍ମଚାରିଣୀ ବେଶରେ ପୂଜା ପାଉଛନ୍ତି। ଆଜି ମା ଙ୍କ ଉପାସନା କଲେ ମଙ୍ଗଳ ଗ୍ରହର ଖରାପ ପ୍ରଭାବକୁ କମ କରିଥାଏ। ବିଦ୍ୟାର୍ଥୀ ତପସ୍ୱୀମାନେ ଆଜି ପୂଜା କଲେ ଶୁଭଫଳ ମିଳିବା ବିଶ୍ୱାସ ରହିଛି। ଦୁର୍ଗା ମନ୍ଦିରରେ ପ୍ରତି ଦିନ ମାଙ୍କୁ ବିଭିନ୍ନ ବେଶରେ ସଜା ଯାଉଥିବାବେଳେ ମନ୍ଦିରରୁ ଭାଷୀ ଆସୁଥିବା ଚଣ୍ଡି ପାଠ ଓ ପଣ୍ଡିତ ପୁରୋହିତଙ୍କ ମନ୍ତ ପାଠ ପରିବେଶକୁ ଭକ୍ତିମୟ କରି ଦେଉଛି। ଏଠାରେ ଥିବା ଅନ୍ୟ ଦେବୀ ପୀଠ ପାଟନେଶ୍ୱରି ସମଲେଶ୍ୱରୀ ମନ୍ଦିରରେ ମଧ ଏହି ୯ ଦିନରେ ବିଶେଷ ପୂଜା ଅନୁଷ୍ଠାନ ହେଉଥିବାରୁ ଏହି ସମୟରେ ସବୁଦିନ ବିଶେଷ ଭକ୍ତଙ୍କ ଭିଡ଼ ହେଉଥିବା ଦେଖାଯାଉଛି।

# ଚମ୍ପୁଆ ନିର୍ବାଚନ ମଣ୍ଡଳୀ : ଟିକଟକୁ ନେଇ ଦ୍ୱନ୍ଦରେ ନେତା ଓ ଜନତା

ଚମ୍ପୁଆ, ୧୧/୪ (ନି.ପ୍ର): କେନ୍ଦୁଝର ଜିଲ୍ଲାର ଖଣି ସମୃଦ୍ଧ ଚମ୍ପୁଆ ନିର୍ବାଚନ ମଣ୍ଡଳୀର ଓଡିଶାରେ ଏକ ସ୍ୱତନ୍ତ୍ର ସ୍ଥାନ ରହି ଆସିଛି। ଏହି ବିଧାନସଭା ମଣ୍ଡଳୀ ଅଣଅଂରକ୍ଷିତ ହେବା ପରେ ଏକଦା ଏହା ଶିଳ୍ପପତିଙ୍କ କବଜାରେ ରହି ଆସିଛି। ୨୦୦୯ ରେ କଂଗ୍ରେସ ପ୍ରାର୍ଥୀ ସନାତନ ମହାକୁଡ଼ଙ୍କୁ ହରାଇ ସ୍ୱାଧୀନ ପ୍ରାର୍ଥୀ ଜିତୁ ପଟ୍ଟନାୟକ ବିଜୟୀ ହୋଇଥିଲେ। ୨୦୧୪ ରେ ସ୍ୱାଧୀନ ପ୍ରାର୍ଥୀ ସନାତନ ମହାକୁଡ଼ ନିକଟତମ ପ୍ରତିଦ୍ୱନ୍ଦୀ ସ୍ୱାଧୀନ ପ୍ରାର୍ଥୀ କୁଶ ଆପଟଙ୍କୁ ହରାଇ ବିଧାୟକ ହୋଇ ଥିବା ବେଳେ ୨୦୧୯ ନିର୍ବାଚନରେ ସନାତନ ମହାକୁଡ଼ଙ୍କ ସମର୍ଥନ ରେ ବିଜେଡି ପ୍ରାର୍ଥୀ ମିନାକ୍ଷୀ ମହାନ୍ତ ନିକଟ ପ୍ରତିଦ୍ୱନ୍ଦୀ ବିଜେପି ପ୍ରାର୍ଥୀ ମୁରଲୀ ମନୋହର ଶର୍ମାଙ୍କୁ ୨୬,୪୦୮ ଭୋଟ ବ୍ୟବଧାନ ରେ ହରାଇ ବିଧାୟିକା ହୋଇଥିଲେ। ହେଲେ ଏବେ ସ୍ଥିତି ବଦଳିଛି, ପୂର୍ବରୁ ସବୁବେଳେ ନିଜ ସଂଗଠନକୁ ନେଇ ଚର୍ଚ୍ଚା ରେ ରହି ଆସିଥିବା ସନାତନ ମହାକୁଡ଼ଙ୍କ ଏବେ ପୂର୍ବ ପରି ଆଉ ଦୃଢ଼ ସଂଗଠନ ନ ଥିବା କୁହା ଯାଉଛି। ସେ ବିଜେଡି ଅଥବା ବିଜେପି ଯେ କୌଣସି ଦଳରୁ ଟିକଟ ପାଇଁ ଆଶାୟୀ ରହିଥିବା ଆଲୋଚନା ହେଉଥିବା ବେଳେ ପୂର୍ବତନ ବିଜେଡି ସାଂସଦ ଯୋଶବନ୍ତ ସିଂ ଲାଗୁରୀ ଓ ତାଙ୍କର ସାଂସଦ ପତ୍ନୀ ଶକୁନ୍ତଳା ଲାଗୁରୀ ବିଜେଡି ଛାଡି କଂଗ୍ରେସରେ ସାମିଲ ହେବା ବିଜେଡି ଓ ବିଜେପିର ମୁଣ୍ଡବ୍ୟଥା ବଢାଇଛି। ତେଣୁ ଉଭୟ ଦଳ ସ୍ଥିତି ପରଖି ରଣନୀତି ପ୍ରସ୍ତୁତ କରୁଛନ୍ତି। ତେବେ ଚମ୍ପୁଆ ବିଜେଡି ଟିକଟ ପାଇଁ ତିନି ପ୍ରମୁଖ ପ୍ରତିଦ୍ୱନ୍ଦୀ ସନାତନ ମହାକୁଡ଼, ବିଧାୟିକା ମିନାକ୍ଷୀ ମହାନ୍ତ ଓ ବିଜେଡି ନେତା କୁଶ ଆପଟ ପ୍ରମୁଖ ଦାବିଦାର କୁହା ଯାଉଥିବା ବେଳେ କୁଶ ଆପଟଙ୍କୁ ହଠାତ ନବୀନ ନିବାସ ଡାକରା ହେବା ଓ ତାଙ୍କର ନବୀନଙ୍କ ସହିତ ଫୋଟ ଭାଇରାଲ ହେବା ପରେ ଏହା ଚମ୍ପୁଆରେ ହଇଚଇ ସୃଷ୍ଟି କରି ସାରିଛି। ଅନ୍ୟପଟେ ବିଜେପି ପକ୍ଷରୁ ପ୍ରାର୍ଥୀ ହେବା ପାଇଁ ଅନେକ ଆଶାୟୀ ଥିଲେ ମଧ ମୁରଲୀ ମନୋହର ଶର୍ମା ଓ ଶ୍ରୀମନ୍ତ କୁମାର ତ୍ରିପାଠୀଙ୍କ ନାମ ଶୀର୍ଷରେ ରହିଥିବା କୁହା ଯାଉଛି। ମୁରଲୀ ଶର୍ମାଙ୍କୁ ସନାଙ୍କ ସଂଗଠନ ଆଗରେ ଦୁଇ ଦୁଇ ଥର ନିର୍ବାଚନରେ ପରାଜୟ ଶୀକାର କରିବାକୁ ପଡ଼ି ଥିବାବେଳେ ଚମ୍ପୁଆ ନିର୍ବାଚନ ମଣ୍ଡଳୀରେ ଶ୍ରୀମନ୍ତ ତ୍ରିପାଠୀଙ୍କ ନିଜର ସଂଗଠନ ଓ ଭୋଟ ବ୍ୟାଙ୍କ ରହିଛି। ସେ ନିଜର ସାଙ୍ଗଠନିକ ସ୍ଥିତିକୁ ସୁଦୃଢ କରି ଭଲ, ମନ୍ଦ ସବୁ ସମୟରେ ଲୋକଙ୍କୁ ସାହାଯ୍ୟ, ସହଯୋଗ କରି ଆସୁଥିବାରୁ ନିର୍ବାଚନ ମଣ୍ଡଳୀରେ ତାଙ୍କର ବେଶ ଦବଦବା ରହିଛି। ତେଣୁ ୨୦୨୪ ଚମ୍ପୁଆ ବିଧାନସଭା ମଣ୍ଡଳୀ ପାଇଁ ଏପର୍ଯ୍ୟନ୍ତ କୌଣସି ଦଳ ପ୍ରାର୍ଥୀ ଘୋଷଣା କରି ନ ଥିବାବେଳେ ଟିକଟ କିଏ ପାଇବ, କିଏ କଟିବ ସେ ନେଇ ନେତା, କର୍ମୀ ଓ ଜନତାଙ୍କ ମଧରେ ସଂଶୟ ବୃଦ୍ଧି ପାଇବାରେ ଲାଗିଛି।

# ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଇନ୍ଦିରା ଗାନ୍ଧୀ ଜାତୀୟ କଳା କେନ୍ଦ୍ର ସହ ବୁଝାମଣାପତ୍ର ସ୍ୱାକ୍ଷର କରିବ

ଜୟପୁର , ୧୧/୪ (ନି.ପ୍ର): ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ (ସିୟୁଓ), କୋରାପୁଟ ବୁଧବାର ଏକ ଗୁରୁତ୍ୱପୂର୍ଣ୍ଣ ସାମ୍ବାଦିକ ସମ୍ମିଳନୀରେ ଇନ୍ଦିରା ଗାନ୍ଧୀ ଜାତୀୟ କଳା କେନ୍ଦ୍ର (ଆଇଜିଏନସିଏ), ନୂଆଦିଲ୍ଲୀ ସହିତ ଏକ ଗୁରୁତ୍ୱପୂର୍ଣ୍ଣ ପାରସ୍ପରିକ ଏକାଡେମିକ ସହଯୋଗ ପାଇଁ ଯୋଜନା ଘୋଷଣା କରାଯାଇଛି। ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ଅଧୀନରେ ଥିବା ସିୟୁଓ ଏବଂ ସଂସ୍କୃତି ମନ୍ତ୍ରଣାଳୟ ଅଧୀନରେ ଥିବା ଆଇଜିଏନସିଏ ମଧ୍ୟରେ ହେବାକୁ ଥିବା ବୁଝାମଣାପତ୍ର (ଏମଓୟୁ) ଘୋଷଣା କରିବା ଏହି ସମାବେଶର ଉଦ୍ଦେଶ୍ୟ ଥିଲା । ପାରମ୍ପରିକ ଜ୍ଞାନକୁ ସୁରକ୍ଷିତ ରଖିବା ଏବଂ ପ୍ରୋତ୍ସାହିତ କରିବା ଏହି ବୁଝାମଣାର ଲକ୍ଷ୍ୟ ।

ଦୁଇ ଅନୁଷ୍ଠାନର ମିଳିତ ଉଦ୍ୟମରେ ବର୍ତ୍ତମାନ ଆଇଜିଏନସିଏର ୫୫ ଜଣ ପ୍ରତିନିଧି ଏବଂ ସିୟୁଓର ଛାତ୍ର ଛାତ୍ରୀ ଓ ଅଧ୍ୟାପକ କୋରାପୁଟ ଅଂଚଳର କ୍ଷେତ୍ର ଗବେଷଣା ନିମନ୍ତେ ପରିଦର୍ଶନ କରୁଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ସିୟୁଓର ମାନ୍ୟବର କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ଶିକ୍ଷା ଓ ଗବେଷଣାର ଦ୍ୱିତୀୟ ସ୍ତମ୍ଭ ପ୍ରତି ଅନୁଷ୍ଠାନର ପ୍ରତିବଦ୍ଧତା ଉପରେ ଆଲୋକପାତ କରିବା ସହ ଆଦିବାସୀ ସଂସ୍କୃତି ଉପରେ ବିଶେଷ ଧ୍ୟାନ ଦେଇ ସାଂସ୍କୃତିକ ଅଧ୍ୟୟନରେ ସ୍ୱତନ୍ତ୍ର ପାଠ୍ୟକ୍ରମ ପ୍ରଦାନ ପାଇଁ ଆଇଜିଏନସିଏ ସହ ଭାଗିଦାରୀ କରିବାର ସମ୍ଭାବନା ଉପରେ ଆଲୋକପାତ କରିଥିଲେ। ସେ ପାରମ୍ପରିକ ଜ୍ଞାନକୁ ବିଜ୍ଞାନ ଓ ଟେକ୍ନୋଲୋଜି ସହିତ ଯୋଡିବା ପାଇଁ କହିଥିଲେ।

ଆଇଜିଏନସିଏର ଭାରତୀୟ ସାହିତ୍ୟ ବିଭାଗମୁଖ୍ୟ ପ୍ରଫେସର ଅରୁଣ କେ ଭରଦ୍ୱାଜ ଜ୍ଞାନ ବିନିମୟ ଏବଂ ଡକ୍ୟୁମେଣ୍ଟେସନ୍ ପାଇଁ ମିଳିତ ପ୍ରୟାସ ବିଷୟରେ ବିସ୍ତୃତ ଭାବେ ସୂଚନା ଦେଇଥିଲେ। ମନ୍ଦିର ସମ୍ପଦ, ପ୍ରାକୃତିକ ସମ୍ପଦ ଏବଂ ଆଦିବାସୀ ପରମ୍ପରା ଉପରେ ବିଶେଷ ଅଧ୍ୟୟନ କରିବାରେ ଆଇଜିଏନସିଏ ସହ ସହଯୋଗ କରୁଥିବା ଏକମାତ୍ର କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ସିୟୁଓକୁ ସେ ପ୍ରଶଂସା କରିଥିଲେ । ଡିଜିଟାଲ ଫର୍ମାଟରେ ପାରମ୍ପରିକ ଜ୍ଞାନର ସଂରକ୍ଷଣ ଏବଂ ଡକ୍ୟୁମେଣ୍ଟେସନ୍ ସହିତ ସାଂସ୍କୃତିକ ଜ୍ଞାନ ଏବଂ ଅଧ୍ୟୟନର ପ୍ରସାର ପାଇଁ ଅନଲାଇନ୍ ପାଠ୍ୟକ୍ରମ ପ୍ରଚଳନ ମଧ୍ୟ ଏହି ଭାଗିଦାରୀରେ ଅନ୍ତର୍ଭୁକ୍ତ। ଆନୁଷ୍ଠାନିକ ପ୍ରକ୍ରିୟା ବ୍ୟତୀତ ସିୟୁଓର ଜୈବ ବିବିଧତା ଏବଂ ପ୍ରାକୃତିକ ସମ୍ପଦ ସଂରକ୍ଷଣ ବିଭାଗ (ଡିବିସିଏନଆର)ର ଛାତ୍ରଛାତ୍ରୀଙ୍କ ସୌଜନ୍ୟରେ ଏହି ଅଂଚଳର ସମୃଦ୍ଧ ଉଦ୍ଭିଦ ଓ ଜୀବଜନ୍ତୁଙ୍କୁ ପ୍ରଦର୍ଶିତ କରୁଥିବା ଏକ ପ୍ରଦର୍ଶନୀର ଆୟୋଜନ ହୋଇଥିଲା । ଏଥିରେ କୋରାପୁଟ ଅଂଚଳର ପାରମ୍ପରିକ ଖାଦ୍ୟର ମୁଖ୍ୟ ଖାଦ୍ୟ ବାଜରାରୁ ପ୍ରସ୍ତୁତ ବିଭିନ୍ନ ଉତ୍ପାଦକୁ ନେଇ ଆୟୋଜିତ ପ୍ରଦର୍ଶନୀ ଦର୍ଶକଙ୍କୁ ଆକର୍ଷିତ କରିଥିଲା।

ଏହି ସାମ୍ବାଦିକ ସମ୍ମିଳନୀରେ ଉଭୟ ସିୟୁଓ ଏବଂ ଆଇଜିଏନସିଏର ବିଶିଷ୍ଟ ବ୍ୟକ୍ତିବିଶେଷ, ଗଣମାଧ୍ୟମ କର୍ମଚାରୀ, ସିୟୁଓର ମିଡିଆ କମିଟିର ସଦସ୍ୟ ଏବଂ ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ଥିଲେ। ସେମାନଙ୍କ ମଧ୍ୟରେ ଡ. ଭରତ ପଣ୍ଡା (ଶିକ୍ଷା ପ୍ରଫେସର), ଡ. ପଦ୍ମ ଚରଣ ମିଶ୍ର (ଆସୋସିଏଟ୍ ପ୍ରଫେସର ଓ ଏଚ୍‌ଓଡି, ବ୍ୟବସାୟ ପରିଚାଳନା ବିଭାଗ), ଡ. ସୌରଭ ଗୁପ୍ତା (ଆଇଜିଏନସିଏ ଭିଜିଟ୍ ର ସଂଯୋଜକ), ଡାକ୍ତର ନିଖିଲ ଗୌଡ଼ (ସମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗର ଆସୋସିଏଟ୍ ପ୍ରଫେସର ଓ ମୁଖ୍ୟ), ଡ. ଫଗୁନାଥ ଭୋଇ (ଜନସମ୍ପର୍କ ଅଧିକାରୀ, ସିୟୁଓ), ଏବଂ ପ୍ରଫେସର ଅନିଲ କୁମାର (ପ୍ରଫେସର ଅଫ୍ ଟ୍ରାଇବଲ୍ ଷ୍ଟଡିଜ୍, ଆଇଜିଏନସିଏ) ପ୍ରମୁଖ ଉପସ୍ଥିତ ଥିଲେ ।

# ଡାଏଟରେ ସାମିଲ କରନ୍ତୁ ଏହି ଖାଦ୍ୟ : ପୁରୁଷଙ୍କୁ ମିଳିବ ଗଜବ ଶକ୍ତି

ଆଜିକାଲି ପୁରୁଷଙ୍କ ମୁଣ୍ଡରେ ଏକସାଙ୍ଗରେ ଅନେକ ଦାୟିତ୍ୱ ରହିଛି, ଯେପରିକି- ପାଠପଢ଼ା. କ୍ୟାରିୟର ଚିନ୍ତାରୁ ନେଇ ପରିବାରର ଖର୍ଚ୍ଚ ଆଜି ସମ୍ଭାଳିବା ସମ୍ଭବ ନୁହେଁ । ଏହି ସବୁ ଦାୟିତ୍ୱ ତୁଲାଇବା ନିଶାରେ ସେମାନେ ନିଜ ସ୍ୱାସ୍ଥ୍ୟକୁ ଯତ୍ନ ନେଇପାରନ୍ତି ନାହିଁ ଓ ଖାଇବା-ପିଇବା ଆଦିରେ ଅଣଦେଖା କରନ୍ତି । ଯାହାଫଳରେ ମୋଟାପଣ, ହାଇ କୋଲେଷ୍ଟ୍ରଲ, ହାଇ ବ୍ଲଡ ପ୍ରେସର, ହାର୍ଟ ଆଟାକ୍, କ୍ୟାନ୍ସର ଓ ଡାଇବେଟିସ୍ ଭଳି ରୋଗର ଶିକାର ହୁଅନ୍ତି । ଏପରି ପରିସ୍ଥିତିରେ ଆପଣ ଡାଏଟରେ କିଛି ପରିବର୍ତ୍ତନ କରିବା ଦ୍ୱାରା ଆପଣଙ୍କ ଶରୀର ସୁସ୍ଥ ରହିପାରିବ । ତେବେ ଆସନ୍ତୁ ଜାଣିବା କେଉଁ ଖାଦ୍ୟ ପୁରୁଷମାନେ ଖାଇବା ଉଚିତ୍...



**୧. କ୍ଷୀର:** ପୁରୁଷମାନେ ପିଲାଦିନରୁ ବୃଦ୍ଧାବସ୍ଥା ପର୍ଯ୍ୟନ୍ତ କ୍ଷୀର ଏବଂ ଏଥିରୁ ପ୍ରସ୍ତୁତ ଜିନିଷ ଖାଇବା ଆବଶ୍ୟକ । କାରଣ ଏଥିରେ କ୍ୟାଲସିୟମ୍, ଭିଟାମିନ୍ ଡି, ପ୍ରୋଟିନ୍, ଆମିନୋ ଏସିଡ୍ ଏବଂ ଲ୍ୟୁଟିନ୍ ଭରପୂର ମାତ୍ରାରେ ରହିଛି । ଏହା ପୁରୁଷମାନଙ୍କ ଶରୀରକୁ ମଜବୁତ କରିଥାଏ ।

**୨. ଅଣ୍ଡା:** କୁହାଯାଏ ଯେ 'ରବିବାର ହେଉ ବା ସୋମବାର, ପ୍ରତିଦିନ ଅଣ୍ଡା ଖାଇବା ଉଚିତ୍' କାରଣ ତାହା କୌଣସି ସୁପରଫୁଡ୍ ଠାରୁ କମ୍ ନୁହେଁ । ଏହାକୁ ପ୍ରାୟତଃ ଜଳଖିଆରେ ଖାଇବାକୁ ପରାମର୍ଶ ଦିଆଯାଏ । ଅଣ୍ଡାରେ ପ୍ରୋଟିନ୍, ଆଇରନ୍, କ୍ୟାଲସିୟମ୍, ଭିଟାମିନ୍ ବି, ଭିଟାମିନ୍ ଡି ଏବଂ ଲ୍ୟୁଟିନ୍ ଥାଏ, ଯାହା ଶରୀର ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

**୩.ସବୁଜ ପନିପରିବା:** ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ସବୁବେଳେ ସବୁଜ ପନିପରିବା ଖାଦ୍ୟରେ ସାମିଲ କରିବାକୁ ପରାମର୍ଶ ଦିଅନ୍ତି, କାରଣ ଏହା ପୁରୁଷଙ୍କ ସମେତ ସମସ୍ତଙ୍କ ପାଇଁ ଲାଭଦାୟକ । ଆପଣ ଏହି ତାଲିକାରେ ଶାଗ, ଫୁଲକୋବି ଓ ପତ୍ରକୋବି ସାମିଲ କରିବା ଉଚିତ୍।

**୪. ଡ୍ରାଏ ଫ୍ରୁଟ୍ସ:** ଡ୍ରାଏ ଫ୍ରୁଟ୍ସ ସବୁବେଳେ ସ୍ୱାସ୍ଥ୍ୟ ପାଇଁ ଭଲ ବୋଲି ବିବେଚନା କରାଯାଏ । କାରଣ ଏଥିରୁ କେବଳ ଶରୀରକୁ ନୁହେଁ ବରଂ ମସ୍ତିଷ୍କକୁ ମଧ୍ୟ ଫାଇଦା ମିଳିଥାଏ । ଯଦି ଆପଣ ବାଦାମ ଏବଂ ଅଖରୋଟ ଖାଆନ୍ତି, ତେବେ ଶରୀରରେ ବ୍ୟାଡ କୋଲେଷ୍ଟ୍ରଲ୍ର ମାତ୍ରା କମିଯିବ ।

# ଡାଇବେଟିସ ରୋଗୀଙ୍କ ପାଇଁ ଆମ୍ବ ଖାଇବା ଭଲ ନା ଖରାପ ?: ଜାଣନ୍ତୁ

ଆମ୍ବକୁ ସବୁ ଫଳର ରାଜା କୁହାଯାଏ। ଛୋଟରୁ ବଡ଼ ସମସ୍ତଙ୍କ ପସନ୍ଦ ଆମ୍ବ। ଖରାଦିନ ଆସିଲେ ଆମ୍ବକୁ ସମସ୍ତେ ଅନାଇ ବସିଥାନ୍ତି। କିନ୍ତୁ ମଧୁମେହ ରୋଗୀଙ୍କ ପାଇଁ ଏହା ଏକ ଦଣ୍ଡ ସଦୃଶ। କାରଣ ଏହି ରୋଗରେ ଆକ୍ରାନ୍ତ ଥିବା ବ୍ୟକ୍ତି



ଏହାକୁ ଖାଇପାରିବେ ନାହିଁ ବୋଲି କୁହାଯାଏ। ଯଦି ଆପଣ ଏହା ଭାବୁଛନ୍ତି ତା'ହେଲେ ଆପଣଙ୍କ ଭାବନାକୁ ବଦଳାନ୍ତୁ। ମଧୁମେହ ରୋଗୀ ମଧ୍ୟ ଆମ୍ବ ଖାଇପାରିବେ କିନ୍ତୁ ଖାଇବା ପୂର୍ବରୁ କିଛି ନିୟମ ଓ ଶୈଳୀ ବିଷୟରେ ଜାଣିବା ଅତ୍ୟନ୍ତ ଜରୁରୀ। ତା'ହାଲେ ଆସନ୍ତୁ ଜାଣିବା କ'ଣ ରହିଛି ଆମ୍ବ ଖାଇବାର ଶୈଳୀ। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଅନୁଯାୟୀ, ଯଦି ଆପଣଙ୍କର ରକ୍ତରେ ଗ୍ଲୁକୋଜର ସ୍ତର ସ୍ଥିର ଅଛି ତେବେ ଆପଣ ଆମ୍ବ ଖାଇପାରିବେ। କିନ୍ତୁ ଆପଣଙ୍କୁ ଗୋଟିଏ କଥା ମନେ ରଖିବାକୁ ପଡ଼ିବ ଯେ ତାହା ହେଉଛି ଯେ ଆପଣ ଏହାକୁ ସଠିକ୍ ସମୟରେ ଏବଂ ସୀମିତ ପରିମାଣରେ ଖାଇବା ଉଚିତ୍। କାରଣ ଗୋଟିଏ ଆମ୍ବରେ ପ୍ରାୟ ୧୫ ଗ୍ରାମ କାର୍ବୋହାଇଡ୍ରେଟ୍ ଥାଏ ଏବଂ ଫଳରୁ ପ୍ରତିଦିନ କେବଳ ୩୦ ଗ୍ରାମ କାର୍ବୋହାଇଡ୍ରେଟ୍ ନେବାକୁ ପରାମର୍ଶ ଦିଆଯାଇଛି। ପ୍ରତ୍ୟେକ ଆମ୍ବରେ ବିଭିନ୍ନ ପରିମାଣର ମଧୁରତା ଥାଏ। କେତେକ ଆମ୍ବ ଅନ୍ୟମାନଙ୍କ ତୁଳନାରେ କମ୍ ମିଠା ଥିବାବେଳେ କେତେକରେ ଅଧିକ ମିଠା ଥାଏ।

କେମିତି ଖାଇବେ ଆମ୍ବ ?

– ଆମ୍ବକୁ କେବେ ରାତିରେ ଖାଆନ୍ତୁ ନାହିଁ। ଚେଷ୍ଟା କରନ୍ତୁ ଏହାକୁ ସକାଳ ଜଳଖିଆ ପରେ କିମ୍ବା ଦ୍ୱିପହର ଖାଇବା ସମୟରେ ଖାଇବା ପାଇଁ। ଏହା ପରେ ଆପଣ କିଛି ସମୟ ପାଇଁ ଚଲାବୁଲା କରନ୍ତୁ। କାରଣ ଏଥିରେ ଥିବା ଶର୍କରା ରକ୍ତରେ ଅତି ସହଜରେ ମିଶି ପାରିବନାହିଁ।

– ଅଧିକ ରସ ଥିବା ଆମ୍ବ ଖାଆନ୍ତୁ, କାରଣ ଏଥିରେ ଥିବା ଶର୍କରା ଶୀଘ୍ର ରକ୍ତରେ ମିଶି ନ ଥାଏ।

– ଆମ୍ବ ସେକ୍ ବା ଆମ୍ବ ଜୁସ୍ ବିଲ୍‌କୁଲ୍ ଖାଆନ୍ତୁ ନାହିଁ। କାରଣ ଏଥିରେ ବ୍ୟବହୃତ ହେଉଥିବା ଚିନି ବହୁ ଶୀଘ୍ର ଶର୍କରାରେ ପରିଣତ ହୋଇଯିବ। ତେଣୁ ପ୍ରାକୃତିକ ଆମ୍ବ ଖାଆନ୍ତୁ।

# ଖରାରେ ମୁହଁ ଲାଲ ପଡିଯାଉଛି ?: ଘରୋଇ ଉପାୟରେ ଚେହେରାକୁ ଦିଅନ୍ତୁ ସୁରକ୍ଷା

ଅସହ୍ୟ ତାତି ଏବଂ ପ୍ରଚଣ୍ଡ ଖରା ବର୍ତ୍ତମାନ ଦେଶବାସୀଙ୍କୁ ହନ୍ତସନ୍ତ କରୁଛି । ତେବେ ଏହି ଖରା ଯୋଗୁଁ ଅନେକ ଚର୍ମ ସମସ୍ୟା ଦେଖାଦେଇଥାଏ । ସେଥି ମଧ୍ୟରୁ ଏକ ସମସ୍ୟା ହେଉଛି ଚେହେରା ଲାଲ ପଡିବା । ବିଶେଷ କରି ସମ୍ବେଦନଶୀଳ ଚର୍ମ ଥିବା ଲୋକମାନେ ତ୍ୱଚା ଲାଲ ପଡିବା ଭଳି ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି । ତେବେ ଏହା ଅନେକ ସମୟରେ ଖରା ଯୋଗୁଁ ପଡିଥାଏ ତ ବେଳେବେଳେ ଆଲର୍ଜି ବା ରିଆକ୍ସନ ଯୋଗୁଁ ଏଭଳି ହୋଇପାରେ । ତ୍ୱଚା ଏପରି ଲାଲ ପଡିବା ସହ ଅନେକ ଲୋକ କୁଣ୍ଡାଇ ହେବା ଭଳି ସମସ୍ୟା ମଧ୍ୟ ସାମନା କରନ୍ତି। ତେବେ କିଛି ଘରୋଇ ଉପଚାର ସହିତ ଏହାକୁ ସମାଧାନ କରାଯାଇ ପାରିବ ।




ଗୋଲାପ ଜଳ: ଗରମରେ ତ୍ୱଚାରେ ଗୋଲାପ ଜଳ ବ୍ୟବହାର କରି ସ୍କିନ ରେଡନେସ୍ ସମସ୍ୟାକୁ ଦୂର କରିପାରିବେ । ଗୋଲାପ ଜଳ ଚେହେରାକୁ ଥଣ୍ଡା ରଖିବା ସହ ଖରା ଯୋଗୁଁ ହେଉଥିବା ସମସ୍ୟା ମଧ୍ୟ ଦୂର କରିଥାଏ । ସ୍କିନର ରେଡନେସ୍ ଦୂର କରିବା ପାଇଁ ଗୋଲାପ ଜଳରେ କାକୁଡି ରସ ମିଶାଇ ଚେହେରାରେ ୧୦ ମିନିଟ ଲଗାଇ ରଖିବା ପରେ ପାଣିରେ ଧୋଇ ଦିଅନ୍ତୁ ।

ଆଲୋବେରା ଜେଲ: ଆଲୋବେରାରେ ଅନେକ ପ୍ରକାରର ଔଷଧୀୟ ଗୁଣ ଭରି ରହିଛି। ଆଣ୍ଟି-ଇନ୍ଫ୍ଲେମେଟରୀ ଏବଂ ହିଲିଙ୍ଗ ଗୁଣ ମଧ୍ୟ ଏଥିରେ ସାମିଲ ରହିଛି । ଏହା ତ୍ୱଚାର ରେଡନେସ ଏବଂ କୁଣ୍ଡେଇ ହେବା ଭଳି ସମସ୍ୟାକୁ ଦୂର କରିବାରେ ସାହାଯ୍ୟ କରିଥାଏ। ଏଥିପାଇଁ ଆଲୋଭେରା ଜେଲକୁ ଅଧ ଘଣ୍ଟାଏ ପର୍ଯ୍ୟନ୍ତ ଚେହେରାରେ ଲଗାଇ ରଖିବା ପରେ ଥଣ୍ଡା ପାଣିରେ ମୁହଁ ଧୋଇ ନିଅନ୍ତୁ ।

ବରଫ: ଏହି ସମସ୍ୟାକୁ ବରଫ ମଧ୍ୟ ଦୂର କରିପାରିବ । ଗୋଟିଏ ସଫା ଧଳା କପଡାରେ ବରଫ ଗୁଡାଇ ବାନ୍ଧି ଲାଲ ହୋଇଥିବା ଜାଗାରେ ଲଗାନ୍ତୁ । ଏହାବ୍ୟତୀତ ବରଫ ପାଣିରେ ମଧ୍ୟ ଚେହେରା ଧୋଇ ପାରିବେ ।

ସନସ୍କ୍ରିନ ଲଗାନ୍ତୁ: ପ୍ରତିଦିନ ଏକ ସନସ୍କ୍ରିନ ଲଗାଇବା ଦ୍ୱାରା ଚେହେରା ଲାଲ ପଡିବା ଭଳି ସମସ୍ୟାକୁ ସମାଧାନ କରାଯାଇପାରେ । ଏହା ଆପଣଙ୍କ ଚେହେରାକୁ ଭୟଙ୍କର ଅତିବାଇଗଣୀ ରଶ୍ମୀରୁ ରକ୍ଷା ଦେଇଥାଏ ।









# କେଉଁ ରୁମପାଇଁ କେତେ ଟନର ଏସି ଆବଶ୍ୟକ




ଆପଣ ଅନୁଭବ କରୁଛନ୍ତି ଯେ ଶୀତଳତା କ୍ଷମତା ଟନ୍ ମାଧ୍ୟମରେ କିପରି ମାପ କରାଯାଇପାରିବ। ଏହା ପ୍ରତି ଘଣ୍ଟାରେ ବ୍ରିଟିଶ ତାପଜ ୟୁନିଟରେ ମାପ କରାଯାଏ । ଏହା ସାଧାରଣତଃ BTU / ଘଣ୍ଟା ଭାବରେ ପ୍ରକାଶ କରାଯାଇଥାଏ। ଏୟାର କଣ୍ଡିସନର ପାଇଁ BTU ୫୦୦୦ ରୁ ୨୪୦୦୦ BTU ଏବଂ ୧୨୦୦୦ ଇଞ୍ଚଟ ୧ ଟନ୍ ସହିତ ସମା।

ଏକ ଏସିର ଟନ୍ ମୌଳିକ ଭାବରେ ଅନେକ କାରଣ ଉପରେ ନିର୍ଭର କରେ ଯେପରିକି ରୁମର ଆକାର, ବାହାରେ ସର୍ବାଧିକ ହାରାହାରି ତାପମାତ୍ରା, କୋଠରୀରେ ଲୋକଙ୍କ ସଂଖ୍ୟା ଇତ୍ୟାଦି। ବାହାରେ ପାଗ ଅତ୍ୟଧିକ ଗରମ ହେଲେ ଗୋଟିଏ କୋଠରୀକୁ ଥଣ୍ଡା କରିବା ପାଇଁ ଅଧିକ ଟନେଜ୍ ଆବଶ୍ୟକ । ଯେତେବେଳେ ବାହାରେ ପାଗ ସ୍ୱାଭାବିକ ହୁଏ, ସେତେବେଳେ କୌଣସି ସମୟରେ କୋଠରୀ ଥଣ୍ଡା ହୋଇଯାଏ ।

ରାଜ୍ୟରେ ଏବେ ଠାରୁ ଗରମ ଲୋକ ମାନଙ୍କୁ ଅତିଷ୍ଠ କରିଲାଣି । ଆଉ ଯେତେବେଳେ ଗରମ କଥା ଭାବୁ ଏସି କଥା ସର୍ବପ୍ରଥମେ ମନକୁ ଆସେ । ଯେବେ ବି ଆମେ ନିଜ ପାଇଁ ଏସି କିଣିବାକୁ ଚିନ୍ତା କରୁ, ପ୍ରଥମ ଚିନ୍ତା ଆସେ ଯେ କେତେ ଟନ୍ ଏସି ନେବା ଉଚିତ୍ ? କେବଳ ଟନ୍ ଅନୁଯାୟୀ ଏସି କିଣିବା ଉଚିତ୍ । ଲୋକମାନେ ଜାଣନ୍ତି ଯେ ଯଦି ଏସି ଅଧିକ ଟନ୍ ଥାଏ, ତେବେ ଏହା କୋଠରୀକୁ ଅଧିକ ଥଣ୍ଡା କରିବ, କିନ୍ତୁ ଏହି ସୂଚନା ସଠିକ୍ କି ? ସର୍ବଶେଷରେ, ଏସିରେ ଟନ୍ ର ଅର୍ଥ କ'ଣ ?

ଅନେକ ଲୋକ ଭାବନ୍ତି ଯେ ଏସିରେ ଟନ୍ ଏହାର ଓଜନ । ତଥାପି, ତାହା ସେପରି ନୁହେଁ । ଟନ୍ ହେଉଛି ଏକ ୟୁନିଟ୍ ଯାହା ଶୀତଳ କ୍ଷମତାକୁ ସୂଚିତ କରେ । ବର୍ତ୍ତମାନ

ତେବେ ଆସନ୍ତୁ ଜାଣିବା କେଉଁ ରୁମ ପାଇଁ କେତେ ଟନର ଏସି ଆବଶ୍ୟକ :

-ଯଦି ଆପଣଙ୍କ ରୁମର ଆକାର ୧୫୦ ବର୍ଗଫୁଟ ପର୍ଯ୍ୟନ୍ତ, ତେବେ ୧ ଟନ ଏସି ଆପଣଙ୍କ ପାଇଁ ଠିକ୍ ହେବ।

-ଯଦି ଆପଣଙ୍କ ରୁମର ଆକାର ୧୫୦ ରୁ ୨୫୦ ବର୍ଗଫୁଟ ମଧ୍ୟରେ ଥାଏ, ତେବେ ୧.୫ ଟନ୍ ଏସି ଆପଣଙ୍କ ପାଇଁ ଠିକ୍ ହେବ।

-ଯଦି ରୁମର ଆକାର ୨୫୦ ରୁ ୪୦୦ ବର୍ଗଫୁଟ ମଧ୍ୟରେ ଥାଏ, ତେବେ ୨ ଟନ୍ ଏସି ଠିକ୍ ହେବ ।

-ଯଦି ଏହା ୪୦୦ ରୁ ୬୦୦ ବର୍ଗଫୁଟ, ତେବେ ୩ ଟନ୍ ଏସି ଆବଶ୍ୟକ ହେବ।

# କୁମ୍ଭୀର ଶିକାରୀ ମାଛ



ମଧୁର ଜଳରେ ବଢୁଥିବା ବୃହତକାୟ ମାଛଗୁଡ଼ିକ ମଧ୍ୟରେ ଗୋଲାୟାଥ୍ ଟାଇଗରଫିସ୍ ଅନ୍ୟତମ। ଏହା ସାମୁଦ୍ରିକ ଶ୍ୱେତ୍ ସାର୍କ ପରି ଭୟଙ୍କର। ଲମ୍ବରେ ପାଂଚ ଫୁଟରୁ ଅଧିକ ଏବଂ ଓଜନରେ ଶହେ କିଲୋଗ୍ରାମରୁ ଅଧିକ ବଢ଼ିପାରେ। ମୁହଁରେ ବତିଶଟି ଲୁହା ଭଳି ଶକ୍ତ ଦାନ୍ତ। ପ୍ରତ୍ୟେକ ଦାନ୍ତର ଲମ୍ବ ଏକ ଇଂଚରୁ ଅଧିକ ଏବଂ ବେଶ ତୀକ୍ଷଣ। ଏହା ଏକ ଶିକାରୀ ମାଛ। ବଂଚିବା ପାଇଁ ବହୁତ ଅଧିକ ପରିମାଣର ଖାଦ୍ୟ ଆବଶ୍ୟକ କରେ। ତେଣୁ, ସର୍ବଦା ଶିକାର ଖୋଜିବାରେ ବ୍ୟସ୍ତ ଥାଏ। ଭୋକିଲା ଥିବା ବେଳେ ଏହା ଏପରିକି କୁମ୍ଭୀର ଶିକାର କରୁଥିବା ଜଣାଯାଏ। ଆଫ୍ରିକାର କଙ୍ଗୋ ଓ ଲୁଆଲାୱା ନଦୀ, ଉପେମ୍ବା ଏବଂ ଟାଙ୍ଗାନିକା ହ୍ରଦ ଗୋଲାୟାଥର ବାସସ୍ଥାନ। ଉଲ୍ଲେଖଯୋଗ୍ୟ ଯେ, ଏତେ ଭୟଙ୍କର ହୋଇଥିଲେ ବି ମଣିଷ ଏହାକୁ କାବୁ କରିଥିବାର ବହୁ ନଜିର ଅଛି।

# ପିଲାଙ୍କ ବୁଦ୍ଧି ପ୍ରଖର କି ନୁହେଁ, କେମିତି ଜାଣିବେ.. ?

ପ୍ରାୟତଃ ଅଭିଭାବକ ନିଜ ପିଲାମାନଙ୍କର ସ୍ୱାସ୍ଥ୍ୟ ବିଷୟରେ ବହୁତ ସତର୍କ ରୁହନ୍ତି । ଏଥିରେ ସେମାନେ କୌଣସି ପ୍ରକାର ଅବହେଳା କରନ୍ତି ନାହିଁ । ଯଦି ଆପଣ ଜାଣିବାକୁ ଚାହାଁନ୍ତି ଯେ ଆପଣଙ୍କ ପିଲା ମାନସିକ ସ୍ତରରେ କିଭଳି ଅଛି ଏବଂ ବୁଦ୍ଧିମାନ ଅଛି କି ନାହିଁ ତାହା ସହଜରେ ଚିହ୍ନଟ କରିପାରିବେ । ତେବେ ଆସନ୍ତୁ ଜାଣିବା ସେଭଳି କିଛି ଲକ୍ଷଣ ବିଷୟରେ ସର୍ବପ୍ରଥମେ, ଆପଣଙ୍କ ପିଲାଙ୍କର ଧୈର୍ଯ୍ୟ ଅଛି କି ନାହିଁ ତାହା ପରୀକ୍ଷା କରନ୍ତୁ । ଯଦି ହଁ ତେବେ ଏହାର ଅର୍ଥ ଆପଣଙ୍କ ପିଲା ମାନସିକ ସ୍ତରରେ ଶକ୍ତିଶାଳୀ । ଯେତେବେଳେ କୌଣସି ନକାରାତ୍ମକ ପରିସ୍ଥିତି ପିଲାମାନଙ୍କ ସାମ୍ନାରେ ଆସେ, ସେତେବେଳେ ପିଲାମାନେ ଶୀଘ୍ର ନିରାଶ ହୁଅନ୍ତି । କିନ୍ତୁ ଯଦି ଆପଣଙ୍କ ପିଲାଙ୍କର ଧୈର୍ଯ୍ୟ ଅଛି , ତାହାଲେ ସେ ନରାଶ ନ ହୋଇ ପୁନର୍ବାର ଚେଷ୍ଟା କରିବ । ଏହାର ଅର୍ଥ ସେ ମାନସିକ ସ୍ତରରେ ଫିଟ୍ ଅଛନ୍ତି ।

ନିଷ୍ପତ୍ତି ନେବା ପୂର୍ବରୁ ଚିନ୍ତା କରିବାର ଅଭ୍ୟାସ ମଧ୍ୟ ସୂଚିତ କରେ ଯେ ଆପଣଙ୍କ ପିଲା ମାନସିକ ସ୍ତରରେ ସୁସ୍ଥ ଅଛି । ତରବରିଆ ଭାବରେ ନେଉଥିବା ପଦକ୍ଷେପ ବିଫଳତାକୁ ଦର୍ଶାଏ । ଯଦି ପିଲା ଏହା ବୁଝୁଛନ୍ତି, ତେବେ ଏହାର ଅର୍ଥ ହେଉଛି ଭବିଷ୍ୟତରେ ମଧ୍ୟ ସେ ଯତ୍ନର ସହ ବିଚାର କରିବା ପରେ ନିଜର ନିଷ୍ପତ୍ତି ନେଇ ଆଗକୁ ବଢିବ ।

ଯଦି ତୁମର ପିଲା ନିଜେ ନିଷ୍ପତ୍ତି ନେବା ଆରମ୍ଭ କରେ ଏବଂ ନିଜେ ଦାୟିତ୍ୱ ଗ୍ରହଣ କରିବା ଆରମ୍ଭ କରେ, ତେବେ ଏହା ମଧ୍ୟ ସୂଚିତ କରେ ଯେ ତୁମର ପିଲା ମାନସିକ ସ୍ତରରେ ସୁସ୍ଥ ଅଛି । ଉଦାହରଣ ସ୍ୱରୂପ, ଆଜିର ପିଲାମାନେ ସେମାନଙ୍କର ଦୈନନ୍ଦିନ କାର୍ଯ୍ୟ ପ୍ରସ୍ତୁତ କରନ୍ତି କିନ୍ତୁ ଏହାକୁ ଅନୁସରଣ କରିବାରେ ଅସମର୍ଥ । ଏଭଳି ପରିସ୍ଥିତିରେ ପିଲାଟି ମାନସିକ ସ୍ତରରେ ସ୍ଥିର ନୁହେଁ ବୋଲି ଏହି ସଙ୍କେତ କହିଥାଏ। ଅନ୍ୟପକ୍ଷରେ ଯଦି ପିଲାମାନେ ସେମାନଙ୍କ ଦ୍ୱାରା ନିଆଯାଇଥିବା ନିଷ୍ପତ୍ତି ଉପରେ କାଏମ ଥାନ୍ତି, ତେବେ ଏହା ସୂଚିତ କରେ ଯେ ଆପଣଙ୍କ ପିଲା ମାନସିକ ଭାବେ ସୁସ୍ଥ ଅଛନ୍ତି ।




## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।


## ସମାଲୋଚକମାନଙ୍କ ପାଇଁ ଆଇନ...

ଗଣତନ୍ତ୍ରରେ ଲୋକମାନଙ୍କ ଦ୍ୱାରା ନିର୍ବାଚିତ ସରକାରଙ୍କର କୌଣସି ନୀତି ନିୟମ ଅସହ୍ୟ ମନେହେଲେ ବା ସରକାରଙ୍କର କିଛି ଭୁଲ୍ ଦେଖିଲେ ଲୋକମାନେ ସମାଲୋଚନା କରି ସରକାରଙ୍କୁ ବାଟକୁ ଆଣିବା ପାଇଁ ଉଦ୍ୟମ କରିଥାନ୍ତି ଏବଂ ବସ୍ତୁତଃ ତାହା ହିଁ ହୋଇ ଆସିଛି ଅନେକ ଥର ସ୍ୱାଧୀନୋତ୍ତର ଭାରତବର୍ଷରେ ଦୀର୍ଘ ସାଢ଼େ ସାତ ଦଶନ୍ଧି ଧରି । ତେବେ ସାମ୍ପ୍ରତିକ ସମୟରେ ଏଥିରେ ବେଶ୍ ବିଚ୍ୟୁତି ଘଟିଛି- ରାଜ୍ୟ ହେଉ ବା କେନ୍ଦ୍ର ସରକାରଙ୍କର ଯେଉଁମାନେ କିଛି ବି ସମାଲୋଚନା କରିଛନ୍ତି, ସେମାନଙ୍କୁ ପର ମୁହୂର୍ତ୍ତରେ ଦେଖିବାକୁ ମିଳିଛି କାରାଗାରର ଚାରିକାନ୍ଥ ଭିତରେ। ସେଇଥିପାଇଁ ତ ନିକଟରେ ଦେଶର ସର୍ବୋଚ୍ଚ ନ୍ୟାୟାଳୟ ସୁପ୍ରିମ୍‌କୋର୍ଟଙ୍କ ଏକ ଖଣ୍ଡପୀଠ ତାମିଲନାଡୁ ସରକାରଙ୍କର ଆଇନଗତ ପରାମର୍ଶଦାତାଙ୍କୁ ପ୍ରଶ୍ନଟିଏ ପଚାରିଛନ୍ତି– 'ଯେଉଁମାନେ ସରକାରଙ୍କ ବିରୋଧରେ କିଛି ଅଭିଯୋଗ କରୁଛନ୍ତି, ସେମାନଙ୍କୁ ଜଣ ଜଣ କରି ଯଦି କାରାଗାରକୁ ପଠାଇବା ଆରମ୍ଭ କର, ତା'ହେଲେ ନିର୍ବାଚନ ପୂର୍ବରୁ ତୁମେ କେତେ ଲୋକଙ୍କୁ ଜେଲ୍ ପଠାଇବ... ?' କୋର୍ଟ ଏହି ପ୍ରଶ୍ନ ପଚାରିଛନ୍ତି ଜଣେ ୟୁଟ୍ୟୁବର୍‌ଙ୍କୁ ମିଳିଥିବା ଜାମିନ ଆଦେଶର ପୁନରୁଦ୍ଧାର କରିବା ବେଳେ ଯିଏକି ସମ୍ପୃକ୍ତ ରାଜ୍ୟର ମୁଖ୍ୟମନ୍ତ୍ରୀ ଏମ୍ ଷ୍ଟାଲିନ୍‌ଙ୍କ ବିରୁଦ୍ଧରେ ୟୁଟ୍ୟୁବ୍‌ରେ କିଛି ଅପମାନଜନକ ମନ୍ତବ୍ୟ ଦେଇ ଗିରଫ ହୋଇ ମାଡ୍ରାସ ହାଇକୋର୍ଟରୁ ସର୍ତ୍ତମୂଳକ ଜାମିନ ପାଇଥିଲେ ଯାହାକୁ ପରବର୍ତୀ ସମୟରେ ହାଇକୋର୍ଟ ନାମଞ୍ଜୁର କରିବାରୁ ସେ ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ୟୁଟ୍ୟୁବରଙ୍କର ଏହି କ୍ଷୋଭ ସହିତ ସେହିସବୁ ଲୋକମାନେ ଏକମତ ହୋଇଥିଲେ ଯେଉଁମାନେ ଏକ ଗଣତାନ୍ତ୍ରିକ ସାଧାରଣତନ୍ତ୍ର ଭାବରେ ଭାରତର ପ୍ରକୃତ ସ୍ୱଭାବ ଉପରେ ଆସ୍ଥା ରଖନ୍ତି। ଏକ ଗଣତନ୍ତ୍ରରେ ଅପରାଧିକ ନ୍ୟାୟକୁ କାର୍ଯ୍ୟକାରୀ କରାଯିବାର ଏକ ପ୍ରମୁଖ ମୌଳିକ ନୀତି ହେଉଛି ଜଣେ ଯେ ପର୍ଯ୍ୟନ୍ତ ଆଇନର ଯଥାଯଥ ପ୍ରକ୍ରିୟା ଦ୍ୱାରା ଦୋଷୀ ସାବ୍ୟସ୍ତ ନ ହୋଇଛନ୍ତି, ସେ ପର୍ଯ୍ୟନ୍ତ ତାଙ୍କୁ ନିରପରାଧ ଭାବରେ ବିବେଚନା କରାଯିବ। ଏହି ତତ୍ତ୍ୱର ମୂଳଟି ରହିଛି ସମ୍ବିଧାନର ଧାରା ୨୧ରେ ଯାହା ଉଲ୍ଲେଖ କରେ ଯେ ଆଇନ ଦ୍ୱାରା ପ୍ରତିଷ୍ଠିତ ପଦ୍ଧତି ଅନୁସାରେ ହେବା ବ୍ୟତୀତ କୌଣସି ବ୍ୟକ୍ତିଙ୍କୁ ତାଙ୍କ ଜୀବନ ବା ବ୍ୟକ୍ତିଗତ ସ୍ୱାଧୀନତାରୁ ବଞ୍ଚିତ କରାଯାଇ ପାରିବ ନାହିଁ। କୋର୍ଟ ଏବଂ ସର୍ବାଧିକ ଗଣତାନ୍ତ୍ରିକ-ମନସ୍କ ଲୋକମାନଙ୍କ ପାଇଁ ଯାହା ଚିନ୍ତାର ବିଷୟ, ତାହା ହେଉଛି- ଯେଉଁମାନେ କ୍ଷମତାରେ ଅଛନ୍ତି, ସେମାନେ ସେମାନଙ୍କର ସମାଲୋଚକମାନଙ୍କୁ ପୀଡ଼ା ଦେଉଛନ୍ତି। ଦେଶର କୋର୍ଟମାନଙ୍କରେ ଅଭିଯୋଗଗୁଡ଼ିକର ବିଚାର ବିଳମ୍ବ ହେଉଥିବା ଯୋଗୁଁ ଜଣେ ଅଭିଯୁକ୍ତ ନ୍ୟାୟ ପାଇବା ନିମନ୍ତେ ବର୍ଷ ବର୍ଷ ସମୟ ଲାଗିଯାଉଛି । ଆଉ ଏହାର ଫଳ ସ୍ୱରୂପ, ଜଣେ ନ୍ୟାୟ ପାଇବା ବେଳକୁ ଜେଲ୍‌ରେ ରହିବା ଏକ ଦଣ୍ଡରେ ପରିଣତ ହେଉଛି ଏବଂ ଯେଉଁମାନେ କ୍ଷମତାରେ ଅଛନ୍ତି, ସେମାନେ ଆଇନର କଳକୁ ସେମାନଙ୍କ ବିରୋଧୀଙ୍କ ପାଇଁ ନିଜ ଇଚ୍ଛା ଅନୁସାରେ ମୋଡ଼ି ପାରିବେ। ସମ୍ପ୍ରତି ପ୍ରଧାନମନ୍ତ୍ରୀ ନିର୍ଭର ପ୍ରତିଶ୍ରୁତି ପ୍ରଦାନ କରୁଛନ୍ତି ଯେ ଜୁନ୍ ୪ରେ ଲୋକସଭା ନିର୍ବାଚନର ଫଳ ପ୍ରକାଶ ପାଇବା ପରେ ସବୁ ଦୁର୍ନୀତିଗ୍ରସ୍ତ ନେତାଙ୍କୁ କାରାଗାରର ମୁଖ ଦର୍ଶନ କରିବାକୁ ପଡ଼ିବ। ଏକ ଶକ୍ତିଶାଳୀ ଦୁର୍ନୀତି-ବିରୋଧୀ ଆନ୍ଦୋଳନ ବଳରେ ଏନ୍‌ଡିଏ ସରକାର କ୍ଷମତାକୁ ଆସିଲା, କିନ୍ତୁ ଏହି ଦୁର୍ଦ୍ଦଶା ବିରୋଧରେ ସଂଗ୍ରାମ କରିବାକୁ ଦେଶରେ ରହିଥିବା ବ୍ୟବସ୍ଥାକୁ ସୁଦୃଢ଼ କରିବା ପରିବର୍ତ୍ତେ ସରକାର ସେହିସବୁ ନିୟମ କାନୁନ୍‌ଗୁଡ଼ିକର ପୁନରୁଦ୍ଧାର କରି ଏହି ବ୍ୟବସ୍ଥାକୁ ଦୁର୍ବଳ କରିଦେଲେ, ଯାହା ବିଭିନ୍ନ କର୍ମକର୍ତ୍ତାମାନଙ୍କ ବିରୋଧରେ ତଦନ୍ତ କରିବା ନିମନ୍ତେ ତଦନ୍ତକାରୀ ସଂସ୍ଥାମାନଙ୍କୁ ସରକାରଙ୍କଠାରୁ ଅନୁମୋଦନ ଲୋଡ଼ିବା ଆବଶ୍ୟକ କରେ। ସରକାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଏବଂ ମନି ଲଣ୍ଡରିଂ ଆଇନ, ୨୦୦୨କୁ ଦୁର୍ନୀତି ଅଭିଯୋଗ ହେଉଥିବା ମାମଲାଗୁଡ଼ିକ କ୍ଷେତ୍ରରେ କାର୍ଯ୍ୟରେ ଲଗାଉଛନ୍ତି, ସଂକ୍ଷେପରେ ଏଇଥି ପାଇଁ ଯେ ଏହି ଆଇନ କିଛି ଭୁଲ୍ କରିଥିବା ସମ୍ପର୍କରେ କଦବା କ୍ୱଚିତ୍ କିଛି ପ୍ରମାଣ ଥିଲେ ବା ଆଦୌ ପ୍ରମାଣ ନଥିଲେ ସୁଦ୍ଧା ଲୋକମାନଙ୍କୁ ଜେଲ୍‌ରେ ସଢ଼ିବାକୁ ଛାଡ଼ିଦେବାର କାର୍ଯ୍ୟକୁ ଉଦାର ଚିତ୍ତରେ କ୍ଷମା କରି ଦେଉଛି । ସୁପ୍ରିମ୍‌କୋର୍ଟ ନିହାତି କମ୍‌ରେ ଦୁଇଗୋଟି ଘଟଣାରେ- ଆମ୍ ଆଦ୍‌ମୀ ପାର୍ଟିର ନେତା ମନୀଷ ସିସୋଦିଆ ଏବଂ ସଞ୍ଜୟ ସିଂହଙ୍କ ବିରୁଦ୍ଧରେ ହୋଇଥିବା ମାମଲାର ଶୁଣାଣି ସମୟରେ– ଏହି ସଂସ୍ଥାକୁ କହିଥିଲେ ଯେ ତଥାକଥିତ ତଦନ୍ତ ଯାହା ପ୍ରାୟ ଦୁଇ ବର୍ଷ ପର୍ଯ୍ୟନ୍ତ ଚାଲୁ ରହିଥିଲା, ତା' ସତ୍ତ୍ୱେ ଏହି ଦୁଇ ନେତାଙ୍କୁ ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲାରେ ଦୋଷୀ ସାବ୍ୟସ୍ତ କରିବା ଭଳି ଆପାତତଃ କୌଣସି ରେକର୍ଡ ନାହିଁ । ଲୋକମାନଙ୍କର ସ୍ୱାଧୀନତା ଏବଂ ଦୁର୍ନୀତି ବିରୋଧରେ ସଂଗ୍ରାମ ଦୁଇଗୋଟି ପାରସ୍ପରିକ ସ୍ୱତନ୍ତ୍ର ପରିସର ହେବା ଅନାବଶ୍ୟକ; ଆଇନ ସରକାରଙ୍କୁ ଦୁର୍ନୀତି ମାମଲାଗୁଡ଼ିକୁ ଚାଲୁ ରଖିବାକୁ ଅନୁମତି ଦେଇଛି ଏବଂ ଅଭିଯୁକ୍ତଙ୍କୁ ଜେଲ୍‌ରେ ରଖିବା ସୁଯୋଗ ପ୍ରଦାନ କରିଛି ଯଦ୍ୱାରା ତଦନ୍ତ ଏବଂ ବିଚାର କାର୍ଯ୍ୟ ଆଇନର ଆବଶ୍ୟକତା ଅନୁସାରେ ହୋଇ ପାରିବ। କିନ୍ତୁ ଏହି ବ୍ୟବସ୍ଥାକୁ ବିରୋଧୀ ନେତାମାନଙ୍କ ବିରୋଧରେ ବିପଦ ଭାବରେ ଉପସ୍ଥାପନ କରିବା ଅଗଣତାନ୍ତ୍ରିକ, ଏମିତିକି ଅସାମ୍ବିଧାନିକ ମଧ୍ୟ । ରାଜ୍ୟରେ ହେଉ କି କେନ୍ଦ୍ରରେ, ସରକାରମାନେ ଆଇନରେ ରହିଥିବା ବ୍ୟବସ୍ଥାଗୁଡ଼ିକର ଅପବ୍ୟବହାର କରି ସେମାନଙ୍କ ସମାଲୋଚକ ଏବଂ ବିରୋଧୀମାନଙ୍କୁ କାରାଗାରରେ ବନ୍ଦ କରି ରଖିବା କାର୍ଯ୍ୟକୁ ବନ୍ଦ କରିବା ଉଚିତ।

## ଭୋଟଦାନ : ଏକ ସାମାଜିକ ଦାୟିତ୍ୱବୋଧତା



**ପୁଷ୍ପମିତ୍ର ମହାପାତ୍ର**




ସମଗ୍ର ଦେଶରେ ସାଧାରଣ ନିର୍ବାଚନ ଓ କିଛି ରାଜ୍ୟରେ ବିଧାନସଭା ନିର୍ବାଚନକୁ ନେଇ ଏକ ସରଗରମ ବାତାବରଣ ଦେଖାଦେଇଛି। ଭାରତ ପରି ସମଗ୍ର ବିଶ୍ୱରେ ଯେଉଁ ଗଣତାନ୍ତ୍ରିକ ବିଶ୍ୱାସବୋଧକତାକୁ ନେଇ ସବୁଠାରୁ ବଡ଼ ଗର୍ବ ତାହା ହେଉଛି ଏହି ଦେଶର ଜନସାଧାରଣ ଭୋଟଦାନକୁ ଗୁରୁତ୍ୱପ୍ରଦାନ କରିବା । ଭାରତର ବର୍ଷର ଏହି ବିଶାଳ ନିର୍ବାଚନ ପ୍ରକ୍ରିୟାକୁ ଦେଖିବା ପାଇଁ ଭାରତ ବିଶ୍ୱର ବିଭିନ୍ନ ରାଷ୍ଟ୍ରର ରାଜନୈତିକ ଦଳକୁ ନିମନ୍ତ୍ରଣ ପ୍ରଦାନ କରିଛି ସେମାନେ ଭାରତ ଆସି ଏହି ମତଦାନ ପ୍ରକ୍ରିୟାକୁ ଦେଖିବେ। ତେବେ ନିକଟରେ ଗଣମାଧ୍ୟମରୁ ପ୍ରକାଶିତ କିଛି ଖବରରୁ ଯାହା ଜଣାଯାଏ ତାହାହେଉଛି ବିଭିନ୍ନ ଘରୋଇ ଉଦ୍ୟୋଗ ବା ସଂସ୍ଥା ଜନସାଧାରଣଙ୍କ ଭୋଟଦାନ ଆଗ୍ରହକୁ ବୃଦ୍ଧି କରିବା ପାଇଁ ବିଭିନ୍ନ ପ୍ରକାର ରିହାତି ଓ ପୁରସ୍କାର ଘୋଷଣା । ଚଳିତ ବର୍ଷର ଏହି ମତଦାନ ପ୍ରକ୍ରିୟା ବିଭିନ୍ନ ପର୍ଯ୍ୟାୟରେ ମାସାଧିକ କାଳ ଚାଲିବାର ନିର୍ବାଚନୀ ବ୍ୟବସ୍ଥା ହୋଇଛି। ଚଳିତବର୍ଷ ମତଦାତାମାନଙ୍କୁ ଭୋଟ ଦାନ କେନ୍ଦ୍ରକୁ ଯାଇ ଇଭିଏମ୍ ମେସିନର ବୋତାମ ଟିପିବା ଲାଗି ଯେତିକି ପ୍ରକାର ଅନୁରୋଧ କରାଯାଇଛି, ବୁଝାଯାଇଛି ଏବଂ କୁହାଯାଇଛି, ସେଭଳି ଆଗରୁ କେବେ ବି ହୋଇନଥିଲା । ନିର୍ବାଚନ କମିଶନଙ୍କ ଏଇ କାମକୁ ହାଲୁକା କରିବା ଲାଗି ଏଥର ବିଭିନ୍ନ ଉଦ୍ୟୋଗ, ଏୟାର ଲାଇନ୍ସ କମ୍ପାନୀ, ସୁପର ମାର୍କେଟ, ରେଷ୍ଟୋରାଁ, ଏଫ୍‌ଏମ୍ ଚ୍ୟାନେଲ୍‌ଙ୍କ ଠାରୁ ଆରମ୍ଭ କରି ପେଟ୍ରୋଲ ପମ୍ପ ପର୍ଯ୍ୟନ୍ତ ବିଭିନ୍ନ ସଂସ୍ଥା ଆପଣା ଛାଏଁ ଏ ଦାୟିତ୍ୱ ହାତକୁ ନେଇଛନ୍ତି । ସେମାନେ ଭୋଟରମାନଙ୍କୁ କେବଳ ଭୋଟ ଦେବା ଲାଗି ଅନୁରୋଧ କରୁନାହାନ୍ତି, ଭୋଟଦାତାମାନଙ୍କ ଲାଗି ବିଭିନ୍ନ ପ୍ରକାରେ ରିହାତି, ପୁରସ୍କାର ଏବଂ ମାଗଣା ଲାଭର ବ୍ୟବସ୍ଥା ରଖିଛନ୍ତି । ଟାଟା ଟି ଭଳି ବୃହତ୍ ଚା କମ୍ପାନୀ ଯଦି ତାର ବିଭିନ୍ନ ବିଜ୍ଞାପନରେ ଭୋଟ ଦେବା ଲାଗି ପ୍ରବର୍ତ୍ତାଉଛି, ଦିଲ୍ଲୀର ୟୋ ଚାଇନା ଶୃଙ୍ଖଳାର ରେଷ୍ଟୋରାଁ ଗୁଡ଼ିକ ଭୋଟରମାନଙ୍କୁ ଭୋଟ ଦାନ ଦିନ ଗୋଟିଏ ଲେଖାଏଁ ପ୍ଲେଟ ହକ୍କା ନୁଡ଼ଲସ୍ ମାଗଣାରେ ପରଷିବାର ବ୍ୟବସ୍ଥା କରିଛନ୍ତି । ବ୍ରିଟିଶ ଏୟାରୱେଜ୍ ଏବଂ ଭର୍ଜିନ ଆଟଲାଣ୍ଟିକ୍ ଏୟାରୱେଜ୍‌ରେ ଭୋଟ ଦେଇଥିବା ଭାରତୀୟ ନାଗରିକଙ୍କ ଲାଗି ରିହାତି ଯାତ୍ରା କରୁଥିବା ଶ୍ରେଣୀରେ ଉନ୍ନତି ଠାରୁ ଆରମ୍ଭ କରି ମାଗଣା ଉପହାରର ବ୍ୟବସ୍ଥା କରାଯାଇଥିବାର ଖବର ଗଣମାଧ୍ୟମରେ ପ୍ରକାଶ ପାଇଛି। ଏଇ ଲାଭ ପାଇବାକୁ ହେଲେ ଜଣକୁ କେବଳ ଏତିକି କରିବାକୁ ହେବ ଯେ ସେ ନିଜର ଭୋଟ କାଳି ଲଗା ଆଙ୍ଗୁଠିକୁ ଦେଖାଇବେ । ସେମିତି ଦିଲ୍ଲୀରେ ଅନେକ ପେଟ୍ରୋଲ ପମ୍ପ ଭୋଟ ଦେଇଥିବା ନାଗରିକମାନଙ୍କ ଲାଗି ରିହାତି ଦରର ବ୍ୟବସ୍ଥା କରିଛନ୍ତି ।

ଯେଉଁ ସବୁ ସଂସ୍ଥା ବା ଉଦ୍ୟୋଗ ବା ବ୍ୟକ୍ତିବିଶେଷ ସ୍ୱେଚ୍ଛାକୃତ ଭାବେ ଏ ସାମାଜିକ ଦାୟିତ୍ୱଟି ସଂପାଦନ କରୁଛନ୍ତି ସେମାନେ ସମସ୍ତେ ନିଶ୍ଚିତ ଭାବେ ଧନ୍ୟବାଦର ପାତ୍ର । କିନ୍ତୁ ଏଇ ସଂପୂର୍ଣ୍ଣ ପ୍ରକରଣକୁ ନେଇ ଟିକିଏ ଗହୀରେଇ ବିଚାର କଲେ ଲଜ୍ଜିତ ହେବାକୁ ପଡ଼େ । ଏ ପର୍ଯ୍ୟନ୍ତ ଭାରତରେ ଯେତିକିଟି ନିର୍ବାଚନ ହୋଇଛି ଅଳ୍ପ କିଛିକୁ ଛାଡ଼ିଦେଲେ ଅନ୍ୟ ସବୁଥିରେ ଭୋଟ ଦାନର ହାର ପଚାରୁ ଷାଠିଏ ପ୍ରତିଶତ ଭିତରେ ରହେ । ଅନେକ ସମୟରେ ଏହି ହାର ପଚାଶ ପ୍ରତିଶତରୁ କମିଯାଏ । ଏମିତି କାହିଁକି ହୁଏ ସେ କଥା ମଧ୍ୟ ସମସ୍ତେ ଜାଣନ୍ତି । ଏହାର କାରଣ ସ୍ୱଚ୍ଛଳ ଓ ଶିକ୍ଷିତ ବର୍ଗ ସର୍ବଦା ଭୋଟ ଦାନରୁ ବିରତ ରହନ୍ତି । ଗ୍ରାମାଞ୍ଚଳ ତଥା ସହରର ବସ୍ତିବାସିନ୍ଦାମାନେ ପାଞ୍ଚ ବର୍ଷରେ ମିଳୁଥିବା ଏଇ ଅଧିକାରକୁ ସାବ୍ୟସ୍ତ କରିବା ଲାଗି ଭୋଟଦାନ କେନ୍ଦ୍ର ଆଗରେ ଧାଡ଼ି ଲଗାନ୍ତି । ତେଣୁ ସେମାନଙ୍କୁ ଉତ୍ସାହିତ କରିବା ଲାଗି ରିହାତି ବା ଲାଭର ପ୍ରଲୋଭନ ଦେଖାଇବା ଦରକାର ପଡ଼େନାହିଁ । ଏଥର ଯେଉଁ ସବୁ ଅନୁଷ୍ଠାନ ଗୁଡ଼ିକ ଭୋଟଦାତାଙ୍କ ଲାଗି ପ୍ରୋତ୍ସାହନମୂଳକ ପଦକ୍ଷେପ ନେଇଛନ୍ତି, ସେମାନେ ନିଜର ଗ୍ରାହକ ବା ପୃଷ୍ଠପୋଷକମାନଙ୍କୁ ଠିକ୍ ଚିହ୍ନିଛନ୍ତି । କୌଣସି ଗ୍ରାମବାସୀ ବା ବସ୍ତୀ ବାସିନ୍ଦା ଭୋଟ ଦେଇ ସାରି ଉଡାଜାହାଜରେ ରିହାତି ଦାବି କରିବ ନାହିଁ କି ୟୋ ଚାଇନା ରେଷ୍ଟୋରାଁରେ ମାଗଣାରେ ଖାଇବାକୁ ମାଗିବ ନାହିଁ । ତେଣୁ ଯେଉଁମାନେ ଭୋଟ ଦେବା ପରେ ଆଙ୍ଗୁଳିର କଳା କାଳି ଚିହ୍ନ ଦେଖାଇ ରିହାତିର ଲାଭ ଦାବି କରିବେ, ସେମାନେ ଯଦି ଟିକିଏ ଆତ୍ମସମୀକ୍ଷା କରିବେ ତେବେ ନିଜ ଭିତରେ ଥିବା ପ୍ରବର୍ତ୍ତକକୁ ଠାବ କରିପାରିବେ ।

ସ୍ୱାଧୀନତାର ଦୀର୍ଘ ଦଶନ୍ଧି ପରେ ସମ୍ବିଧାନ ଦେଇଥିବା ପରମ କର୍ତ୍ତବ୍ୟ ଓ ସୁନ୍ଦର ଦାୟିତ୍ୱଟିଏ ସଂପାଦନ କରିବାକୁ ଶିକ୍ଷିତ, ସ୍ୱଚ୍ଛଳ ଏବଂ ତଥାକଥିତ ସଚେତନ ବର୍ଗକୁ ଯେ ଲାଞ୍ଚ ଦେବାକୁ ପଡୁଛି, ଏହା ଏକ ବିଡ଼ମ୍ବନା । ଭାରତୀୟ ଗଣତନ୍ତ୍ର ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ର ଭାବେ ଯେଉଁ ବିଶ୍ୱସନୀୟତା ବଜାୟ ରଖିଛି ତାହାର ବଡ଼ ଦାୟିତ୍ୱ ଓ ଭୂମିକା ସମ୍ଭବିତ ହୋଇଥାଏ ଜନସାଧାରଣଙ୍କ ଭୋଟଦାନ ଅଧିକାର ସାବ୍ୟସ୍ତ ଦ୍ୱାରା । ତେବେ ଏଯାବତ୍ ଯେତେ ପ୍ରକାର ସଚେତନତା ଓ ସାଧାରଣରେ ଲୋକମାନଙ୍କ ପାଇଁ ସୁବ୍ୟବସ୍ଥା ରହିଥିଲେ ବି ଅନେକ କ୍ଷେତ୍ରରେ ଭୋଟଦାନ ପ୍ରକ୍ରିୟାରୁ କେତେକ ସ୍ଥାନରେ ଜନସାଧାରଣ ଅସହମତ ହୋଇଥାନ୍ତି । ଜନସ୍ୱାର୍ଥ ପ୍ରସଙ୍ଗ ହେଉ ବା କୌଣସି ଦାବୀ ପୂରଣ ପାଇଁ କିନ୍ତୁ ବାସ୍ତବରେ ଭୋଟଦାନ ପ୍ରକ୍ରିୟାରୁ ବିରତ ରହିବା ଦ୍ୱାରା ଏହା ହୁଏତ ସରକାର ବା ପ୍ରଶାସନ ପାଇଁ କିଛିଟା ଅବିଶ୍ୱାସର ଭାବନା ହୋଇପାରେ କିନ୍ତୁ ବାସ୍ତବ କଥା ହେଉଛି ଭୋଟଦାନ ଦ୍ୱାରା ଆମେ ଆମକୁ ଗାଣତାନ୍ତ୍ରିକ ବ୍ୟବସ୍ଥା ଯେଉଁ ଅଧିକାର ଦେଇଛି ତାହାକୁ ସାବ୍ୟସ୍ତ କରିବା । ଭୋଟ ପ୍ରଦାନ ନିମିତ୍ତ ଦିବସଟିକୁ ସରକାରୀ ଓ ବେସରକାରୀ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଲୋକମାନଙ୍କ ପାଇଁ ସବେତନ ଛୁଟି ବ୍ୟବସ୍ଥା ରହିଛି କିନ୍ତୁ ଆଶ୍ଚର୍ଯ୍ୟର କଥା ଏବେ ଆମ୍ଭେମାନେ ଯଥେଷ୍ଟ ସଚେତନ ହୋଇ ମଧ୍ୟ ଏଯାବତ ଆମ ଅନେକଙ୍କ ଭିତରେ ଭୋଟ ଦିବସ ଦିନ ଛୁଟିମାନେ ଭୋଟ ନଦିଅ ଆଉ ଦିନଟାକୁ ଭଲ ଭାବେ ଛୁଟିରେ ଉପଭୋଗ କର। ଅନେକ ଅଛନ୍ତି ଯେଉଁମାନେ ଏହି ଦିନ ଭୋଟ ନଦେଇ ମଜାମଜଲିସରେ ଦିନଟିକୁ କାଟି ଦିଅନ୍ତି। ଏଥିରୁ ଗଣତନ୍ତ୍ର ପ୍ରତି ଏବଂ ଭୋଟଦାନ ବ୍ୟବସ୍ଥା ପ୍ରତି ଆମ୍ଭ ମାନଙ୍କର କେଉଁ ଭାବନାର ଏବଂ କେଉଁ ପ୍ରକାରର ଆଗ୍ରହ ଏଥିରୁ ସ୍ପଷ୍ଟ ପ୍ରମାଣିତ ହୋଇଥାଏ। ଆମେ ନିଜକୁ ଜଣେ ଯଥାର୍ଥ ଭାବେ ଭାରତର ନାଗରିକ ବୋଲି କହିପାରିବା କି ? ଯଥାର୍ଥରେ କୁହାଯାଏ ପ୍ରତିଟି ଭୋଟରଙ୍କ ଗୋଟିଏ ମୂଲ୍ୟବାନ ଭୋଟ ଏ ସମାଜର ବ୍ୟବସ୍ଥାକୁ ନିଶ୍ଚିନ୍ତ ଭାବରେ ଏକ ନୂତନ ଦିଗନ୍ତ ପାଇଁ ଯେଉଁ ସମ୍ଭାବନାର ପରିବେଶ ସୃଷ୍ଟି କରେ ତାହା ଆମ ସମସ୍ତଙ୍କ ପାଇଁ ଏକ ଗଣତାନ୍ତ୍ରିକ ଦାୟିତ୍ୱବୋଧତାର ଅଙ୍ଗୀକାର ନିଶ୍ଚୟ ।

ଆଇନଜୀବୀ,
ଓଡ଼ିଶା ହାଇକୋର୍ଟ, କଟକ,
ମୋ: ୯୪୩୭୨୨୫୬୮୯

## ଓଡ଼ିଶା ବିଜେପି ଓ ପିକେଙ୍କ ଭବିଷ୍ୟବାଣୀ



**ଗୋପୀନାଥ ଦାଶ**

ଓଡ଼ିଶା ରାଜନୀତିରେ ନୁହଁ ତମାମ ଭାରତୀୟ ରାଜନୀତିରେ ରାଜନୀତି ବିଷୟରେ ସର୍ବନିମ୍ନ ଜାଣିଥିବା ବା ରାଜନୀତିରେ ଆଗ୍ରହ ରଖୁଥିବା ଯେ କେହି ଲୋକଟା ପିକେ ବା ପ୍ରଶାନ୍ତ କିଶୋରଙ୍କୁ ବେଶ୍ ଭଲ ଭାବରେ ଜାଣିଥିବେ। ଜଣେ ନାମାଜାଦା ରାଜନୈତିକ ରଣନୀତିକାର ଭାବେ ସେ ବେଶ୍ ପ୍ରସିଦ୍ଧ। ୨୦୧୪ ଲୋକସଭା ନିର୍ବାଚନରେ ସେ ବିଜେପିର ମୁଖ୍ୟ ରଣନୀତିକାର ଥିଲେ। ସେସମୟରେ କେହି ବିଜେପିର ଏପରି ସମ୍ଭାବ୍ୟ ବିଜୟ ଲହରୀକୁ ନେଇ ମାପି ପାରିନଥିବା ବେଳେ ସେ କିନ୍ତୁ ବିଜେପିର ଜିତାପଟ ପାଇଁ କାର୍ଯ୍ୟ କରୁଥିଲେ। ପରେ ୨୦୨୧ରେ ପଶ୍ଚିମ ନିର୍ବାଚନରେ ତୃଣମୂଳ କଂଗ୍ରେସ ତାଙ୍କୁ ନିଜ ରଣନୀତିକାର ଭାବେ ଉପଯୋଗ କରି ବେଶ୍ ଫାଇଦା ଉଠାଇଥିଲା। ସେସମୟରେ ପ୍ରଶାନ୍ତ କିଶୋର ଯାହା ଭବିଷ୍ୟ ବାଣୀ କରିଥିଲେ ସବୁ ସତ ହୋଇଥିଲା। ଏବେ ଆସିବା ୨୦୨୪ ଲୋକସଭା ନିର୍ବାଚନ ବିଷୟରେ ଆଲୋଚନା ପାଇଁ। ସହଜେ ବିଜେପିର ତମାମ ଦେଶରେ ପ୍ରଚଣ୍ଡ ହାୱା ରହିଛି। ମୋଦିଜୀଙ୍କ ଦୃଢ଼ ଆସ୍ଥା ଓ ବିଶ୍ୱାସ ଭାରତୀୟଙ୍କ ଭିତରେ ଏକ ଜାଗରଣ ସୃଷ୍ଟି କରିଛି। କେନ୍ଦ୍ରରେ ବିଜେପି ଯେ ଫେରୁଛି ତାହା ବିରୋଧୀମାନେ ମଧ୍ୟ ଗ୍ରହଣ କରିସାରିଲେଣି। ସହଜେ ତ ଭାରତୀୟ ରାଜନୀତିରେ ବିରୋଧିମାନେ ଦିନକୁ ଦିନ ଲାଞ୍ଜଛିଣ୍ଡା ଚରିତ୍ର ପରି ପାଲଟିଗଲେଣି। ତେବେ ବଡ଼ କଥା ହେଉଛି ଭାରତୀୟ ରାଜନୀତିରେ ବିଜେପି ଯେଉଁପରି ଭାବେ ଦିନକୁ ଦିନ ତୃଣମୂଳ ସ୍ତରରୁ ବେଶ୍ ସଙ୍ଗଠିତ ହୋଇ ଦିନକୁ ଦିନ ତାହା ଦୁର୍ଗ ମଜବୁତ୍ କରୁଛି ଅନ୍ୟ ବିରୋଧୀମାନେ ଏ କ୍ଷେତ୍ରରେ ସମ୍ପୂର୍ଣ୍ଣ ପଛରେ ପଡ଼ିଯାଇଛନ୍ତି।

ଓଡ଼ିଶାରେ ରାଜନୀତି ପୁରାପୂରି ସରଗରମ ରହିଛି। ବିଜେଡ଼ି-ବିଜେପି ଭିତରେ ମେଣ୍ଟ ହେବ ବୋଲି ଅନେକ ଚର୍ଚ୍ଚା, ଆଲୋଚନା ଚାଲିଥିଲା। ଏକ ନ୍ୟୁଜ୍ କନକ୍ଲେଭ୍‌ରେ ଭି.କେ. ପାଣ୍ଡିଆନ କହିଥିଲେ ଯେ ଭାଜପାର ବିନା ସମର୍ଥନରେ ଓଡ଼ିଶାରେ ବିଜେପି ବିପୁଳ ସଂଖ୍ୟା ଗରିଷ୍ଠତା ପାଇ ସରକାର ଗଢ଼ିବ। ୨୦୨୨ ପଞ୍ଚାୟତ ନିର୍ବାଚନରେ ବିଜେଡ଼ିକୁ ୯୦ ଭାଗ ଆସନ ମିଳିଥିଲା ବୋଲି ବେଶ୍ ଦୃଢ଼ୋକ୍ତି ମଧ୍ୟ ଦେଖାଇଥିଲେ। କିନ୍ତୁ ୨୦୨୪ରେ ମେଣ୍ଟ ପରିକଳ୍ପନା ଏକପ୍ରକାର ଆକାଶ କଇଁଆ ଚିଲିକା ମାଛ ହୋଇଗଲା ପରେ ବିଜେଡ଼ି ନେତୃତ୍ୱ ନର୍ଭସରେ ରହିଛି। କିଛିଦିନ ତଳେ ବିଜେଡ଼ିର ବଡ଼ ବଡ଼ ମାମଲତକାରମାନେ ବହୁ ଜୋର୍‌ଦାର ଭାବରେ କହୁଥିଲେ ଯେ ବିଜେଡ଼ି ଏଥର ବିଧାନସଭା ଓ ଲୋକସଭା ସିଟ୍ ସବୁ ଏକପାଖିଆ ପୋଛି ନେଇଯିବ। ଇଆଡ଼େ ବିଜେଡ଼ି ଅନ୍ୟ ଦଳରୁ ନେତା ଗୋଟେଇ ଯୁଦ୍ଧ ଲଢ଼ିବାକୁ ପ୍ରସ୍ତୁତି ହେଉଛି। ତେବେ ସବୁଠାରୁ ବଡ଼କଥା ହେଲା ରାଜନୀତି ରଣନୀତିକାର ପ୍ରଶାନ୍ତ କିଶୋର ଯେଉଁ ଭବିଷ୍ୟବାଣୀ କରିଛନ୍ତି ତାହା ପୁଣି ଓଡ଼ିଶାରେ ବିଜେପିର ସମ୍ଭାବ୍ୟ ବିଜୟକୁ ନେଇ, ଏହା ତ ବିଜେଡ଼ିର ଛାମୁଆଁ ନେତା ତଥା ମାର୍ଗଦର୍ଶକଙ୍କ ହୋସ୍ ଉଡ଼ାଇବାକୁ ଯଥେଷ୍ଟ। ପ୍ରଶାନ୍ତ କିଶୋର ପିଟିଆଇସ ଏକ ସାକ୍ଷାତ୍କାରରେ କହିଛନ୍ତି ୨୦୧୪ କିମ୍ବା ୨୦୧୯ରେ ତାମିଲନାଡୁ ହେଉ ବା ଆନ୍ଧ୍ରପ୍ରଦେଶ, ଓଡ଼ିଶା ହେଉ ବା ତେଲେଙ୍ଗାନା, ପଶ୍ଚିମବଙ୍ଗ ବା ବିହାର ୫୦ ଆସନରୁ ଅଧିକ ସିଟ୍ ବିଜେପି ପାଇପାରିନଥିଲା। ୨୦୧୪ରେ ୨୯ଟି ଓ ୨୦୧୯ରେ ୪୭ ସିଟ୍ ବିଜେପି ଦଖଲ କରିଥିଲା। ତେବେ ପ୍ରଶାନ୍ତ କିଶୋରଙ୍କ ଆଶ୍ଚର୍ଯ୍ୟ ଚକିତ କଲାପରି ଭବିଷ୍ୟବାଣୀ ହେଉଛି ଯେ ଓଡ଼ିଶାରେ ଆଉ ପଶ୍ଚିମବଙ୍ଗରେ ବିଜେପି ଏକ ନମ୍ବର ସ୍ଥାନ ଦଖଲ କରିବ। ଅର୍ଥାତ୍ ଏହି ଦୁଇଟି ରାଜ୍ୟରେ ବିଜେପି ଶାସନଗାଦିକୁ ଫେରୁଛି।

ଲୋକସଭା ସିଟ୍ କ୍ଷେତ୍ରରେ ୨୦୧୪ରେ ବିଜେପି ଓଡ଼ିଶାରୁ ସୁନ୍ଦରଗଡ଼ ସଂସଦୀୟ କ୍ଷେତ୍ର ଜିତି ମାତ୍ର ଗୋଟିଏ ଲୋକସଭା ସିଟ୍ ହାତେଇଥିଲା। କିନ୍ତୁ ବିଜେଡ଼ି କ୍ଲିନ୍ ସୁଇପ୍ କରିଥିଲା, କିନ୍ତୁ ୨୦୧୯ରେ ଲୋକସଭାର ୩୮% ଭୋଟ୍ ହାର ସହ ୮ଟି ଆସନ ଦଖଲ କରିଥିଲା ଆଉ ୪ଟି ସଂସଦୀୟ କ୍ଷେତ୍ରରେ ବିଜେଡ଼ିକୁ ଅଣନିଃଶ୍ୱାସୀ କରି ଏକପ୍ରକାର ପାଣି ପିଆଇ ଦେଇଥିଲା ମଇଦାନରେ। ଏଯାବତ୍ ଯେତିକି ଜନମତ ସର୍ଭେ ହୋଇଛି ବିଜେଡ଼ି ଓ ବିଜେପି ଉଣେଇଶ୍-ବିଶ୍ ସ୍ଥିତିରେ ଅଛନ୍ତି। ବିଜେପିର ଭୋଟ ହାର ଦିନକୁ ଦିନ ବଢୁଛି ଆଉ ଓଡ଼ିଶାରେ ଶାସନ ବିରୋଧୀ ଅର୍ଥାତ୍ ବିଜେଡ଼ି ବିରୁଦ୍ଧରେ ଜନମତର ଲହରୀ ରହିଛି। ଅନେକ ହୁଏତ ଆଶ୍ଚର୍ଯ୍ୟ ଚକିତ ହୋଇପାରନ୍ତି। ଏଠାରେ ଗୋଟିଏ ଛୋଟିଆ ଉଦାହରଣ ଦେଉଛୁ। ଯାଜପୁର ଜିଲ୍ଲାର ତମାମ ନିର୍ବାଚନ ମଣ୍ଡଳୀରେ ବିଜେଡ଼ିର ପ୍ରଭାବ ଓ ଦବ୍‌ଦବା କୁହାଯାଏ। ଏହି ଜିଲ୍ଲାକୁ ବିଜେଡ଼ିର ଭୋଟ ରାଜନୀତି କ୍ଷେତ୍ରରେ ଅଭେଦ ଦୁର୍ଗ ବୋଲି କୁହାଯାଏ। ଏହି ଜିଲ୍ଲାର ବଡ଼ଚଣା ନିର୍ବାଚନ ମଣ୍ଡଳୀ ଏକ ହାଇ ଭୋଲଟେଜ୍ ଲଢ଼େଇ ହେଉଥିବା ନିର୍ବାଚନ ମଣ୍ଡଳୀ କହିଲେ ଅତ୍ୟୁକ୍ତି ହେବନାହିଁ। ଏଠାରେ ବିଜେଡ଼ିର ପୁରୁଣା ନେତା ଅମର ପ୍ରସାଦ ଶତପଥୀ ଜିତି ଆସୁଛନ୍ତି। ଅମର ପ୍ରସାଦ ଶତପଥୀଙ୍କୁ କେହି କେହି ପ୍ରଭାବଶାଳୀ, ଅନୁଭବୀ ଓ ଦକ୍ଷ ନେତା ଭାବେ କୁହନ୍ତି। ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ମାତ୍ର ପନ୍ଦର ଶହରୁ କମ୍ ଭୋଟ୍ ବ୍ୟବଧାନରେ ଏଠାରୁ ବିଜେପିର ତରୁଣ, ଉଦୀୟମାନ ଓ ଛାତ୍ର ଜୀବନରୁ ଦେଶ, ସମାଜ ପାଇଁ ସଂଗ୍ରାମ କରୁଥିବା ଲଢୁଆ ପୁଅ ଅମର ନାୟକ ଅଳ୍ପେକେ ହାରି ଯାଇଥିଲେ। ତଥାକଥିତ ସରକାରୀ ଦଳ, ବଳ, କୌଶଳ, ଅର୍ଥ, ପତିପତି ସବୁ ଆଗରେ ଜଣେ ଯୁବବ୍ୟକ୍ତିତ୍ୱ ଲଢ଼େଇକରି ବିଜୟର ପାଖାପାଖି ପହଞ୍ଚିପାରିଥିଲେ। ତାଙ୍କ ପାଖରେ ଅର୍ଥବଳ, ବାହୁବଳ ବା କ୍ଷମତା, ପତିପତି କିଛିହିଁ ନଥିଲା। ଅମର ନାୟକଙ୍କୁ ଯିଏ ଜାଣିଥିବେ ପାଖରୁ ଜଣେ ପରୋପକାରୀ, ବନ୍ଧୁବତ୍ସଳ, ସଙ୍ଗଠକ ତଥା ଦଳ ପାଇଁ ସମର୍ପିତ ଉଦୀୟମାନ ବ୍ୟକ୍ତିତ୍ୱ ଭାବେ ଜାଣନ୍ତି। କିଛି ଦିନ ତଳେ ମୋଦିଜୀ ଏହି ଚଣ୍ଡିଖୋଲରେ ଏକ ଦଳୀୟ ସମାବେଶରେ ଯୋଗ ଦେଇଥିଲେ। ଏଥିରେ ଅଭୁତପୂର୍ବ ଜନସମାଗମ ହୋଇଥିଲା। ମୋଦିଜୀଙ୍କୁ ଦେଖିବା ପାଇଁ ଲୋକମାନଙ୍କର ଆଗ୍ରହ ରହିଥିବା ସହ ଏଥିରୁ ସ୍ପଷ୍ଟ ପ୍ରମାଣିତ ହୋଇଥିଲା ଯେ ଅମର ନାୟକଙ୍କ ସହିତ ସ୍ଥାନୀୟ ଜନସାଧାରଣଙ୍କ ଭାବାବେଗ କେଉଁପରି ଭାବରେ ରହିଛି। କେବଳ ଯାଜପୁରର ବଡ଼ଚଣା ନୁହେଁ ଗତ ନିର୍ବାଚନରେ ବିଜେପି ପାଖାପାଖି ତିରିଶରୁ ଊର୍ଦ୍ଧ୍ୱ ବିଧାନସଭା ସିଟରୁ ପରାସ୍ତ ହୋଇଛି ମାତ୍ର ଦୁଇ ହଜାରରୁ କମ୍ ଭୋଟ୍ ବ୍ୟବଧାନରେ। ଚଳିତ ଥର ମୋଦିଜୀଙ୍କ ହାୱା ଦିନକୁ ଦିନ ବଢ଼ିବା ସହ ଓଡ଼ିଶାରେ ବର୍ଷ ବର୍ଷ ଧରି ଶାସନକୁ ଯାବୁଡ଼ି ଧରିଥିବା ଦଳ ବିରୁଦ୍ଧରେ ମଧ୍ୟ ପାଣିପାଗ ରହିଛି। ଏହାକୁ ତେଜିୟାନ କରିପାରିଲେ ହେଲା। ତେଣୁ ଓଡ଼ିଶାରେ ବିଜେପି ଏହି ସମୀକରଣକୁ ଦୃଷ୍ଟିରେ ରଖି ଜନମତର ସ୍ରୋତକୁ ବୁଝାଇ ପାରିଲେ ପ୍ରଶାନ୍ତ କିଶୋରଙ୍କ ଭବିଷ୍ୟବାଣୀ ଯେ ନିଶ୍ଚିନ୍ତ ସତ୍ୟ ଏହା ଅମୂଳକ ନୁହେଁ।

ଲୋକସଭା ଓ ବିଧାନସଭା ନିର୍ବାଚନରେ ପ୍ରାୟତଃ ସ୍ଥାନୀୟ ପ୍ରସଙ୍ଗ ବଡ଼ ଗୁରୁତ୍ୱ ରଖିଥାଏ। ଜାତୀୟ ପ୍ରସଙ୍ଗର ଗୁରୁତ୍ୱ ସବୁବେଳେ ରହୁଥିବାବେଳେ କେବଳ ଭାରତରେ ନୁହେଁ ଓଡ଼ିଶାରେ ମଧ୍ୟ ବିଜେପିର ପୋଷ୍ଟର ବୟ ସ୍ୱୟଂ ମୋଦିଜୀ। କଥା ଉଠୁଛି ମୋଦିଜୀଙ୍କ ହାୱା ଦିନକୁ ଦିନ ବଢୁଥିବା ବେଳେ ପାଣ୍ଡିଆନଙ୍କ କୌଣସି ହାୱା ତ ନାହିଁ। ତେଣୁ କେବଳ ସଂସଦୀୟ କ୍ଷେତ୍ର ନୁହେଁ ବିଧାନସଭାରେ ବିଜେପି ମଧ୍ୟ ଚମକାଇ ଦେଲାପରି ଗଣିତ ଯେ କଷିପାରେ ଏହାକୁ ଅନୁମାନ କରିବା ଆଦୌ ଅସଙ୍ଗତ ହେବନାହିଁ। ପ୍ରଶାନ୍ତ କିଶୋର ଏହା ମଧ୍ୟ ଯୋଡ଼ିଛନ୍ତି ଯେ ଦକ୍ଷିଣ ଓ ପୂର୍ବ ଭାରତରେ ବିଜେପିର ଭୋଟ୍ ହାର ବଢ଼ିବ। ତେଲେଙ୍ଗାନାରେ ଭଲ ଫଳ କରିବା ସହ ଆନ୍ଧ୍ରପ୍ରଦେଶରେ ମଧ୍ୟ ଟିଡ଼ିପି ସହ ମେଣ୍ଟ କରିବା ପରେ ସ୍ୱାଭାବିକ ଭାବେ ଭୋଟ ହାର ବଢ଼ିବ। ହିନ୍ଦୀ ଭାଷାଭାଷୀ ରାଜ୍ୟରେ ବିଜେପିର ମଜବୁତ ସ୍ଥିତି ରହିଛି। ଭାରତରେ ଆଞ୍ଚଳିକ ଦଳ ଦିନକୁ ଦିନ ପୂର୍ବ ପରି ଆଉ ପ୍ରଭାବୀ ଓ ସ୍ଥାନୀୟ ପ୍ରସଙ୍ଗକୁ ନେଇ ଲୋକମାନଙ୍କ ପାଖରେ ବିଶ୍ୱାସଭାଜନ ହୋଇପାରୁ ନାହାନ୍ତି। କଥାରେ ଅଛି କ୍ରିକେଟ ଓ ରାଜନୀତି ବିଷୟରେ ଠିକ୍ ପାଣିପାଗ ପରି କିଛି ଅନୁମାନ ଲଗାଇବା ସଠିକ୍ ନ ହୋଇପାରେ। କିନ୍ତୁ ଜଣେ ନାମାଜାଦା ରାଜନୀତି ରଣନୀତିକାର ଆଉ ଢେର୍ ନିଜ ଦକ୍ଷତା ଦେଖାଇ ପାରିଥିବା ପ୍ରଶାନ୍ତ କିଶୋରଙ୍କ ପୂର୍ବାନୁମାନ କେତେ ସତ ସାବ୍ୟସ୍ତ ହେଉଛି ଏହା ଜାଣିବାକୁ ଆଉ ବେଶି ଅପେକ୍ଷା କରିବାକୁ ପଡ଼ିବ ନାହିଁ। କିନ୍ତୁ ଏହା ବଡ଼ ସତ୍ୟ ଯେ ଓଡ଼ିଶାରେ ବିଜେପି ତା ଦୁର୍ଗକୁ ମଜବୁତ କରିବା ସହ ଜନମତକୁ ନିଜ ଆଡ଼କୁ ଟାଣିପାରିଲେ ଯେକୌଣସି ନୂଆ ରେକର୍ଡ ବି ହୋଇପାରେ।

ବରଦା, ବାଲିଚନ୍ଦ୍ରପୁର,
ଯାଜପୁରୟ
ମୋ: ୮୮୯୫୨୯୬୧୬୭




### ପୂର୍ବ ପିଢ଼ି
**ସଦାଶିବ ବିଶ୍ୱାଳ**

ଗଛର ଶୁଖିଲା ପତ୍ର ସେମାନେ,
ଝାଡିବାରେ କଷ୍ଟ କର ନାହିଁ
ଯାହା କିଛି ଦିନ ପରେ ଆପେ
ଝଡ଼ିଯିବ
ବସିବା ଅଭ୍ୟାସ କର କିଛି ବୟସ୍କଙ୍କ
ପାଶେ
ଦିନେ ଆପେ ଯାହାର ପାଟି ବନ୍ଦ
ହୋଇଯିବ

ଖର୍ଚ୍ଚ କରିବାକୁ ବେହିସାବ
ଦିଅ ସେମାନଙ୍କୁ,
ଯିଏ ଦିନେ ନା ଦିନେ ତୁମ ପାଇଁ ସବୁ
ଛାଡିଯିବେ
ମଝିରେ ରୋକ ନାହିଁ ବାରମ୍ବାର ତାଙ୍କୁ
କହିବାକୁ, ଯିଏ
ଦିନେ ନା ଦିନେ ସଦାକାଳ ଆପେ
ଆପେ ଚୁପ ହୋଇଯିବେ

ସେମାନଙ୍କ ଆଶୀର୍ବାଦ ମୁଣ୍ଡଉପରେ
ନେଇ ନେଇ ଚାଲ
ନଚେତ, ସେମାନେ କାନ୍ଥରେ ଫଟୋ
ହୋଇଯିବେ
ଖୁଆଅ ସେମାନଙ୍କୁ ସେମାନଙ୍କ ମନ
ପସନ୍ଦର ଏବେ
ନଚେତ, ଶ୍ରାଦ୍ଧଦେଲେ ବି
ଖାଇବାକୁ ଭୁଲିଯିବେ

+ କଷ୍ଟ ଏଣ୍ଡ ମ୍ୟାନେଜମେଣ୍ଟ
ଆକାଉଟାଣ୍ଟ
ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ
ମୋହନଦାସ ଏନକ୍ଲେଭ, ଖଣ୍ଡଗିରି
ଭୁବନେଶ୍ୱର-୩୦

### ଈପ୍ସିତ ଅପ୍ରାପ୍ତି
**ଲତିକା ମହାପାତ୍ର**



ପାଣି ଭିତରେ ଥରି ଉଠୁଥିବା
ପ୍ରତିବିମ୍ବଟିଏ ମୁଁ
ପ୍ରାନୋଚ୍ଛଳ
କେବେ ଚହଲି ଯିବି ଜାଣେନା
ଏବେ କମ୍ପିଉଠୁଚି ପ୍ରେମରେ

ଥରି ଥରି ଜଳୁଥିବା
ଦୀପ ଶିଖା ମୁଁ
ଜାଣେନା କେବେ ଯିବି ନିଭି
ଏବେ ନିରଧୂମ ଜଳୁଚି ପ୍ରେମରେ !

ମୋ ଭିତରେ ମୁଁ କମ୍ପି ଉଠୁଛି
ଭାବରେ
ଉଚ୍ଛୁଳି ଉଠୁଚି ପୁଲକରେ
ସମ୍ମୋହିତ ଆପଣା ଅପ୍ରାପ୍ତିରେ !

ଜଣା ନାହିଁ ପଥ
ଆଗକୁ ବଢ଼ି କି ମରୁଡି
ବର୍ଷା ବା ତୋଫାନ
କେବଳ ଆପଣା ଅଭାବରେ
ବିଭୋର ଓ ତଲ୍ଲୀନ ପୁଲକଟିଏମୁଁ ।

କେବେ ସରିବ ରାସ୍ତା ?
କେବେ ମୁଦି ହେଇଯିବ ଆଖି !
କେବେ ପୁରା ହେବ ସ୍ୱପ୍ନ ?
ତୋର ଆଉ ମୋର !!

+ ତାଳଚେର

### ଝରି ପଡୁଥିଲା ଥପଥପ ଲୁହ
**ମହୀଜା ଦଳବେହେରା**




ଝରି ପଡୁଥିଲା ଥପ ଥପ ଲୁହ
ସହି ମୁଁ ପାରିଲି ନାଇଁ
ହେଲେ ନିଜ ହାତେ ସେ ଲୁହକୁ ତୁମ
ପୋଛି ମୁଁ ପାରିଲି ନାଇଁ ।

କିଏ ସିଏ ପରା ଟାଣି ଧରୁଥିଲା
ଅଟକି ଗଲା ମୋ ହାତ
ପରିଚୟ ଆମ ଦୁନିଆଁ ଜାଣେନି
ଗୋପନ ପରା ଯେ ସେ ତ
ଲୁହ ଜର ଜର ସେ ମୁହଁ ତୁମର
ଚାହିଁ ମୁଁ ପାରିଲି ନାଇଁ ।

ଅଭିମାନେ ତୁମେ ଯାଉଥିଲ ଫେରି
ପାରିଲିନି କହି ରୁହ
ନିଜ ହାତେ ପରା ନିଜେ ପୋଛୁ ଥିଲ
ନିଜ ଆଖିର ସେ ଲୁହ
ଧୀରେ ଧୀରେ ତୁମେ ଫେରି ପଡୁଥିଲ
ପଣତ ମୁହଁରେ ଦେଇ ।

+ ସୀତା ନିବାସ
ରାଜାବଗିଚା, କଟକ-୯





# ଭୂମିଙ୍କୁ ସବୁଜ ସ୍ୱୀକୃତି



ବିଶିଷ୍ଟ ପରିବେଶ ଯୋଦ୍ଧା ତଥା ଅଭିନେତ୍ରୀ ଭୂମି ପେଡନେକରଙ୍କୁ ବିଶ୍ୱ ଅର୍ଥନୈତିକ ଫୋରମ୍ ଦ୍ୱାରା 'ବିଶ୍ୱ ଯୁବ ନେତୃତ୍ୱ'(ବାଇଜିଏଲ୍) ମାନ୍ୟତା ପ୍ରଦାନ କରାଯାଇଛି। ଚଳିତବର୍ଷ ଶେଷ ଭାଗ ଆଡ଼କୁ ତାଙ୍କୁ ଜେନେଭାଠାରେ ୨୦୨୪ର ସମ୍ମାନଜନକ ବାଇଜିଏଲ୍ ମଣ୍ଡଳୀରେ ସାମିଲ କରାଯିବ। ଜଳବାୟୁ ପରିବର୍ତ୍ତନ ସଂପର୍କରେ ସଚେତନତା ସୃଷ୍ଟି କରିବା ସହ ୨୦୧୯ ମହାମାରୀ କୋଭିଡ୍ ବେଳେ ସାଧାରଣ ଲୋକଙ୍କ ଜୀବନ ବଞ୍ଚାଇବା ଦିଗରେ ଭୂମିଙ୍କର ଭୂମିକାକୁ ସମସ୍ତେ ପ୍ରଶଂସା କରିଛନ୍ତି।

ସୂଚନାଯୋଗ୍ୟ, ବିଶ୍ୱ ଅର୍ଥନୈତିକ ଫୋରମ୍ ଦ୍ୱାରା ଆରମ୍ଭ ହୋଇଥିବା ଏହି ବାଇଜିଏଲ୍ ମଣ୍ଡଳୀ ବିଶ୍ୱର କେତେକ ଜରୁରୀ ଆହ୍ୱାନର ମୁକାବିଲା ପାଇଁ ୪୦ ବର୍ଷରୁ କମ୍ ବୟସର ବିଶିଷ୍ଟ ବ୍ୟକ୍ତିବିଶେଷଙ୍କୁ ଚିହ୍ନଟ କରି ସବୁଜ ସ୍ୱୀକୃତି ପ୍ରଦାନର ଲକ୍ଷ୍ୟ ରଖିଛି। ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହେଉଛି ଅଧିକ ସ୍ଥାୟୀ ଓ ଅନ୍ତର୍ଭୂକ୍ତ ଭବିଷ୍ୟତ ଗଠନ ପାଇଁ ଉଲ୍ଲେଖନୀୟ ନେତୃତ୍ୱ ଓ ପ୍ରତିବଦ୍ଧତା ପ୍ରଦର୍ଶନ କରୁଥିବା ବ୍ୟକ୍ତିବିଶେଷମାନଙ୍କୁ ସଶକ୍ତ କରିବା। ନିଜର ୨୦ ବର୍ଷର ପ୍ରଭାବଶାଳୀ କାର୍ଯ୍ୟଧାରା ପୂର୍ତ୍ତି ଅବସରରେ ବାଇଜିଏଲ୍ ମଞ୍ଚ ୨୦୨୪ରେ ବିବିଧ ବର୍ଗର ୮୦ରୁ ଅଧିକ ଅନନ୍ୟ ବ୍ୟକ୍ତିବିଶେଷଙ୍କୁ ସ୍ୱାଗତ କରିଛି। ଏହି ନୂତନ ଦାୟିତ୍ୱବାନ୍ ନେତୃତ୍ୱ ୩ ବର୍ଷର ଏକ ଅଭିଯାନ ଆରମ୍ଭ କରିବ, ଯାହା ବିଭିନ୍ନ ଆହ୍ୱାନର ମୁକାବିଲା କରି ବିଶ୍ୱରେ ସକାରାତ୍ମକ ପରିବର୍ତ୍ତନ ଆଣିବ।

ଭୂମିଙ୍କୁ ମିଳିଥିବା ଏହି ସ୍ୱୀକୃତି ଜଳବାୟୁ ପରିବର୍ତ୍ତନ ସଂକଟର ପ୍ରଭାବଶାଳୀ ସମାଧାନ ଆଣିବା ପାଇଁ ପ୍ରତିବଦ୍ଧତାକୁ ପ୍ରତିପାଦନ କରୁଛି। ପରିବେଶ ସଂରକ୍ଷଣ ଓ ନିରନ୍ତର ଜୀବନଯାପନ ପାଇଁ ଜଣେ ଉତ୍ସାହୀ ପ୍ରେରଣାଦାତ୍ରୀ ଭାବରେ ଭୂମି ତାଙ୍କ ମଞ୍ଚକୁ ବ୍ୟବହାର କରି ବର୍ଜ୍ୟବସ୍ତୁ ପୃଥକୀକରଣ, ବର୍ଷାଜଳ ଅମଳ, ପୁନଃପ୍ରକ୍ରିୟାକରଣ, ସଚେତନ ବେଶଭୂଷା ଚୟନ ପରି ଅନେକ ଦିଗକୁ ଆଲୋକିତ କରି ଆସିଛନ୍ତି।

# 'କେରଳ ଷ୍ଟୋରି' ବନାମ 'ମଣିପୁର ଡକ୍ୟୁମେଣ୍ଟାରି' : କେରଳ ଲଢ଼େଇ ସରଗରମ




କେରଳରେ ଏବେ ନିର୍ବାଚନ ଲଢ଼େଇ 'ସିନେମା ବନାମ ସିନେମା' ଏବଂ 'ଚର୍ଚ୍ଚ ବନାମ ଚର୍ଚ୍ଚ'ରେ ପରିଣତ ହୋଇଥିବା ଜଣାପଡିଛି। ୨୦୨୩ ମସିହାରେ କେରଳରେ ବିବାଦୀୟ ସିନେମା 'ଦ କେରଳ ଷ୍ଟୋରି'ର ପ୍ରଦର୍ଶନକୁ ନେଇ ବିବାଦ ସୃଷ୍ଟି ହୋଇଥିବା ବେଳେ ଏବେ ମଣିପୁର ହିଂସାକୁ ନେଇ ଏକ ଡକ୍ୟୁମେଣ୍ଟାରି ପ୍ରଦର୍ଶିତ ହେବା ପରେ ଏହାକୁ ନେଇ ରାଜନୀତି ସରଗରମ ରହିଛି । ଉତ୍ତର-ପୂର୍ବ ରାଜ୍ୟ ମଣିପୁରରେ ବର୍ଷ ବର୍ଷ ଧରି ଚାଲିଥିବା ହିଂସାକୁ ନେଇ ଏକ ଡକ୍ୟୁମେଣ୍ଟାରି ଫିଲ୍ମ 'କ୍ରାଇ ଅଫ୍ ଦି ଅପ୍ରେସ୍ଡ୍' ପ୍ରଦର୍ଶିତ କରିବାକୁ ନିଷ୍ପତ୍ତି କେରଳର କିଛି ଡାୟୋସିସ୍ ଏବଂ ଏକ ଖ୍ରୀଷ୍ଟିଆନ ଯୁବ ସଂଗଠନ ଦ୍ୱାରା କେରଳ ଷ୍ଟୋରି ପ୍ରଦର୍ଶିତ ହେବାର ପ୍ରତିକ୍ରିୟା ବୋଲି ଏର୍ଣ୍ଣାକୁଲମ୍-ଆଙ୍ଗାମାଲି ଆର୍କଡାୟୋସିସ୍‌ର ସାଞ୍ଜୋପୁରମ୍ ଚର୍ଚ୍ଚ କହିଛି। ଏହି ଲଢ଼େଇର ମୂଳରେ ରହିଛି ଖ୍ରୀଷ୍ଟିଆନ ସମ୍ପ୍ରଦାୟର ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ପ୍ରୟାସ, ଯେଉଁମାନେ ରାଜ୍ୟ ଜନସଂଖ୍ୟାର ୧୮ ପ୍ରତିଶତ ଅଟନ୍ତି। କେରଳ ହେଉଛି ଭାରତର ସବୁଠାରୁ ଅଧିକ ଖ୍ରୀଷ୍ଟିଆନ ଧର୍ମାବଲମ୍ବୀ ଥିବା ରାଜ୍ୟ। ପାରମ୍ପରିକ ଭାବେ କଂଗ୍ରେସକୁ ଭୋଟ୍ ଦେଉଥିବା ଏହି ସମ୍ପ୍ରଦାୟକୁ ବିଜେପି ଏବେ ନିଜ ଆଡ଼କୁ ଆକୃଷ୍ଟ କରୁଛି। କାଥୋଲିକ ଏବଂ ସିରିଆ ଖ୍ରୀଷ୍ଟିଆନମାନେ ବିଜେପି ପ୍ରତି ଏବେ ଆଗ୍ରହ ଦେଖାଇଥିବା ବେଳେ ପ୍ରୋଟେଷ୍ଟାଣ୍ଟ ଓ ଲାଟିନ ଖ୍ରୀଷ୍ଟିଆନମାନେ ସିପିଆଇ(ଏମ୍) ନେତୃତ୍ୱାଧୀନ ବାମ ଗଣତାନ୍ତ୍ରିକ ମୋର୍ଚ୍ଚା (ଏଲ୍‌ଡିଏଫ୍)ଠାରୁ ମଧ୍ୟ ଦୂରେଇ ରହିଛନ୍ତି। ଚର୍ଚ୍ଚ ଓ ପାଦ୍ରୀଙ୍କ ମାଧ୍ୟମରେ କିଛି ଖ୍ରୀଷ୍ଟିଆନ ସମ୍ପ୍ରଦାୟ ବିଜେପିକୁ ଏପରି ଏହି ରାଜ୍ୟରେ ପ୍ରବେଶ କରିବାରେ ସାହାଯ୍ୟ କରିଛନ୍ତି ଯେଉଁଠାରେ ଏଲ୍‌ଡିଏଫ୍ ଏବଂ କଂଗ୍ରେସ ନେତୃତ୍ୱାଧୀନ ୟୁନାଇଟେଡ୍ ଡେମୋକ୍ରାଟିକ୍ ଫ୍ରଣ୍ଟ (ୟୁଡିଏଫ୍)ର ପ୍ରାଧାନ୍ୟ ରହିଛି। ଏକ ରିପୋର୍ଟ ଅନୁଯାୟୀ, ବୁଧବାର 'କ୍ରାଇ ଅଫ୍ ଦି ଅପ୍ରେସ୍ଡ' ସ୍କ୍ରିନିଂରେ ୧୦୦ରୁ ଅଧିକ ବାଇବେଲ୍ ସ୍କୁଲ୍ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ମଣିପୁରୀ ଡକ୍ୟୁମେଣ୍ଟାରି 'କ୍ରାଇ ଅଫ୍ ଦି ଅପ୍ରେସ୍ଡ'କୁ ସମ୍ପୃକ୍ତ ଚର୍ଚ୍ଚରେ ପ୍ରଦର୍ଶିତ କରାଯିବା ଦ୍ୱାରା ରାଜ୍ୟରେ ଖ୍ରୀଷ୍ଟିଆନ ସମ୍ପ୍ରଦାୟ ବିଭାଜିତ ହୋଇଥିବା ଜଣାପଡିଛି। ଏପ୍ରିଲ ୨୬ରେ ହେବାକୁ ଥିବା ଲୋକସଭା ନିର୍ବାଚନ ପାଇଁ ରାଜ୍ୟରେ ଧର୍ମ ଓ ସଂପ୍ରଦାୟ ଆଧାରରେ ଧ୍ରୁବୀକରଣ ଚରମରେ ପହଞ୍ଚିଛି।

# ଚୋରି ଅଭିଯୋଗ ଆସିବା ପରେ 'ମଇଦାନ'ର ରିଲିଜ୍ ଉପରେ ରହିତାଦେଶ ଲଗାଇଲେ ମୌସୁର କୋର୍ଟ

ପୂର୍ବତନ ଭାରତୀୟ ଫୁଟବଲ ପ୍ରଶିକ୍ଷକ ସୟଦ ଅବଦୁଲ ରହୀମଙ୍କ ଜୀବନୀ କାହାଣୀ ଉପରେ ଆଧାରିତ ସିନେମା 'ମଇଦାନ' ଏବେ ବିବାଦରେ। ଅଜୟ ଦେବଗନଙ୍କ ଅଭିନୀତ ଏହି ସିନେମା ଉପରେ ଚୋରି ଅଭିଯୋଗ ଲାଗିଛି। ଚୋରି ଅଭିଯୋଗ ଆସିବା ପରେ ମୌସୁର କୋର୍ଟ ଏହି ସିନେମାର ରିଲିଜ୍ ଉପରେ ରହିତାଦେଶ ଜାରି କରିଛନ୍ତି।

କର୍ଣ୍ଣାଟକର କାହାଣୀକାର ଅନିଲ କୁମାର ତାଙ୍କ ସ୍କ୍ରିପ୍ଟ ଚୋରି କରିଥିବା ଅଭିଯୋଗ ହେବା ପରେ ମୌସର କୋର୍ଟ ଏହି ଚଳଚ୍ଚିତ୍ର ନିର୍ମାତାଙ୍କୁ ଏହାର ରିଲିଜ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଭାରତର ସଫଳତମ ତଥା ମର୍ଯ୍ୟାଦାବନ୍ତ ଫୁଟ୍‌ବଲ୍ ପ୍ରଶିକ୍ଷକ ସୟଦ ଅବଦୁଲ ରହିମ୍‌ଙ୍କ ଜୀବନଯାତ୍ରା ଉପରେ ଆଧାରିତ ଏହି ସିନେମାରେ ମୁଖ୍ୟ ଚରିତ୍ରରେ ଅଭିନୟ କରିଛନ୍ତି ବଲିଉଡ୍ ତାରକା ଅଜୟ ଦେବଗନ। ସାଥିରେ ଅଛନ୍ତି ପ୍ରିୟାମଣି ଓ ଗଜରାଜ ରାଓ। ବୋନି କାପୁର ଓ ଜୀ ଷ୍ଟୁଡିଓ ପ୍ରଯୋଜିତ ଏହି ହିନ୍ଦୀ ସିନେମାକୁ ନିର୍ଦ୍ଦେଶନା ଦେଇଛନ୍ତି ଅମିତ ରବିନ୍ଦରନାଥ ଶର୍ମା। ବୁଧବାର ପରଦାକୁ ଆସିବା ପରେ ଏପ୍ରିଲ୍ ୧୧ ତାରିଖରେ ଇଦ୍ ଅବସରରେ ଏହା ଓଟିଟି ପ୍ଲାଟଫର୍ମରେ ବିଶ୍ୱବ୍ୟାପୀ ମୁକ୍ତି ଲାଭ କରିବ ବୋଲି ସୂଚନା ଥିଲା। ହାଇଦ୍ରାବାଦରେ ବୃତ୍ତିରେ ଶିକ୍ଷକତା କରିଥିବା ସୟଦ ଅବଦୁଲ ରହିମ୍‌ଙ୍କୁ ସଭିଏଁ ରହିମ୍ ସାବ୍ ଭାବେ ଡାକୁଥିଲେ। ଭାରତରେ ଫୁଟ୍‌ବଲ୍‌ର ଅସ୍ତିତ୍ୱ ନଥିବାବେଳେ ସେ ଶିକ୍ଷକତା ଛାଡି ପୂର୍ଣ୍ଣମାତ୍ରାରେ ପ୍ରଶିକ୍ଷଣ ଦେଇଥିଲେ। ଅତ୍ୟନ୍ତ ଶୃଙ୍ଖଳିତ ଓ ନିଷ୍ଠାର ସହ ପ୍ରଶିକ୍ଷଣ ଦେଇ ରହିମ୍ ସାବ୍ ଭାରତୀୟ ଦଳର ପ୍ରଶିକ୍ଷକ ଭାବେ ଉଲ୍ଲେଖନୀୟ ଅବଦାନ ରଖିଥିଲେ। ଏପରିକି ୧୯୫୮ ବିଶ୍ୱକପ୍‌ରେ ବ୍ରାଜିଲର ସଫଳ ସୂତ୍ର ୪-୨-୪ ସମନ୍ୱୟରେ ଖେଳିବା ପୂର୍ବରୁ ୧୯୫୬ ମେଲବର୍ଣ୍ଣ ଅଲିମ୍ପିକ୍ସରେ ଭାରତକୁ ଏହି କୌଶଳରେ ଖେଳାଇଥିଲେ। ତାଙ୍କ ପ୍ରଶିକ୍ଷିତ ଭାରତୀୟ ଫୁଟ୍‌ବଲ୍ ଦଳ ୧୯୫୧ ଓ ୧୯୬୨ରେ ଏସୀୟ କ୍ରୀଡ଼ା ସ୍ୱର୍ଣ୍ଣ ପଦକ ଜିତିଥିବାବେଳେ ୧୯୫୨ ଓ ୧୯୫୪ରେ



କ୍ରମାଗତ ଭାବେ ଦକ୍ଷିଣ ପୂର୍ବ ଏସୀୟ ଚତୁଃରାଷ୍ଟ୍ରୀୟ ପ୍ରତିଯୋଗିତା ଏବଂ ୧୯୫୯ ମେର୍ଡେକା କପ୍‌ରେ ମଧ୍ୟ ଚମତ୍କାର ପ୍ରଦର୍ଶନ କରିଥିଲା। ଏପରିକି ତାଙ୍କ ପ୍ରଶିକ୍ଷଣରେ ହାଇଦ୍ରବାଦ ୫ ଥର ରୋଭର୍ସ କପ୍ ଜିତିବା ସହ ୪ ଥର ଡୁରାଣ୍ଡ୍ କପ୍ ତୋଳି ଧରିଥିଲା। ହାଇଦ୍ରାବାଦରେ ଫୁଟ୍‌ବଲ୍‌ର ପ୍ରସାର କରିବାରେ ପ୍ରମୁଖ ଭୂମିକା ନେଇଥିଲେ। ପରବର୍ତୀ ଜୀବନରେ ବହୁ ଭାରତୀୟ ପ୍ରଶିକ୍ଷକ ଓ ରେଫରିଙ୍କୁ ତାଲିମ ଦେଇଥିଲେ। ଆଧୁନିକ ଭାରତର ଫୁଟ୍‌ବଲ୍ ବିକାଶରେ ସେ ଅସଲ ନିର୍ମାତା ଥିଲେ କିନ୍ତୁ ମାତ୍ର ୫୩ ବର୍ଷ ବୟସରେ ପ୍ରାଣ ହରାଇ ଅଧିକ ଅବଦାନ ଦେଇପାରି ନଥିଲେ।

# ନିଜ ବିବାହକୁ ଗୋପନ ରଖିବା ପାଇଁ ଯୋଜନା କରିନଥିଲେ ତାପସୀ

ନିକଟରେ ନିଜର ଦୀର୍ଘ ଦିନର ପ୍ରେମିକ ତଥା ବ୍ୟାଡମିଣ୍ଟନ ଖେଳାଳି ମାଥିଆସ ବୋଙ୍କୁ ଅଭିନେତ୍ରୀ ତାପସୀ ପାନ୍ନୁ ଏକ ବ୍ୟକ୍ତିଗତ ସମାରୋହରେ ବିବାହ କରିଥିବା କଥା ଚର୍ଚ୍ଚା ହେଉଥିଲା। ତେବେ ତାପସୀ ନିଜ ଆଡୁ ଏହି ବିବାହ ବିଷୟରେ



କହୁନଥିବାରୁ ସେ ଗୋପନରେ ବାହା ହୋଇଛନ୍ତି ବୋଲି ଆଲୋଚନା ହେଲା। ହେଲେ ଏବେ ତାପସୀ ସେ ସଂପର୍କରେ ନିଜର ମତ ରଖିଛନ୍ତି। ଅଭିନେତ୍ରୀ ତାପସୀ କହିଛନ୍ତି ଯେ ସେ ତାଙ୍କ ବିବାହର ଫଟୋ କିମ୍ବା ଭିଡିଓ ସୋସିଆଲ ମିଡିଆରେ ସେୟାର କରିବେ ନାହିଁ। ଅଭିନେତ୍ରୀ ଏହା ମଧ୍ୟ କହିଛନ୍ତି ଯେ ତାଙ୍କ ବିବାହ ଉତ୍ସବ ସର୍ବସାଧାରଣରେ ପ୍ରଘଟ ହେଉ ବୋଲି ସେ ଚାହୁଁନାହାନ୍ତି। ସେ ଆହୁରି ବି କହିଛନ୍ତି କି ବିବାହକୁ କେବେବି ଗୁପ୍ତ ରଖିବା ଉଦେଶ୍ୟ ନଥିଲା; ମାତ୍ର ମୁଁ ଏହାକୁ ଏକ ସାର୍ବଜନୀନ କାର୍ଯ୍ୟ କରିବାକୁ ଚାହୁଁନଥିଲି।''ଉଲ୍ଲେଖଯୋଗ୍ୟ, ୨୦୧୩ରେ ହୋଇଥିବା ଇଣ୍ଡିଆନ ବ୍ୟାଡମିଂଟନ ଲିଗ ଅବସରରେ ଡେନମାର୍କର ଅଲିମ୍ପିକ ପଦକ ବିଜେତା ମାଥିଏସ ବୋଏଙ୍କୁ ତାପସୀ ଭେଟିଥିଲେ । ଏହାପର ଠାରୁ ଦୁହିଁଙ୍କ ମଧ୍ୟରେ ବନ୍ଧୁତା ହୋଇଥିଲା। ଏହି ବନ୍ଧୁତା ପରବର୍ତ୍ତୀ ସମୟରେ ପ୍ରେମ ସମ୍ପର୍କରେ ପରିଣତ ହୋଇଥିଲା। ଦୀର୍ଘ ୧୦ବର୍ଷ ଧରି ତାପସୀ ଓ ବୋଏ ଡେଟିଂ କରିବା ପରେ ଶେଷରେ ବିବାହ ପାଇଁ ନିଷ୍ପତ୍ତି ନେଇଥିଲେ। ଦୁହେଁ କାହାକୁ କିଛି ନକହି ପରିବାର ଲୋକଙ୍କ ଉପସ୍ଥିତିରେ ବିବାହ କରିଥିବା ଖବର କିଛି ଦିନ ତଳେ ଭାଇରାଲ ହୋଇଥିଲା, ଯାହାର ଭିଡିଓ ଏବେ ସାମ୍ନାକୁ ଆସିଛି।

# ବିଡ଼ାନାସୀ ଥାନାରେ ଓଲିଉଡ଼ ଫାଇଟ୍: ଅଭିନେତା ବୁଦ୍ଧାଦିତ୍ୟ-ପ୍ରୀତମ ମୁହାଁମୁହିଁ

ଓଲିଉଡର ଆଉ ଏକ ଚର୍ଚ୍ଚିତ କଳି ଥାନାରେ ପହଞ୍ଚିଛି। ଓଲିଉଡ୍ ଅଭିନେତା ବୁଦ୍ଧାଦିତ୍ୟ ମହାନ୍ତି ଓ ପ୍ରଯୋଜକ ପ୍ରୀତମ ସାହୁ ଗଲା ୬ ମାସ ହେବ ସୋସିଆଲ୍ ମିଡିଆରେ ମୁହାଁମୁହିଁ ହେଉଥିବା ବେଳେ ମାମଲା ଆଜି ବିଡାନାସୀ ଥାନାରେ ପହଞ୍ଚିଛି। ପୁଲିସ ଉଭୟ ପକ୍ଷଙ୍କୁ ଆପୋସ ସମାଧାନ ପାଇଁ କହୁଥିବା ବେଳେ ବୁଦ୍ଧାଦିତ୍ୟ ଆଜି ସାମ୍ବାଦିକ ସମ୍ମିଳନୀ ଜରିଆରେ ନିଜର କ୍ଷୋଭ ପ୍ରକାଶ କରିଛନ୍ତି। ବୁଦ୍ଧାଦିତ୍ୟଙ୍କ ଅଭିଯୋଗ ଅନୁଯାୟୀ ପ୍ରଯୋଜକ ପ୍ରୀତମ ସାହୁ ଗଲା ୭ ମାସ ହେବ ତାଙ୍କ ବିରୋଧରେ ଓ ତାଙ୍କ ମାଉସୀ ତଥା ବର୍ଷୀୟାନ ଅଭିନେତ୍ରୀ ମହେଶ୍ୱତା ରାୟଙ୍କ ବିରୋଧରେ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଆପତ୍ତିଜନକ ମନ୍ତବ୍ୟ ଦେଇଆସୁଥିଲେ। ପ୍ରଯୋଜକ ଶ୍ରୀ ସାହୁ ସାମାଜିକ ଗଣମାଧ୍ୟମରେ ବୁଦ୍ଧାଦିତ୍ୟଙ୍କ ଅଭିନୟ ଦକ୍ଷତାକୁ ନେଇ ପ୍ରଶ୍ନ ଉଠାଇ ଆସୁଛନ୍ତି। ସେ ଟେଲିସିନେମା ଓ ସିରିଏଲର କରୁଥିବା ବେଳେ ଗୁଣାତ୍ମକ ସିନେମାରେ କୌଣସି ଦଖଲ ନଥିବା କହି ଶ୍ରୀ ସାହୁ ସୋସିଆଲ୍ ମିଡିଆରେ ସମାଲୋଚନା କରିଛନ୍ତି। ବୁଦ୍ଧାଦିତ୍ୟଙ୍କୁ କାମ ମିଳୁନଥିବା ନେଇ ପ୍ରଯୋଜକ ଶ୍ରୀ ସାହୁ ମଧ୍ୟ ଅପପ୍ରଚାର ଚଳାଇଛନ୍ତି। ଓଡ଼ିଆ ସିନେମା 'ପ୍ରଥା'କୁ ବିଭିନ୍ନ ସିନେମା ହଲରେ ଯେତେବେଳେ ବିରୋଧ କରାଯାଇଥିଲା ଏବଂ ପୋଷ୍ଟର ଚିରା ଯାଉଥିଲା, ଏହି ସମୟରେ ସିନେମାର ପ୍ରଯୋଜକ ସନଲିସା ପଟେଲଙ୍କ ସମର୍ଥନରେ ବାହାରିଥିଲେ ବୁଦ୍ଧାଦିତ୍ୟ। ୨୦୨୩ ନଭେମ୍ବର ୨୩ରେ ବୁଦ୍ଧାଦିତ୍ୟ ଭୁବନେଶ୍ୱରରରେ ସନଲିସାଙ୍କ ସମର୍ଥନରେ ବାହାରି ଧାରଣାରେ ବସିଥିଲେ। ମୁଖ୍ୟତଃ ସନଲିସାଙ୍କ ସମର୍ଥନରେ ବାହାରିବା ପରଠାରୁ ପ୍ରଯୋଜକ ପ୍ରୀତମ ତାଙ୍କୁ ଟାର୍ଗେଟ୍ କରିଆସୁଥିବା କୁହାଯାଉଛି। ଇନଷ୍ଟାଗ୍ରାମ ଓ ଓଲିଉଡ୍ ପେଜ୍ ୩ ନାଁରେ ଥିବା ହ୍ୱାଟସଆପ୍ ଗ୍ରୁପରେ ତାଙ୍କୁ ଟାର୍ଗେଟ୍ କରାଯାଉଛି। ଏହି ଘଟଣାକୁ ନେଇ ବୁଦ୍ଧାଦିତ୍ୟ ଗଲା ୧୫ ଦିନ ତଳେ ବିଡ଼ାନାସୀ ଥାନାରେ ଫେରାଦ ହୋଇଥିଲେ। ପୁଣି ଗଲାକାଲି ଏ ସଂକ୍ରାନ୍ତରେ ବିଡ଼ାନାସୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅନ୍ୟପଟେ ବିଡ଼ାନାସୀ ଥାନା ଆଇଆଇସି ଯୁବରାଜ ସ୍ୱାଇଁଙ୍କ କହିବା ଅନୁଯାୟୀ, ବୁଦ୍ଧାଦିତ୍ୟଙ୍କୁ ଜଣେ ପ୍ରଯୋଜକ ସାମାଜିକ ଗଣମାଧ୍ୟମରେ ଗାଳିଗୁଲଜ କରିଥିବା ଅଭିଯୋଗ ହୋଇଥିଲା। ପ୍ରଯୋଜକ ପ୍ରୀତମଙ୍କୁ ପୁଲିସ ଥାନାକୁ ଡାକିଥିଲା। ଥାନାରେ ଏହି ଘଟଣାର ଆପୋସ ସମାଧାନ ହୋଇଛି। ଭବିଷ୍ୟତରେ ପ୍ରୀତମ ଏଭଳି ସାମାଜିକ ଗଣମାଧ୍ୟମରେ ଲେଖିବେ ନାହିଁ ବୋଲି ଲିଖିତ ଭାବେ ପ୍ରତିଶ୍ରୁତି ଦେଇଥିବା ଶ୍ରୀ ସ୍ୱାଇଁ କହିଛନ୍ତି।



# ସଫଳ ନାଟ୍ୟକାର ଓ କବି ଦୀପିକା ଦାଶ

ଓଡ଼ିଶାର ନାଟକ, ସାହିତ୍ୟ ଓ କଳା ସଂସ୍କୃତି କ୍ଷେତ୍ରରେ ଜଣେ ସଫଳ ସ୍ରଷ୍ଟା ହେଉଛନ୍ତି ଦୀପିକା ଦାଶ । ସେ ଏକାଧାରରେ ଜଣେ ନାଟ୍ୟକାର, ଅଭିନେତ୍ରୀ, କବି, ଶିକ୍ଷୟତ୍ରୀ ଓ ସମାଜ ସେବୀ। ୧୯୯୦ ମସିହାରେ ସେ ଗଞ୍ଜାମ ଜିଲ୍ଲାର ପୋଲୋସରାଠାରେ ଜନ୍ମ ଗ୍ରହଣ କରନ୍ତି । ତାଙ୍କର ସ୍ୱାମୀ ସୁନିଲ କୁମାର ରଥ ଓ ଦୁଇ ଝିଅ ଦୀକ୍ଷିତା ରଥ ଓ ସାତ୍ତ୍ୱିକା ରଥ । ଲୋଚପଡ଼ା ଉ ପ୍ରା ବିଦ୍ୟାଳୟର ଶିକ୍ଷୟତ୍ରୀ ଭାବେ ପାଠ ପଢ଼ାଉଛନ୍ତି ଦୀପିକା । ତିନୋଟି କବିତା ପୁସ୍ତକ ଓ ଗୋଟିଏ ନାଟକ ପୁସ୍ତକ ପ୍ରକାଶ ପାଇଛି ଦୀପିକାଙ୍କର । କବିତା ପୁସ୍ତକ ଅସ୍ତରାଗ, ବିବିଧା, ନାଦ ଅନାହତ ଓ ନାଟକ ପୁସ୍ତକ ମଣିମାନ୍ତେ ପ୍ରକାଶ ପାଇଛି । ତିନୋଟି ନାଟକ ମଞ୍ଚସ୍ଥ ହୋଇଛି ଦୀପିକାଙ୍କର ଭୁବନେଶ୍ୱର, ବ୍ରହ୍ମପୁରର ଖଲିକୋଟ ବିଶ୍ୱ ବିଦ୍ୟାଳୟ, ବ୍ରହ୍ମପୁର ଗଞ୍ଜାମ କଳା ପରିଷଦ ମୁକ୍ତମଞ୍ଚ ସଂସ୍କୃତି ଭବନ ପରିସରରେ। ରବୀନ୍ଦ୍ର ମଣ୍ଡପ ଠାରେ ସଙ୍ଗୀତ ନାଟକ ଏକାଡେମୀ ତରଫରୁ ଜଗନା ଥୟନ୍ କାର୍ଯ୍ୟକ୍ରମରେ ନାଟକ ମଣି ମାନ୍ତ ପରିବେଷଣ ହୋଇ ସରିଛି ।

ସାହିତ୍ୟ ଓ ନାଟକ ସମ୍ପର୍କରେ ଦୀପିକା ନିଜର ମତ ପ୍ରକାଶ କରି କୁହନ୍ତି ମୋ ଦୃଷ୍ଟି ଭଙ୍ଗୀରେ ସାହିତ୍ୟ ଅନୁକୂଳ ସ୍ରୋତ ଦିଗରେ ଅବାଧରେ ଭାସୁଥିବା ନୌକା ପରି ସ୍ୱତଃ ସ୍ଫୁର୍ତ୍ତ । ଭାବାତ୍ମକ ସ୍ତରରେ ସାଉଁଟି ଥିବା ତମାମ ଅନୁଭୂତି ଓ ଉପଲବ୍ଧି ସତେ ଯେମିତି ଏହାର ଆହ୍ଲାଦର୍ । ତେବେ ମୋର ଜଞ୍ଜାଳ ମୟ ଜୀବନରେ ଦିନଚର୍ଯ୍ୟ ଭିତରେ ଘରେ ଦେଢ଼ ବର୍ଷର ଯମଜ କନ୍ୟାଙ୍କ ଯତ୍ନ ବୃଦ୍ଧ ଶାଶୂ ଶ୍ୱଶୁରଙ୍କ ଦାୟିତ୍ୱ, ଶିକ୍ଷକ ତା ସମୟରେ ଶିକ୍ଷାର୍ଥୀଙ୍କ ପ୍ରକୃତ ତତ୍ତ୍ୱାବଧାନ, ମୋତେ ମୂକ କରି ଦେଉଥିବା ବିଭିନ୍ନ ଘଟଣା ଦୁର୍ଘଟଣାରେ ନିଜର ଭାର ସାମ୍ୟ ରକ୍ଷା କରିବା ଦିଗରେ ନିଜକୁ ପରି ପ୍ରକାଶ କରିବା, ଅନ୍ୟ କ୍ଷେତ୍ର ଅପେକ୍ଷା ସାହିତ୍ୟ ସୃଜନଶୀଳତା ରେ ଅଧିକ ସହଜ ଅନୁଭବ କଲି ।



ସାହିତ୍ୟରେ ହିଁ ମୋର ସମ୍ପୂର୍ଣ୍ଣ ଆବେଦନକୁ ତୁଣ୍ଡ ଦେବା ଶିଖିଲି । ସୁଖ ହେଉ ଅବା ଦୁଃଖ ସମସ୍ତ ଭାବନାକୁ ଗୋଟିଏ ସାଦା କାଗଜ ପୃଷ୍ଠାର ବକ୍ଷରେ ଉତ୍ତରିବାକୁ ଭଲ ଲାଗିଥିଲା । ମୋର ଅଭିବ୍ୟକ୍ତି କୁ ମୁଁ ସାହିତ୍ୟ ରେ ହିଁ ନିର୍ଦ୍ୱନ୍ଦ୍ ରେ ଜଣାଇ ପାରିଲି । କିଛି ବନ୍ଦୀ ଥିବା ଶବ୍ଦ ଙ୍କୁ ମୁକ୍ତି ଦେବାର ଆନନ୍ଦ କାହିଁ ରେ କଣ ତାହା ମୁଁ ଅନୁଭବ କରି ଚାଲିଲି । ଈଶ୍ୱର ଙ୍କ କୃପାରୁ ଦୀପିକାଙ୍କର ଭବିଷ୍ୟତର ଚଲାପଥରେ ପୁଷ୍ପ ବୃଷ୍ଟି ହେଉ । ଆମର ଏତିକି କାମନା ।

ଉପସ୍ଥାପନା: ପ୍ରଦୀପ୍ତ ମହାନ୍ତି
ସମ୍ପାଦକ ରଙ୍ଗରାଗ, ବରଣ୍ଡୁଆ, ବାସୁଦେବପୁର, ଭଦ୍ରକ
ମୋବାଇଲ: ୯୯୩୭୯୭୬୩୫୧

# ମାଫିଆଙ୍କ କବ୍‌ଜାରେ ଆରୁହା ପାହାଡ଼: ଦୈନିକ ୧୦ହଜାର ଟନ୍ ପଥର ଚୋରାଚାଲାଣ



ଯାଜପୁର, ୧୧/୪ (ନି.ପ୍ର): ଯାଜପୁରର ଧର୍ମଶାଳା ତହସିଲ ଅନ୍ତର୍ଗତ ଆରୁହା ପାହାଡ଼ ଏବେ ମାଫିଆଙ୍କ କବ୍‌ଜାରେ। ଏଠାରୁ ଦୈନିକ ୧୦ହଜାର ଟନ୍ କଳାପଥର ଚୋରାଚାଲାଣ ହେଉଥିବା ଆକଳନ କରାଯାଇଛି। ନିର୍ବାଚନ କାର୍ଯ୍ୟରେ ସରକାରୀ କଳ ବ୍ୟସ୍ତ ରହିଥିବା ବେଳେ ଚୋରା କାରବାର ଚରମସୀମାରେ ପହଞ୍ଚିଛି। ଲଘୁ ଖଣିଜ ଚୋରି ପାଇଁ ବାଟ ଫିଟିଛି। ଅଣଲିଜ୍ ସୈରାତରୁ ମେସିନ୍ ଲଗାଇ ଦିନରାତି କଳାପଥର ଖୋଳାଚାଲିଛି। ୧୪୭ଏକର ପରିମିତ ଆରୁହା ପାହାଡ଼ର ୫ଟି ସୈରାତ୍‌କୁ ଲିଜ୍ ଦିଆଯାଇଛି। ମୋଟ ଲିଜ୍ ଅଞ୍ଚଳ ଥିଲା ୮୩ ଏକର। ବହୁଦିନ ହେଲା ଏହି ସୈରାତ୍‌ଗୁଡ଼ିକୁ ପ୍ରଶାସନ ବନ୍ଦ କରିଦେଇଛି। ୩ଟି ସୈରାତର ଲିଜ୍‌ଧାରୀ ତ୍ରିନାଥ ଜେନାଙ୍କ ଉପରେ ୧୦କୋଟି ଟଙ୍କା ଜରିମାନା ହୋଇଥିବା ବେଳେ ମନୋଜ ସାମଲଙ୍କ ଗୋଟିଏ ସୈରାତରୁ ମାତ୍ରାଧିକ ଖନନ ପାଇଁ ୮.୬୩କୋଟି ଟଙ୍କା ଜରିମାନା ଓ ଶରତ ଜେନାଙ୍କ ଉପରେ ୧.୮୭କୋଟି ଟଙ୍କା ଜରିମାନା ଧାର୍ଯ୍ୟ କରାଯାଇଛି। ଅତ୍ୟଧିକ ଖନନ ପାଇଁ ଜରିମାନା ସାଙ୍ଗକୁ ଖାଦାନକୁ ବନ୍ଦ କରାଯାଇଥିବା ବେଳେ ଏଠାରେ କିନ୍ତୁ ୧୦ଟି ମେସିନ୍ ଜରିଆରେ ବ୍ୟାପକ ପଥର ଖନନ କରଯାଉଛି। ଦୈନିକ ୧୦ହଜାର ଟନ୍ ପଥର ଆରୁହାରୁ ଚୋରାଚାଲାଣ ହେଉଛି। ପୂର୍ବରୁ ଲିଜ୍ ଥିବା ବେଳେ କିଛି ଗରିବ ଲୋକ ହାତରେ ପଥର ଭାଙ୍ଗି ଚଳୁଥିଲେ। ଏବେ କୋଟିପତି ମାଫିଆ ମେସିନ ଲଗାଇ ପାହାଡ଼ ଖୋଳି ଚାଲିଛନ୍ତି। ସୂଚନା ଅନୁସାରେ, ପାହାଡ଼ ତଳେ ଥିବା ୧୦ଟି କ୍ରସରରେ ଲକ୍ଷ ଲକ୍ଷ ଟନ୍ ଚୋରାପଥର ଗଚ୍ଛିତ ରହିଛି। ଗୋଟିଏପଟେ ଅନିୟନ୍ତ୍ରିତ ଖାଦାନ ଖନନ ଯୋଗୁ ପରିବେଶ ନଷ୍ଟ ହେବାସହ ବିସ୍ଫୋରଣ ଯୋଗୁଁ ସ୍ଥାନୀୟ ଅଞ୍ଚଳର ଲୋକେ ତ୍ରାହିତ୍ରାହି ଡାକୁଥିବା ବେଳେ ଅନ୍ୟପଟେ ପ୍ରଭାବଶାଳୀ ବ୍ୟକ୍ତିଙ୍କ ଦ୍ୱାରା ଲୁଟ୍ ଚାଲିଥିବାରୁ ପ୍ରତିବାଦ କରିବାକୁ ସାଧାରଣ ଲୋକଙ୍କ ସାହସ ପାଉନାହିଁ। ନିର୍ବାଚନ ପାଇଁ ସତେଯେପରି ପାହାଡ଼କୁ ମାଫିଆଙ୍କ ହାତରେ ଟେକି ଦିଆଯାଇଛି।

# ଅବ୍ୟବସ୍ଥାରେ ପର୍ଶଳା ଅଙ୍ଗନୱାଡ଼ି ଗୃହ : ଭଗବାନ ଭରସାରେ ଶିଶୁ

ଚମ୍ପୁଆ , ୧୧/୪ (ନି.ପ୍ର): ଶିଶୁଙ୍କ ବିକାଶ ଲାଗି ସରକାର ଯୋଜନା ଉପରେ ଯୋଜନା କରି କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିଲେ ମଧ୍ୟ ପ୍ରଶାସନିକ ଅଧିକାରୀଙ୍କ ଅବହେଳା ପାଇଁ ଚମ୍ପୁଆ ବ୍ଲକର ବହୁ ଅଙ୍ଗନୱାଡ଼ି କେନ୍ଦ୍ର ଅବ୍ୟବସ୍ଥା ମଧ୍ୟରେ ଗତି କରୁଥିବା ଦେଖିବାକୁ ମିଳୁଛି। ଯାହାର ଜ୍ୱଳନ୍ତ ଉଦାହରଣ ପାଲଟିଛି ଚମ୍ପୁଆ ବ୍ଲକ ଅନ୍ତର୍ଗତ ପର୍ଶଳା ପଞ୍ଚାୟତ ପର୍ଶଳା ଅଙ୍ଗନୱାଡ଼ି କେନ୍ଦ୍ର। ପର୍ଶଳା ପଞ୍ଚାୟତ କାର୍ଯ୍ୟାଳୟର ନାକ ତଳେ ଚମ୍ପୁଆ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିନରେ ୨୫ଜଣ ଶିଶୁଙ୍କୁ ନେଇ ଚାଲି ଥିବା ପର୍ଶଳା ଗ୍ରାମର ଏହି ଅଙ୍ଗନୱାଡ଼ି ଗୃହ ବିପଦ ସଂକୁଳ ଅବସ୍ଥାରେ ରହି ଥିଲେ ମଧ୍ୟ ଏଥି ପ୍ରତି କାହାରି ନଜର ପଡୁ ନ ଥିବାବେଳେ କୋମଳମତି ଶିଶୁଙ୍କ ଶୋଷ ମେଣ୍ଟାଇବା ପାଇଁ ପାଣି ମୁନ୍ଦାଏ ମିଳିବା ମଧ୍ୟ ସ୍ୱପ୍ନ ହୋଇ ପଡିଛି। ଅଙ୍ଗନୱାଡ଼ି ଶିଶୁଙ୍କ ପାଇଁ ସାଧାରଣ ନଳକୂପ ଖଣ୍ଡେ ମଧ୍ୟ ନ ଥିବା ବେଳେ ରୋଷେଇ ଗୃହ ଉପରେ ଏକ ସିନଟେକ୍ସ ବସାଇ ଦାଇତ୍ୱ ସାରି ଦେଇଛି ବିଭାଗ। ଫଳରେ ଟୋପାଏ ପିଇବା ପାଣି ପାଇବାରୁ ମଧ ବଞ୍ଚିତ ହେଉ ଛନ୍ତି ଶିଶୁ। ପାଣି ଟୋପାଏ ପାଇଁ ଶିଶୁଙ୍କୁ ପାଞ୍ଚ ଶହ ମିଟର ଦୂର ଗାଁ ଭିତରେ ଥିବା ନଳକୂପରୁ ପାଣି ଆଣିବାକୁ ପଡୁଛି। ଅଙ୍ଗନୱାଡ଼ିରେ ପଙ୍ଖା ଝୁଲୁଛି ହେଲେ ବିଦ୍ୟୁତ ସଂଯୋଗ ନ ଥିବାରୁ ଗରମ ରେ ସିଝୁଛନ୍ତି ଶିଶୁ। ପୂର୍ବରୁ ପିଲାଙ୍କ ପାଇଁ ଏକ ପାଇଖାନା ଗୃହ ରହି ଥିଲା କିନ୍ତୁ ନିକଟରେ ପାର୍କ ନିର୍ମାଣର ଆଳ ଦେଖାଇ ତାହାକୁ ଠିକାଦାର ଭାଙ୍ଗି ଦେଇଥିବାରୁ ଶିଶୁ ମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉ ଥିବାବେଳେ ଶୌଚ ହେବାପାଇଁ ବାହାରକୁ ଯାଉଥିବା ଦେଖିବାକୁ ମିଳୁଛି। ଅଙ୍ଗନୱାଡ଼ି ଗୃହ ସମ୍ମୁଖରେ ଗାଁ ରାସ୍ତା ରହିଛି। ପାର୍କ ନିର୍ମାଣ କରୁଥିବା ଠିକାଦାର ଅଙ୍ଗନୱାଡ଼ି ସମ୍ମୁଖରେ ଥିବା ପାଚେରୀ କୁ ମଧ୍ୟ ଅଧା ଭାଙ୍ଗି ଦେଇ ଥିବାରୁ ଶିଶୁ ମାନେ ସବୁବେଳେ ବିପଦକୁ ସାମ୍ନା କରୁଥିବା ଅଭିଯୋଗ ହେଉଛି। ରୋଷେଇ ଗୃହ ମଧ୍ୟ ଚାରି କଡରେ ଫାଟି ଆଁ କରିଛି। ସାଧାରଣ ବର୍ଷାରେ ପାଣି ଗଳୁ ଥିବାରୁ କେତେ ବେଳେ ଯେ ଛାତ ଧସି ପଡିବ କହି ହେବ ନାହିଁ। ଏ ପରିସ୍ଥିତିରେ ଶିଶୁଙ୍କ ପ୍ରତି ପ୍ରଶାସନ ନଜର ଅନ୍ଦାଜ କରୁଥିବାରୁ ଅଭିଭାବକ ମହଲରେ ଅସନ୍ତୋଷ ଦେଖା ଦେଇଛି। ଏହି ବିପଦ ସଂକୁଳ ଗୃହରେ କାହା ସ୍ୱାର୍ଥରେ କି ଅଭିପ୍ରାୟ ରଖି କେନ୍ଦ୍ର ଚାଲିଛି ତାର ତଦନ୍ତ ପୂର୍ବକ କାର୍ଯ୍ୟାନୁଷ୍ଠାନ ପାଇଁ ସାଧାରଣରେ ଦାବୀ ହେଉଛି।

# ଗରାପୁର ହନୁମାନ ମନ୍ଦିରରେ ଶ୍ରୀରାମଙ୍କ ଜନ୍ମ ମହୋତ୍ସବ

କେନ୍ଦ୍ରାପଡ଼ା, ୧୧/୪ (ନି.ପ୍ର): କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ କପାଳେଶ୍ୱର ପଂଚାୟତର ଗରାପୁରସ୍ଥିତ ମହାବୀର ଆଶ୍ରମ ହନୁମାନ ମନ୍ଦିରରେ ଆଜି ଠାରୁ ନବଦିନ ବ୍ୟାପୀ ମର୍ଯ୍ୟାଦା ପୁରୁଷୋତମ ଶ୍ରୀରାମଚନ୍ଦ୍ରଙ୍କ ଶୁଭ ଜନ୍ମ ମହୋତ୍ସବ ଅପଲକ୍ଷେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ଅବସରରେ ପ୍ରତ୍ୟେହ ସକାଳେ ଓ ଅପରାହ୍ନରେ ଶ୍ରୀରାମଚରିତ ମାନସ, ତୁଳସୀ ରାମାୟଣ ପାରାୟଣ ଓ ସନ୍ଧ୍ୟାରେ ବିଭିନ୍ନ ସାଧୁସନ୍ଥ ଏବଂ ବିଜ୍ଞ ପ୍ରବଚକମାନଙ୍କ ଦ୍ୱାରା ଶ୍ରୀରାମ କଥାମୃତ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିସହିତ ଆସନ୍ତା ୧୪ ତାରିଖ ରବିବାର ପବିତ୍ର ମହାବିଷୁବ ସଂକ୍ରାନ୍ତିରେ ବୀର ହନୁମାନଜୀଉଙ୍କ ପବିତ୍ର ଜନ୍ମୋତ୍ସବ ମଧ୍ୟ ପାଳନ କରାଯିବ ବୋଲି ମନ୍ଦିର ପରିଚାଳନା କମିଟି ସଭାପତି ବାବାଜୀ ଚେତନାନନ୍ଦ ଦାସ ଜଣାଇଛନ୍ତି। ସେହି ଅନୁଯାୟୀ ଆଜି ମଙ୍ଗଳାଚରଣ, ବନ୍ଦନା, ନାମ ମହାତ୍ମ୍ୟବ ଓ ଶିବପାର୍ବତୀ ସମ୍ବାଦ ଉପରେ ବାବାଜୀ ଅମୃତାନନ୍ଦ ଦାସ ପ୍ରବଚନ ପ୍ରଦାନ କରିଛନ୍ତି । ବୁଧବାର ଓ ଗୁରୁବାର ପ୍ରବକ୍ତା ଭାବେ ଅନ୍ତର୍ଯ୍ୟାମୀ ବରାଳ, ଶୁକ୍ରବାର ଓ ଶନିବାର ବାବାଜୀ ସତ୍ୟାନନ୍ଦ ଦାସ, ରବିବାର ବାବାଜୀ ଅମୃତାନନ୍ଦ ଦାସ, ସୋମବାର ଓ ମଙ୍ଗଳବାର ବାବାଜୀ ପୁରୁଷୋତମ ଦାସ, ବୁଧବାର ବାବାଜୀ ସତ୍ୟାନନ୍ଦ ଦାସ ଓ କୁନି ପ୍ରବଚକ କେଶବଙ୍କ ସମେତ ବାବାଜୀ ପୁରୁଷୋତମ ଦାସ ପ୍ରବଚକ ଭାବେ ଯୋଗଦେଇ ଶ୍ରୀରାମଙ୍କ ରାଜ୍ୟାଭିଷେକ, ରାମ ରାଜ୍ୟ ବର୍ଣ୍ଣନ, ଗରୁଡ଼ ଓ କାକଭୂଷଣ୍ଡ ସମ୍ବାଦ ତଥା ଉତର ରାମାୟଣ କଥା ଉପରେ ପ୍ରବଚନ ପ୍ରଦାନ କରିବେ ବୋଲି ଆଶ୍ରମ ପକ୍ଷରୁ ସୂଚନା ଦିଆଯାଇଛି।

# କଲେଜଛକ ସରସ୍ୱତୀ ଶିଶୁବିଦ୍ୟା ମନ୍ଦିରରେ ବର୍ଷ ପ୍ରତିପଦ ହିନ୍ଦୁ ନବବର୍ଷ ପାଳନ

ବଲାଙ୍ଗିର , ୧୧/୪ (ନି.ପ୍ର): ଚୈତ୍ର ଶୁକ୍ଳ ପ୍ରତିପଦ ଇଂରାଜୀ ତାରିଖ ୯ ଏପ୍ରିଲ,ମଙ୍ଗଳବାର ସଂଧ୍ୟା ୬ଘ.୩୦ମି.ସମୟରେ ସ୍ଥାନୀୟ କଲେଜ ଛକ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଠାରେ ଅନୁଷ୍ଠାନ ପକ୍ଷ୍ୟରୁ ହିନ୍ଦୁ ନବବର୍ଷ ଉତ୍ସବ ପାଳନ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବେଲାରସିଂ ଭୋଇ(ସଭାପତି ଦକ୍ଷିଣ ପଶ୍ଚିମ ସଂଭାଗ ) ମୁଖ୍ୟ ବକ୍ତା ଦତ୍ତାନନ୍ଦ ପଣ୍ଡା (କୋଷାଧକ୍ଷ ଦକ୍ଷିଣ ପଶ୍ଚିମ ସଂଭାଗ) ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ତ୍ରିବିକ୍ରମ ଦାଶ, ସଂପାଦକ ନୀଳାଚଳ ଚିରଗୁନପ୍ରମୁଖ ମଂଚ ରେ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ମା’’ ବାଗ୍ଦେବୀଙ୍କ ନିକଟରେ ପୂଜାର୍ଚ୍ଚନା କରିଥିଲେ। ଶିଶୁଙ୍କ ଦ୍ୱାରା ସ୍ୱାଗତ ସଂଗୀତ ପରିବେଷଣ କରାଯାଇଥିଲା।ପ୍ରଧାନ ଆଚାର୍ଯ୍ୟ ରବୀନ୍ଦ୍ର କୁମାର ମିଶ୍ର ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ବକ୍ତା ପଣ୍ଡା ମହୋଦୟ ହିନ୍ଦୁ ନବବର୍ଷ ପାଳନର ମହତ୍ୱ ବିଷୟରେ ଉପସ୍ଥିତ ଶିଶୁ ଅଭିଭାବକ ମା ମାନଙ୍କ ଅତିଥି ମାନଙ୍କୁ ମାର୍ଗଦର୍ଶନ ଦିବସର ମହତ୍ତ୍ୱ ଉପରେ ପ୍ରତିପାଦନ କରିଥିଲେ । ଶିଶୁ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।ଏହି ଅବସରରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଏବଂ ଗୁରୁଜୀ ପୁରନ୍ଦର ମିଶ୍ରଙ୍କୁ ଶତ ପ୍ରତିଶତ ଉପସ୍ଥିତି ପାଇଁ ମାନ ପତ୍ର ପ୍ରଦାନ କରାଯାଇଥିଲା। ପରିଚାଳନା ସମିତିର ଉପସଭାପତି ମା. ଗୋଦାବରୀଶ ରଥ,ସହ ସଂପାଦକ ଗିରୀଶ ରାମ ବେହେରା, କୋଷାଧ୍ୟକ୍ଷ ଜୀବେଶ୍ୱର ପ୍ରଧାନ, ସଦସ୍ୟା ଶ୍ରୀମତୀ ନଳିନୀ ସେଠି, ମା. କାତ୍ୟାୟନୀ ଷଡଙ୍ଗୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପ୍ରମୁଖ ଶୁକଦେବ ସେଠି ତଥା ବିଦ୍ୟାଳୟର ଅଭିଭାବକ ଅଭିଭାବିକା, ସମସ୍ତ ଗୁରୁମା, ଗୁରୁଜୀ, ସ୍କାଉଟ୍, ଗାଇଡର ଭାଇ ଭଉଣୀ, ସେବକ ସେବିକାଙ୍କ ସହଯୋଗରେ କାର୍ଯ୍ୟକ୍ରମ ଖୁବ୍ ଆନନ୍ଦ ଉଲ୍ଲାସର ସହିତ ପାଳିତ ହୋଇଯାଇଛି। ଏହି ଅବସର ରେ ପ୍ରତିବର୍ଷ ଭଳି ସହଭୋଜ କାର୍ଯ୍ୟକ୍ରମ ଶେଷରେ ଅନୁଷ୍ଠିତ ହୋଇଥିଲା ଉପସ୍ଥିତ ଶିଶୁଙ୍କ ପରିବାର ବର୍ଗ ବନ୍ଧୁ ବାନ୍ଧବ ଓ ନିମନ୍ତ୍ରିତ ଅତିଥି ମାନେ ଯୋଗ ଦେଇ ସାମୁହିକ ଭୋଜନ ରେ ଯୋଗଦେଇଥିଲେ।

# ତିନିମାସରେ ସମ୍ବଲପୁର ରାଡାର: ଭୁବନେଶ୍ୱରରେ ପହଞ୍ଚିଲା ସି-ବ୍ୟାଣ୍ଡ ଯନ୍ତ୍ରାଂଶ



ଭୁବନେଶ୍ୱର, ୧୧/୪ (ନି.ପ୍ର): ଓଡ଼ିଶାରେ ପାଣିପାଗର ପୂର୍ବାନୁମାନକୁ ଅଧିକ ସୁଦୃଢ଼ କରିବାକୁ ସମ୍ବଲପୁର ଓ ବାଲେଶ୍ୱରରେ ଆଉ ଦୁଇଟି ରାଡାର ପ୍ରତିଷ୍ଠା କରାଯିବ। ଏଦିଗରେ ଭାରତୀୟ ପାଣିପାଗ ବିଭାଗ(ଆଇଏମ୍‌ଡି) ପଦକ୍ଷେପ ନେଇଛି। ୨୦୨୪ ଭିତରେ ସମ୍ବଲପୁର ରାଡାର ଲଗାଇବା ଲକ୍ଷ୍ୟରେ କାମକୁ ଅଧିକ ତ୍ୱରାନ୍ୱିତ କରାଯାଇଛି। ସମ୍ବଲପୁରରେ ଲାଗିବାକୁ ଥିବା ସି-ବ୍ୟାଣ୍ଡ ଡପ୍ଲର ରାଡାରର ସମସ୍ତ ଯନ୍ତ୍ରାଂଶ ଇତିମଧ୍ୟରେ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରରେ ପହଞ୍ଚିସାରିଛି। ସମସ୍ତ ପ୍ରକ୍ରିୟା ଶେଷ ହେବା ପରେ ଆସନ୍ତା ୨ରୁ ୩ ମାସ ମଧ୍ୟରେ ସମ୍ବଲପୁର ରାଡାର କାର୍ଯ୍ୟକ୍ଷମ ହେବାର ସମ୍ଭାବନା ରହିଛି। ଏହି ରାଡାର ବସିବା ଦ୍ୱାରା ସମ୍ବଲପୁର ସମେତ ଏହାର ଆଖପାଖ ପଶ୍ଚିମ ଓଡ଼ିଶାର ୮ଟି ଜିଲ୍ଲାର ଲୋକେ ଉପକୃତ ହୋଇପାରିବ। ପ୍ରାକୃତିକ ବିପର୍ଯ୍ୟୟ ଯଥା ବିଜୁଳି ଘଡ଼ଘଡ଼ି ଜନିତ ବର୍ଷା, କାଳବୈଶାଖୀ, ବଜ୍ରପାତ ଓ ପ୍ରବଳ ବର୍ଷା ସମ୍ପର୍କରେ ଲୋକଙ୍କୁ ୩ ଘଣ୍ଟା ପୂର୍ବରୁ ସଠିକ୍ ସୂଚନା ମିଳିପାରିବ। ସେହି ଅନୁଯାୟୀ ଲୋକେ ମଧ୍ୟ ମୁକାବିଲା କରିବାକୁ ପ୍ରସ୍ତୁତ ହେବେ। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଉମାଶଙ୍କର ଦାସଙ୍କ କହିବାନୁଯାୟୀ ଏବେ ପାରାଦୀପ ଓ ଗୋପାଳପୁରରେ ଏସ୍-ବ୍ୟାଣ୍ଡର ଦୁଇଟି ଡପ୍ଲର ରାଡାର ରହିଛି। ଏହା ମାଧ୍ୟମରେ ୫୦୦ କିମି ପର୍ଯ୍ୟନ୍ତ ଅଞ୍ଚଳର ପାଣିପାଗ ସମ୍ପର୍କରେ ଆଗୁଆ ସୂଚନା ଦିଆଯାଇପାରୁଛି। ତେବେ ସମ୍ବଲପୁର ସମେତ ଝାରସୁଗୁଡ଼ା, ବରଗଡ଼, ବଲାଙ୍ଗୀର, ବୌଦ୍ଧ, ସୋନପୁର ପରି କେତେକ ଅଞ୍ଚଳକୁ କଭର କରାଯାଇପାରୁ ନାହିଁ। ଏହି ଅଞ୍ଚଳର ପାଣିପାଗ ସମ୍ପର୍କରେ ଆଗୁଆ ଆକଳନ କରିବାକୁ ରାଡାର ପ୍ରତିଷ୍ଠା ହେଉଛି। ସି-ବ୍ୟାଣ୍ଡର ଏହି ରାଡାର ଦ୍ୱାରା ୨୦୦ କିମି ପର୍ଯ୍ୟନ୍ତ ଅଞ୍ଚଳର ପାଣିପାଗ ସ୍ଥିତି ସମ୍ପର୍କରେ ୩ ଘଣ୍ଟା ପୂର୍ବରୁ ପୂର୍ବାନୁମାନ କରାଯାଇପାରିବ। ସି-ବ୍ୟାଣ୍ଡ ଦ୍ୱାରା ପାଣିପାଗ ଆକଳନର କ୍ଲାରିଟି ଆସିପାରିବ। ପଶ୍ଚିମ ଓଡ଼ିଶାର କାଳବୈଶାଖୀ, ପଶ୍ଚିମାଝଡ଼, କୁଆପଥର, ମୌସୁମୀ ସମୟରେ ପ୍ରବଳ ବର୍ଷା ଆଦି ସମ୍ପର୍କରେ ଆଗୁଆ ଜଣାଇ ଦିଆଯିବ। ଏହା ସ୍ୱଦେଶୀ ଜ୍ଞାନକୌଶଳରେ ପ୍ରସ୍ତୁତ ହୋଇଥିବା ନେଇ ସେ ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ ଓଡ଼ିଶା ଏକ ବାତ୍ୟାପ୍ରବଣ ରାଜ୍ୟ ଭାବେ ସାରା ଦେଶରେ ପରିଚୟ ଲାଭ କରିଛି। ୧୯୯୯ ମହାବାତ୍ୟା ପରଠାରୁ ଓଡ଼ିଶା ନିୟମିତ ଭାବେ ବାତ୍ୟାକୁ ଅକ୍ଲେ ବହୁତେ ସମ୍ମୁଖୀନ ହୋଇ ସାରିଲାଣି। ପ୍ରଭାବରେ ଅନେକ ଧନଜୀବନ ଉଜୁଡ଼ି ଯାଇଥିବା ବେଳେ ରାଜ୍ୟ ଅର୍ଥନୀତି ମଧ୍ୟ ବହୁଳ ଭାବେ ପ୍ରଭାବିତ ହେଉଛି। ବାତ୍ୟା ବିପର୍ଯ୍ୟୟକୁ ଦୃଷ୍ଟିରେ ରଖି ୨୦୦୬ ମସିହାରେ କେନ୍ଦ୍ର ସରକାର ଓଡ଼ିଶାରେ ଅତ୍ୟାଧୁନିକ ଡପ୍‌ଲାର ରାଡାର ସ୍ଥାପନ କରିବାକୁ ନିଷ୍ପତ୍ତି ନେଇଥିଲେ। ଏହି ତାଲିକାରେ ଗୋପାଳପୁର, ପାରାଦୀପ, ସମ୍ବଲପୁର ଓ ବାଲେଶ୍ୱର ରହିଥିଲା। ଓଡ଼ିଶାମୁହାଁ ଯେତିକି ବାତ୍ୟା ଆସୁଛି, ପ୍ରାୟତଃ ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ତାର ପ୍ରଭାବ ଅଧିକ ପଡ଼ିବା ସହ ବ୍ୟାପକ କ୍ଷୟକ୍ଷତି ହେଉଛି। ବିଶେଷ କରି ସାମୁଦ୍ରିକ ଝଡ଼ବାତ୍ୟା, ବଜ୍ରପାତ, ଲଘୁଚାପ ବର୍ଷା, ପବନର ବେଗ ଆଦି ସଂପର୍କରେ ଆଗୁଆ ସଠିକ ସୂଚନା ଦେବାରେ ଡପ୍‌ଲାର ରାଡାରର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ ରହୁଥିବାରୁ ପାରାଦୀପ ଓ ଗୋପାଳପୁରଠାରେ ପ୍ରାଥମିକ ପର୍ଯ୍ୟାୟରେ ଏହି ରାଡାର ପ୍ରତିଷ୍ଠା କରିବାକୁ ଯୋଜନା ହୋଇଥିଲା। ସେହି ଅନୁଯାୟୀ ପଦକ୍ଷେପ ନିଆଯିବା ସହ ପର୍ଯ୍ୟାୟକ୍ରମେ ଦୁଇଟି ଯାକ ରାଡାର ପ୍ରତିଷ୍ଠା ସହ କାର୍ଯ୍ୟକ୍ଷମ ହୋଇସାରିଛି। ତେବେ ସମ୍ବଲପୁର ଓ ବାଲେଶ୍ୱର ରାଡାର ପ୍ରତିଷ୍ଠାରେ ବିଳମ୍ୱ ହେଉଥିଲା। ୨୦୨୩ ସୁଦ୍ଧା ରାଡାର କାର୍ଯ୍ୟକ୍ଷମ କରିବାକୁ ୨୦୨୧ରେ ଆଇଏମ୍‌ଡି ଯୋଜନା କରିଥିଲେ ମଧ୍ୟ ତାହା ଫଳପ୍ରଦ ହୋଇପାରି ନ ଥିଲା। ଏବେ ତାହାକୁ ଅଧିକ ତ୍ୱରାନ୍ୱିତ କରାଯିବା ଦ୍ୱାରା ଓଡ଼ିଶାବାସୀ ଉପକୃତ ହୋଇପାରିବେ। ଗତ ମାସରେ ଓଡ଼ିଶା ଗସ୍ତ ସମୟରେ ଆଇଏମ୍‌ଡି ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର ଏସମ୍ପର୍କରେ ସୂଚନା ଦେବା ସହ ୨୦୨୪ ସୁଦ୍ଧା ସମ୍ବଲପୁର ଓ ୨୦୨୫ ପ୍ରଥମାର୍ଦ୍ଧରେ ବାଲେଶ୍ୱର ରାଡାର କାର୍ଯ୍ୟକ୍ଷମ ହେବ ବୋଲି କହିଥିଲେ।

# ୫ ନିର୍ବାଚନମଣ୍ଡଳୀର ଇଭିଏମ୍ ଓ ଭିଭିପ୍ୟାଟ୍ ଏବେ ଷ୍ଟ୍ରଙ୍ଗରୁମ୍‌ରେ: ବିଜେବି କଲେଜରେ ହୋଇଛି ଷ୍ଟ୍ରଙ୍ଗରୁମ୍




ଭୁବନେଶ୍ୱର, ୧୧/୪ (ନି.ପ୍ର): ଚଳିତ ଏକକ ସାଧାରଣ ନିର୍ବାଚନକୁ ସ୍ୱଚ୍ଛ,ଅବାଧ ଓ ନିରପେକ୍ଷ କରିବା ନିମନ୍ତେ ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି। ଏନେଇ ଜିଲ୍ଲା ପ୍ରଶାସନର ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଭୁବନେଶ୍ୱର ଲୋକସଭା କ୍ଷେତ୍ର ଅଧୀନସ୍ଥ ୫ଟି ନିର୍ବାଚନମଣ୍ଡଳୀରେ ବ୍ୟବହାର ହେବାକୁ ଥିବା ଇଭିଏମ୍‌ଗୁଡ଼ିକୁ ଆଜି ଖୋର୍ଦ୍ଧାସ୍ଥିତ ପଣ୍ୟାଗାରରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଭିତରେ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟସ୍ଥିତ ଷ୍ଟ୍ରଙ୍ଗରୁମ୍‌କୁ ଅଣାଯାଇଛି। ଏହାକୁ ୨୪ ଘଣ୍ଟିଆ ସୁରକ୍ଷା, ସିସିଟିଭି ବ୍ୟବସ୍ଥା ମଧ୍ୟରେ ରଖାଯିବା ସହ ସଶସ୍ତ୍ର ପୁଲିସ କର୍ମଚାରୀ ଷ୍ଟ୍ରଙ୍ଗରୁମ ସୁରକ୍ଷାରେ ମୁତୟନ ହୋଇଛନ୍ତି। ପ୍ରଥମ ପର୍ଯ୍ୟାୟ ରାଣ୍ଡାମାଇଜେସନ ପରେ ଜୟଦେବ, ଭୁବନେଶ୍ୱର ମଧ୍ୟ, ଭୁବନେଶ୍ୱର ଉତ୍ତର, ଭୁବନେଶ୍ୱର ଏକାମ୍ର ଓ ଜଟଣୀ ନିର୍ବାଚନମଣ୍ଡଳୀ ପାଇଁ ଇଭିଏମ୍‌ଗୁଡ଼ିକୁ ଏଠାକୁ ଅଣାଯାଇଥିବା ନେଇ ଖୋର୍ଦ୍ଧା ଜିଲ୍ଲାପାଳ ତଥା ଜିଲ୍ଲା ମୁଖ୍ୟ ନିର୍ବାଚନ ଅଧିକାରୀ ଚଞ୍ଚଳ ରାଣା ସୂଚନା ଦେଇଛନ୍ତି। ଖୋର୍ଦ୍ଧା ଜିଲ୍ଲାରେ ଷଷ୍ଠ ପର୍ଯ୍ୟାୟ ଅର୍ଥାତ ମେ’ ୨୫ରେ ନିର୍ବାଚନ ହେବ। ଖୋର୍ଦ୍ଧା ଜିଲ୍ଲାରେ ମୋଟ ୧୯୦୭ଟି ବୁଥ୍ ଥିବାବେଳେ ୧୧୧- ଜୟଦେବ, ୧୧୨- ଭୁବନେଶ୍ୱର ମଧ୍ୟ, ୧୧୩- ଭୁବନେଶ୍ୱର ଉତ୍ତର, ୧୧୪- ଭୁବନେଶ୍ୱର ଏକାମ୍ର, ୧୧୫- ଜଟଣୀ ନିର୍ବାଚନ ମଣ୍ଡଳୀ ପାଇଁ ୧୧୬୬ଟି ମତଦାନ କେନ୍ଦ୍ର ରହିଛି। ଏହି ୧୧୬୬ଟି ମତଦାନ କେନ୍ଦ୍ର ମଧ୍ୟରୁ ସହରାଞ୍ଚଳରେ ୬୫୮ଟି ଏବଂ ଗ୍ରାମାଞ୍ଚଳରେ ୫୦୮ଟି ବୁଥ ରହିଛି। ଇଭିଏମ୍ ଓ ଭିଭିପ୍ୟାଟ କଡ଼ା ସୁରକ୍ଷା ମଧ୍ୟରେ ରଖାଯାଇଛି। ୫ଟି ଫ୍ଲୋରରେ ପ୍ରତ୍ୟେକ ନିର୍ବାଚନମଣ୍ଡଳୀ ପାଇଁ ଦୁଇଟି ଲେଖାଏ ଷ୍ଟ୍ରଙ୍ଗରୁମ ବ୍ୟବସ୍ଥା ହୋଇଛି। ଗୋଟିଏ ଲୋକସଭା ଓ ଅନ୍ୟଟି ବିଧାନସଭା କ୍ଷେତ୍ର ପାଇଁ ଷ୍ଟ୍ରଙ୍ଗରୁମ ରହିଛି। ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନେ ମଧ ଏହି ଷ୍ଟ୍ରଙ୍ଗରୁମ ନିକଟରେ ୨୪ ଘଣ୍ଟିଆ ଉପସ୍ଥିତ ରହିବା ନେଇ ମଧ୍ୟ ବ୍ୟବସ୍ଥା କରାଯାଇଛି। ଆଜିଠାରୁ ଭୋଟ୍ ଗଣତି ଯାଏ ସବୁ ଦିନର ଭିଡିଓ ରେକର୍ଡିଂ କରାଯିବ। ଆସନ୍ତା ୩ରୁ ୪ ମାସ ପର୍ଯ୍ୟନ୍ତ ଏହି ରେକଡିଂ ରହିବ। ଷ୍ଟ୍ରଙ୍ଗରୁମ୍‌ଗୁଡ଼ିକୁ ଡବଲ ଲକ୍ କରାଯାଇଛି। ଆବଶ୍ୟକତା ଅନୁଯାୟୀ ଅତିରିକ୍ତ ଇଭିଏମ୍ ଏବଂ ଭିଭିପ୍ୟାଟ ମେସିନ୍ ମହଜୁଦ୍ ଅଛି ବୋଲି ଜିଲ୍ଲାପାଳ ଶ୍ରୀ ରଣା କହିଛନ୍ତି।

# ବିଜେଡ଼ିରେ ଯୋଗଦେଲେ ଦଶପଲ୍ଲା ପୌରପାଳିକା ଅଧ୍ୟକ୍ଷା ପୁନମ ପ୍ରିୟଦର୍ଶିନୀ

ଭୁବନେଶ୍ୱର, ୧୧/୪ (ନି.ପ୍ର): ଦଶପଲ୍ଲା ପୌରପାଳିକାର ଅଧ୍ୟକ୍ଷା ଇଂ ପୁନମ ପ୍ରିୟଦର୍ଶୀନୀ ଶଙ୍ଖଭବନ ଠାରେ ପୂର୍ବତନ ମନ୍ତ୍ରୀ ତଥା ନୟାଗଡ ବିଧାୟକ ଅରୁଣ ସାହୁ, ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ଓ ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ରଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ ୨୦୨୨ ପୌର ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚିତ ହୋଇଥିଲେ ଇଂ ପୁନମ ପ୍ରିୟଦର୍ଶୀନୀ। ଦଳରେ ସାମିଲ୍ ହୋଇଥିବା ଇଂ ପୁନମ ପ୍ରିୟଦର୍ଶୀନୀଙ୍କୁ ଶ୍ରୀ ସାହୁ, ଶ୍ରୀ ବେହେରା ଓ ଡକ୍ଟର ପାତ୍ର ଉପଢୌକନ ଦେଇ ଦଳକୁ ସ୍ୱାଗତ କରିଥିଲେ। ଆଜି ଇଂ ପୁନମ ପ୍ରିୟଦର୍ଶୀନୀଙ୍କ ଯୋଗଦାନ ଫଳରେ ବିଶେଷକରି ଦଶପଲ୍ଲା ନିର୍ବାଚନ ମଣ୍ଡଳୀରେ ଦଳୀୟ ସଂଗଠନ ଆହୁରି ମଜଭୂତ ହେବ ବୋଲି ଶ୍ରୀ ସାହୁ, ଶ୍ରୀ ବେହେରା ଓ ଡକ୍ଟର ପାତ୍ର କହିଥିଲେ। ଏହି ଅବସରରେ ବିଜେଡ଼ିରେ ସାମିଲ୍ ହୋଇଥିବା ଇଂ ପୁନମ ପ୍ରିୟଦର୍ଶୀନୀ ନିଜ ପ୍ରତିକ୍ରିୟାରେ କହିଥିଲେ ଯେ, ସ୍ୱାଧୀନ ଭାବେ ଲଢ଼ି ମଧ ବିଜେଡ଼ିକୁ କେବେ ବିରୋଧୀ କରିନାହିଁ । ନବୀନ ପଟ୍ଟନାୟକ ଓ ବିଜୁ ବାବୁଙ୍କୁ ଆଦର୍ଶ ଭାବି ନିର୍ବାଚନ ଲଢ଼ିଛି । ନବୀନ ବାବୁଙ୍କ ହାତମୁଠା ଟାଣ କରିବି । ଷଷ୍ଠଥର ମୁଖ୍ୟମନ୍ତ୍ରୀ କରିବାକୁ ପ୍ରୟାସ କରିବି । ଦଶପଲ୍ଲା ପୌରପାଳିକାକୁ ଆହୁରି ଆଗକୁ ନେବାକୁ ପ୍ରୟାସ କରିବି । ମୁଖ୍ୟମନ୍ତ୍ରୀ ତଥା ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟ, ସ୍ୱଚ୍ଛ ଶାସନ, ନିର୍ମଳ ଭାବମୂର୍ତ୍ତି ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଆଜି ବିଧିବଦ୍ଧ ଭାବେ ବିଜେଡିରେ ଯୋଗ ଦେଲି। ନୂତନ ଓଡ଼ିଶା ଗଠନ ଦିଗରେ ମୁଖ୍ୟମନ୍ତ୍ରୀ ମୋତେ ଯାହା ଦାୟିତ୍ୱ ଦେବେ ତାକୁ ସୂଚାରୁ ରୂପେ ତୁଲାଇବି ।

# ପଥ ସମ୍ମୋହନ ନେଉଛି ଜୀବନ: ବର୍ଷକରେ ମଲେଣି ୧୮୪୫



କଟକ, ୧୧/୪ (ନି.ପ୍ର): ରୋଡ ହିପ୍ନୋସିସ୍ ବା ପଥ ସମ୍ମୋହନ ଏବେ ଦୁର୍ଘଟଣାର ଅନ୍ୟତମ ପ୍ରମୁଖ କାରଣ ହୋଇଛି। ଏହି କାରଣରୁ ପ୍ରତିବର୍ଷ ଦୁର୍ଘଟଣା ମଧ୍ୟ ବୃଦ୍ଧି ପାଉଛି। ୨୦୨୩ରେ ପଥ ସମ୍ମୋହନ କାରଣରୁ ପଛପଟୁ ଗାଡ଼ିକୁ ଧକ୍କା ଦେବା, ଗାଡ଼ିକୁ ଗୋଟିଏ ପାଖରୁ ପିଟିବା, ରାସ୍ତାକଡ଼ ଗଛ ଓ ଖୁଣ୍ଟରେ ପିଟି ହେବା ଭଳି ଜନିତ ଦୁର୍ଘଟଣାରେ ରାଜ୍ୟରେ ୧୮୪୫ ଜଣଙ୍କ ଜୀବନ ଯାଇଛି। ଦୁର୍ଘଟଣାର ଏହା ଏକ ପ୍ରମୁଖ କାରଣ ହୋଇଥିବାରୁ ରାଜ୍ୟ ପରିବହନ ପ୍ରାଧିକରଣ ଏ ଦିଗରେ ଉଭୟ ଚାଳକ, ଯାତ୍ରୀ ଓ ପରିବହନ କର୍ମଚାରୀଙ୍କୁ ସତର୍କ କରାଇଛି। ପ୍ରତି ଅଢେଇ ଘଣ୍ଟା ଗାଡି ଚଳାଇବା ପରେ ୫/୧୦ ମିନିଟ୍ ବିଶ୍ରାମ ନେବା, ମୁହଁକୁ ଭଲ ଭାବେ ଧୋଇ ନେବା ଓ ଆବଶ୍ୟକ ପଡିଲେ ଚା ପିଇ କିଛି ସମୟ ଚଲାବୁଲା କରିବା ପରେ ପୁଣି ଗାଡ଼ି ଚଳାଇବାକୁ ରାଜ୍ୟ ପରିବହନ ଆୟୁକ୍ତ ଅମିତାଭ ଠାକୁର ପରାମର୍ଶ ଦେଇଛନ୍ତି। ପଥ ସମ୍ମୋହନ ଏପରି ଏକ ଶାରୀରିକ ସ୍ଥିତି ଯାହା ସଂପର୍କରେ ଅଧିକାଂଶ ଚାଳକ ସଚେତନ ନ ଥା’ନ୍ତି । ରାଜପଥଗୁଡ଼ିକରେ ପଥ ସମ୍ମୋହନ ପ୍ରାୟତଃ ରାତିରେ ଘଟିଥାଏ। ଚାଳକର ଆଖି ଖୋଲା ଥିଲେ ମଧ ମସ୍ତିଷ୍କ ଅବଚେତନ ଅବସ୍ଥାକୁ ଚାଲିଯାଇଥାଏ। ଏହି ଅବସ୍ଥାକୁ ପଥ ସମ୍ମୋହନ ବା ରୋଡ୍ ହିପ୍ନୋସିସ୍ କୁହାଯାଏ। କ୍ରମାଗତ ଅଢ଼େଇ ଘଣ୍ଟା ଧରି ଗାଡ଼ି ଚଳାଇବା ପରେ ପଥ ସମ୍ମୋହନ ସ୍ଥିତି ଆରମ୍ଭ ହୁଏ। ଏହି ଅବସ୍ଥାରେ ଆଖି ତ ଖୋଲା ଥାଏ ହେଲେ ମସ୍ତିଷ୍କ କିଛି ମନେ ରଖିପାରେ ନାହିଁ ଓ ବୁଝିପାରେ ନାହିଁ । ପଥ ସମ୍ମୋହିତ ଚାଳକ ଦୁର୍ଘଟଣାର ପୂର୍ବ ୧୫ ମିନିଟ୍ କିଛି ଜାଣିପାରେନାହିଁ। ଏପରିକି କେତେ ବେଗରେ ସେ ଗାଡ଼ି ଚଳାଉଛନ୍ତି କିମ୍ବା ତାଙ୍କ ସାମ୍ନାରେ ଥିବା ଗାଡ଼ି କେତେ ବେଗରେ ଯାଉଛି ତାହା ଜାଣିପାରନ୍ତି ନାହିଁ। ଏହି କାରଣରୁ ଗାଡିକୁ ପଛରୁ ବା ପାର୍ଶ୍ୱରୁ ପିଟିବା, ରୋଡ ଡିଭାଇଡର, ଖୁଣ୍ଟ ଓ ଗଛରେ ପିଟିବା ଭଳି ସ୍ଥିତି ଉପୁଜିଥାଏ। ଗତ କିଛି ବର୍ଷର ଦୁର୍ଘଟଣା ଜନିତ ତଥ୍ୟ ଓ ଏହାର କାରଣ ସଂପର୍କରେ ସମୀକ୍ଷାରୁ ଏହି ତଥ୍ୟ ସାମନାକୁ ଆସିଛି। ୨୦୨୩ ବର୍ଷରେ ରାଜ୍ୟର ଦୁର୍ଘଟଣାର ତଥ୍ୟ ଅନୁସାରେ ଗାଡ଼ିକୁ ପଛରୁ ଧକ୍କା ଦେଇ ଘଟିଥିବା ୨୪୯୬ଟି ଦୁର୍ଘଟଣାରେ ୧୧୯୮ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୧୨୭୨ ଜଣ ଆହତ ହୋଇଛନ୍ତି। ଗୋଟିଏ ପାଖରୁ ଗାଡ଼ିକୁ ଧକ୍କା ଦେଇ ଘଟିଥିବା ୬୩୯ଟି ଦୁର୍ଘଟଣାରେ ୨୭୪ ଜଣଙ୍କ ମୃତ୍ୟୁ ଘଟିଛି ଓ ୩୫୪ ଜଣ ଗୁରୁତର ହୋଇଛନ୍ତି। ସେହିଭଳି ରାସ୍ତାକଡ଼ ଗଛ, ଖୁଣ୍ଟ ଆଦିକୁ ଧକ୍କା ଦେଇ ୭୬୩ଟି ଦୁର୍ଘଟଣା ଘଟିଥିବା ବେଳେ ୩୭୩ ଜଣଙ୍କ ମୃତ୍ୟୁ ହୋଇଛି ଓ ୪୨୨ ଜଣ ଆହତ ହୋଇଛନ୍ତି। ଏଥିପ୍ରତି ସଚେତନ ହେଲେ ଏଭଳି ଦୁର୍ଘଟଣା ହ୍ରାସ ପାଇବା ସହିତ ମୃତ୍ୟୁହାର ମଧ୍ୟ କମିବ ବୋଲି ରାଜ୍ୟ ପରିବହନ ପ୍ରାଧିକରଣ ପକ୍ଷରୁ ପରାମର୍ଶ ଦିଆଯାଇଛି।

# ଶ୍ରମିକନେତା ୰ ଯୋଗେନ୍ ଦାସଙ୍କ ୪ର୍ଥ ବାର୍ଷିକ ଶ୍ରଦ୍ଧାଞ୍ଜଳି ସଭା




ବାଲେଶ୍ୱର, ୧୧/୪ (ନି.ପ୍ର): ବିଶିଷ୍ଟ ଶ୍ରମିକନେତା ସ୍ୱର୍ଗତ ଯୋଗେନ୍ଦ୍ର ପ୍ରସାଦ ଦାସ (ଯୋଗେନ୍ ଦାସ)ଙ୍କ ୪ର୍ଥ ଶ୍ରାଦ୍ଧବାର୍ଷିକ ଅବସରରେ 'ଯୋଗେନ୍ ଦାସ ସ୍ମୃତି କମିଟି' ଆନୁକୂଲ୍ୟରେ ଗୁରୁବାର ସନ୍ଧ୍ୟାରେ ସ୍ଥାନୀୟ 'ଆତିଥ୍ୟ' ଭବନରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଆଇନଜୀବୀ ବିଜୟ କୁମାର ପାଣିଗ୍ରାହୀ ଏହି ଶ୍ରାଦ୍ଧବାର୍ଷିକ ଅବସରରେ ଆୟୋଜିତ ସ୍ମୃତିସଭାରେ ଅଧ୍ୟକ୍ଷତା କରିଥିଲେ। ଗତ ୭୦ ଦଶକରୁ ପ୍ରାୟ ୪୦ବର୍ଷ ଧରି ବାଲେଶ୍ୱର ଜିଲ୍ଲାରେ ଅବହେଳିତ ଶ୍ରମିକମାନଙ୍କୁ ନ୍ୟାୟ ପ୍ରଦାନ ପାଇଁ ଯେଉଁ ଐତିହାସିକ ସଂଗ୍ରାମର ଭିତ୍ତିଭୂମି ପ୍ରତିଷ୍ଠା କରିଥିଲେ, ତାହା ଏବେବି ଅତୁଟ ରହିଛି ବୋଲି ଏହି ଶ୍ରଦ୍ଧାଞ୍ଜଳି ସଭାରେ ଯୋଗଦେଇ ଅତିଥି ଓ ବକ୍ତାମାନେ ମତ ପ୍ରକାଶ କରିଥିଲେ। ବରିଷ୍ଠ ଆଇନ୍‌ଜୀବୀ ତଥା ସ୍ମୃତିକମିଟିର ସଭାପତି ଶମ୍ଭୁନାଥ ମହାନ୍ତି, ସ୍ୱର୍ଗତ ଦାସଙ୍କ ବାଲ୍ୟବନ୍ଧୁ ଆଇନଜୀବୀ ଶରତ ମହାପାତ୍ର, ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା, ଓକିଲ ସଂଘର ପୂର୍ବତନ ସଭାପତି ମନୋଜ ନାୟକ, ସ୍ୱର୍ଗତ ଦାସଙ୍କ ସହକର୍ମୀ ଗୌରାଙ୍ଗ ପାଣିଗ୍ରାହୀ, ସୁରେନ୍ଦ୍ର ପଣ୍ଡା, ଅଧ୍ୟାପକ ଡ. ରତ୍ନାକର ସିଂହ, ମଧୁସୂଦନ ବେହେରା, ନିରଞ୍ଜନ ପରିଡ଼ା, କବି ଅଭୟ ଦାସ, ଡାକ୍ତର ଶାନ୍ତନୁ ଦାସ, ସ୍ୱର୍ଗତ ଦାସଙ୍କ ପତ୍ନୀ ମିନତୀ ଦେବୀ, ପଡ଼ୋଶୀ କାହ୍ନୁଚରଣ ଦାସ, ଜାମାତା ଅଧ୍ୟାପକ ଅଭୟ ଦାସ ପ୍ରମୁଖ ମଞ୍ଚାସୀନ ଥାଇ ସେମାନଙ୍କ ବକ୍ତବ୍ୟରେ ସ୍ୱର୍ଗତ ଦାସଙ୍କ ସ୍ମୃତିଚାରଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସୁନହଟ ଅଞ୍ଚଳର ନବକୁମାର ବାରିକ, ପୂର୍ଣ୍ଣଚନ୍ଦ୍ର ଦାସ, ସିଦ୍ଧେଶ୍ୱର ବିନ୍ଧାଣୀ, ରାମଚନ୍ଦ୍ର ପାତ୍ର, ମଦନମୋହନ ଦାସ, ଗୌତମ ଦାସ ଓ ଯୋଗେନ୍‌ବାବୁଙ୍କର ପରିବାରବର୍ଗ ତଥା ବନ୍ଧୁବାନ୍ଧବ ପ୍ରମୁଖ ଉପସ୍ଥିତ ଥିଲେ। ଶ୍ରୀଶ୍ରୀ ଜଗନ୍ନାଥଙ୍କ ବିଗ୍ରହ ସମ୍ମୁଖରେ ପ୍ରଦୀପ ପ୍ରଜ୍ଜ୍ୱଳନ ସହ ସ୍ୱର୍ଗତ ଯୋଗେନ୍ ଦାସଙ୍କ ଫଟୋଚିତ୍ରରେ ପୁଷ୍ପ ପ୍ରଦାନ କରି ଶ୍ରଦ୍ଧା ନିବେଦନ କରିଥିଲେ। ଏହି ଶ୍ରଦ୍ଧାଞ୍ଜଳି ସଭାରେ ବହୁ ଶ୍ରମିକ ସଂଗଠନର ନେତୃତ୍ୱ ଓ ସହରର ବୁଦ୍ଧିଜୀବୀ ଯୋଗ ଦେଇଥିଲେ। ସ୍ମୃତିକମିଟି ପକ୍ଷରୁ ତାପସ ସାହୁ ଅତିଥିମାନଙ୍କୁ ମଞ୍ଚ ଆହ୍ୱାନ କରିଥିବାବେଳେ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ପାଣିକୋଇଲି ଓ ଶଗଡିରେ ଇଦ୍-ଉଲ୍- ଫିତର

କୋରେଇ, ୧୧/୪ (ନି.ପ୍ର): ପବିତ୍ର ଇଦ-ଉଲ-ଫିତର ଅବସରରେ ପାଣିକୋଇଲି ମସଜିଦଠାରେ ମହା ଆଡମ୍ବରରେ ପର୍ବ ପାଳିତ ହୋଇଛି । ପ୍ରଥମେ ମୌଲବି କ୍ୱାରୀ ସେକ ସବିରଙ୍କ ନେତୃତ୍ୱରେ ମସଜିଦରେ ସମୂହ ନମାଜ ପାଠ କରାଯାଇଥିଲା । ନମାଜ ପାଠ ପରେ ସମସ୍ତେ ସମସ୍ତଙ୍କୁ ଇଦ ମୁବାରକ ଜଣାଇଥିଲେ । ଘରେ ଘରେ ସମସ୍ତେ ନୂତନ ବସ୍ତ୍ର ପରିଧାନ କରିବା ସହ ମିଠା ଓ ସିମେଇ ଖୁଆଇ ଇଦ୍‌ର ଶୁଭେଚ୍ଛା ଜଣାଇଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ କୋରାଇର ପ୍ରାକ୍ତନ ବିଧାୟକ ଓ ଏବେର ବିଧାୟକ ପ୍ରାର୍ଥି ଆକାଶ ଦାସନାୟକ ଯୋଗଦେଇଥିଲେ । ଗୋକୁଳାନନ୍ଦ ସାହୁ, କରୁଣାକର ମାଝୀ, ଅଶୋକ ବାରିକ, ପ୍ରଶାନ୍ତ ନାୟକ, ଲକ୍ଷ୍ମୀଧର କରଣ, ଶୀତେଶ ପରିଡା ସମେତ ବ୍ଳକର ବିଭିନ୍ନ ପଂଚାୟତର ନେତୃମଣ୍ଡଳୀ ଅତିଥି ଭାବେ ଯୋଗଦେଇଥିଲେ । ସେକ ଜହର ଅଲ୍ଲୀ , ଜବାର ଖାନ, ମୁସ୍ତାକ ଖାନ, ଅନିପ ଖାନ, ସମସେର ଅଲ୍ଲୀ, ପପୁ ମିର୍ଜ୍ଜା, ଦଲିସାନ ଖାନ,ଅବଦୁଲ ସୟଦ ଖାନ, ଅବଦୁଲ ଧ୍ୱାଇନ ଖାଁ, ଲୋକମାନ ଖାନ, ମୁଜାଫର ଇମାମ ଖାନ, ଇମ୍ରାମ ଇମାମ ଖାନ, ମୁକ୍ତାର ଖାନ, ସୌକତ ଅଲ୍ଲୀ, ସେକ ଜାହାଙ୍ଗୀର, ଲାଲ ଖାନ, ମହମ୍ମଦ ଜଲାବ, ସେକ ଅନୱାର ଅଲ୍ଲୀଙ୍କ ସମେତ ଶତାଧିକ ବ୍ୟକ୍ତି ଏହି ଇଦ ପର୍ବରେ ସାମିଲ ହୋଇଥିଲେ । ସେହିପରି ଗୋଳେଇପୁର ପଂଚାୟତର ରାମପୁର ଶଗଡି ଓ ବଇଁଚିରାରେ ମଧ୍ୟ ଇଦ୍ ପାଳିତ ହୋଇଛି । ପୂର୍ବତନ ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ବନ୍ଦିତା ପରିଡା, ବ୍ଲକ କଂଗ୍ରେସ ସଭାପତି ଅକ୍ଷୟ କୁମାର ଜେନା, ଗୋଳେଇପୁର ସରପଂଚ ପ୍ରତିନିଧି ପ୍ରଫୁଲ୍ଲ ମାଝୀ, ସମିତିସଭ୍ୟା ପ୍ରତିନିଧି ଶଶିକାନ୍ତ ମାଝୀ ପ୍ରମୁଖ ଯୋଗଦେଇ ଇଦ ମୁବାରକ ଜଣାଇଥିଲେ ।

## ଟିଟଲାଗଡରେ ବିଜେଡ଼ି ପ୍ରାର୍ଥୀ ସୁରେନ୍ଦ୍ର ସିଂ ଭୋଇଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ବଲାଙ୍ଗିର , ୧୧/୪ (ନି.ପ୍ର): ବଲାଙ୍ଗିର ଲୋକସଭା କ୍ଷେତ୍ର ଟିଟିଲାଗଡ଼ ବିଜୁ ଜନତା ଦଳ ପକ୍ଷରୁ ବୁଧୁବାର ସଂଧାରେ ବିଜେଡ଼ି ସାଂସଦ ପ୍ରାର୍ଥୀ ସୁରେନ୍ଦ୍ର ସିଂ ଭୋଇ ଏବଂ ଟିଟିଲାଗଡ଼ର ବିଧାୟକ ପ୍ରାର୍ଥୀ ଶ୍ରୀମତୀ ଟୁକୁନି ସାହୁଙ୍କୁ ଜୋରଦାର ସ୍ୱାଗତ କରିବା ସହ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ବିଜେଡି ନଗର ସଭାପତି ଶ୍ରୀ ରଣଜିତ୍ ପୃଷ୍ଟିଙ୍କ ନେତୃତ୍ୱରେ ପ୍ରଥମେ ସିଟି ସ୍କୁଲ ନିକଟରେ ସ୍ୱାଗତ କରାଯିବା ପରେ ଏକ ବିରାଟ ବାଇକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିବା ସହ ମା' ଘଂଟାଶୁଣିଙ୍କ ମନ୍ଦିରରେ ପହଂଚି ଦର୍ଶନ ଲାଭ କରିବା ପରେ ରେଳ ଓଭର ବ୍ରିଜ ଦେଇ ସ୍ଥାନୀୟ ଗୋବିନ୍ଦ ବାଟିକା ଠାରେ ପହଂଚିଥିଲେ । ସେଠାରେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ବିଧାନସଭା ପ୍ରାର୍ଥୀ ଶ୍ରୀମତୀ ଟୁକୁନି ସାହୁ ଓ ସାଂସଦ ପ୍ରାର୍ଥୀ ସୁରେନ୍ଦ୍ର ସିଂହ ଭୋଇଙ୍କୁ ଟିଟିଲାଗଡ଼ ନିର୍ବାଚନ ମଣ୍ଡଳୀରେ ସ୍ୱାଗତ ସମୟରେ ଦେଖିବାକୁ ମିଳିଛି ବିପୁଳ ଜନ ସମର୍ଥନ । ସମ୍ବର୍ଦ୍ଧନା ସଭାରେ ଶ୍ରୀ ସିଂ ଭୋଇ ତାଙ୍କୁ ସାଂସଦ ପ୍ରାର୍ଥୀ ଭାବେ ଚୟନ କରିଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜ୍ଞାପନ କରିବା ସହ ବିଜୁ ଜନତା ଦଳର ପ୍ରାର୍ଥୀଙ୍କୁ ଭୋଟ ଦେବା ପାଇଁ ସମସ୍ତଙ୍କୁ ଅନୁରୋଧ କରିଥିଲେ । ଏହି ଅବସରରେ ଟିଟିଲାଗଡର ବିଧାୟକ ପ୍ରାର୍ଥୀ ଭାବେ ପୁଣି ତୃତୀୟ ଥର ପାଇଁ ଟିକେଟ ପାଇଥିବା ଶ୍ରୀମତୀ ଟୁକୁନି ସାହୁ ନିଜର ଅଭିଭାଷଣରେ ବିରୋଧୀଙ୍କୁ କଡ଼ା ଜବାବ୍ ଦେଇଛନ୍ତି । ଯେଉଁ ଗୁଣ୍ଡା ମାନେ ସହରରେ ଗୁଣ୍ଡାରାଜ ଚଳାଇଥିଲେ, ଯେଉଁମାନେ ମୋ ସ୍ୱାମୀଙ୍କୁ ମାରିବାକୁ ପଛେଇ ନଥିଲେ ସେମାନଙ୍କ ବିରୋଧରେ ଲଢ଼େଇ ଜାରି ରହିବ ବୋଲି ମତ ରଖିଥିଲେ ଶ୍ରୀମତୀ ସାହୁ । ମୋ ସ୍ୱାମୀ କାହାର କ୍ଷତି କରି ନଥିଲେ, ଏ ଅଂଚଳର ନେତୃତ୍ୱ ନେଇଥିଲେ । ଏ ଅଂଚଳର ବିକାଶ ପାଇଁ ଲଢ଼େଇ କରିଥିଲେ । ଏ ଅଂଚଳ କୁ ସମୃଦ୍ଧ କରିବା ପାଇଁ ସ୍ୱପ୍ନ ଦେଖିଥିଲେ । ଏ ଦିଗରେ ଦକ୍ଷତା ମଧ୍ୟ ହାସଲ୍ କରିଥିଲେ । କିନ୍ତୁ ତାଙ୍କୁ ନୃଶଂସ ଭାବେ ହତ୍ୟା କରାଯାଇ ଟିଟିଲାଗଡ଼ ବିକାଶରେ ବାଧା ସୃଷ୍ଟି କରାଯାଇଥିଲା । ସେ ଆହୁରି କହିଛନ୍ତି ଯେ, କିଛି ଲୋକ ଦିନରେ ସ୍ୱପ୍ନ ଦେଖୁଛନ୍ତି – ଆମେ ପଇସା ଦେବୁ, ପଇସା ବଳରେ ଭୋଟ କିଣିବୁ । ଟିଟିଲାଗଡ ଲୋକ ଏତେ ଶସ୍ତା ନୁହନ୍ତି କିମ୍ବା ବିଜୁ ଜନତା ଦଳର କର୍ମୀ ଏତେ ଶସ୍ତା ନୁହନ୍ତି, କାହାର ପଇସାରେ ବିକ୍ରୀ ହେବେ । କଟାକ୍ଷ କରି କହିଛନ୍ତି, କୌଣସି ବ୍ୟବସାୟୀ କେବେ ଜଣେ ମା'ର ମନ ଚିହ୍ନିପାରେନି କି ବାପର ମନ୍ ଚିହ୍ନେନି । ଯେଉଁ ଲୋକ ନିଜ ମା'କୁ ସମ୍ମାନ ଦେଇନି, ସେହି ଲୋକ କୁଚକ୍ରୀ ଗୋଷ୍ଠୀ ସହ ହାତ ମିଶାଇ ଟିଟିଲାଗଡ଼କୁ ବରବାଦ କରିବାକୁ ଚାହୁଁଛନ୍ତି । ତାଙ୍କୁ ଆପଣମାନେ ଜବାବ୍ ଦେବେ ଆସନ୍ତା ମେ' ମାସ ୨୦ ତାରିଖରେ । ସେହଦିନ ଧର୍ମର ଜୟ ହେବ, ସତ୍ୟର ଜୟ ହେବ । ଆପଣଙ୍କ ଉପରେ ମୋର ଆସ୍ଥା ଆଉ ବିଶ୍ୱାସ ରହିଛି ବୋଲି କହିଥିଲେ ଶ୍ରୀମତୀ ସାହୁ ।

## ଝାଡ଼େଶ୍ୱର ପୀଠରେ ବାରୁଣୀମେଳା ଜମୁଛି

ଘଟଗାଁ, ୧୧/୪ (ନି.ପ୍ର): କେନ୍ଦୁଝରଜିଲ୍ଲା ଘସିପୁରା ଝାଡ଼େଶ୍ୱରଙ୍କ ପୀଠରେ ବାରୁଣୀମେଳା ଜମୁଥିବା ଦେଖାଯାଇଛି। କେଉଁ ଅବାହମାନ କାଳରୁ ପ୍ରସିଦ୍ଧ ଚାରୁଣୀମେଳା ଆରମ୍ଭ ହୋଇଆସୁଥିବା ବେଳେ ଏହା ଏବେ ୬ ତାରିଖ ଠାରୁ ଆରମ୍ଭ ହୋଇଥିବା ଏହି ବାରୁଣି ମେଳା ୧୩ତାରିଖ ଯାଏ ଚାଲିବ । ଏଥିପାଇଁ ଘସିପୁରା ଚଳଚଂଚଳ ହୋଇଉଠିଛି। ଘସିପୁରା ଅଂଚଳରେ ଘରେ ଘରେ ବନ୍ଧୁ ବାନ୍ଧବ ଭର ପୁର ହୋଇ ଥିବା ବେଳେ ବାରୁଣିମେଳା ଲୋକରଣ୍ୟ ପରିବେଶ ସୃଷ୍ଟି ହୋଇଛି । ଚଳିତ ବର୍ଷ ଘସିପୁରା ଝାଡ଼େଶ୍ୱରଙ୍କ ପୀଠର ମେଳାରେ ବିଭିନ୍ନ ପ୍ରକାର ଷ୍ଟଲ୍ ପଡ଼ିବା ସହ ଲୋକଙ୍କ ମନୋରଞ୍ଜନ ପାଇଁ ଦୋଳି, ମୀନାବନାର, ଖାଦ୍ୟବଜାର ମଧ ଖୋଲିଛି ମେଳାରେ ଶାନ୍ତିଶୃଙ୍ଖଳା ରକ୍ଷାପାଇଁ ପୁଲିସ ମୁତୟନ ହୋଇଛନ୍ତି ସେହିପରି ପରିମଳ, ବିଦ୍ୟୁତ୍ ଓ ପାନୀୟଜଳ ଯୋଗାଣ ବ୍ୟବସ୍ଥା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶରେ ବ୍ୟସସ୍ଥା କରାଯାଇଛି । ୧୩ ତାରିଖ ଏହି ମେଳା ଉଦଯାପିତ ହେବାକୁ ଥିବାବେଳେ ଏଥିରେ ଯାଜପୁର, କୁଆଖିଆ, ଭଦ୍ରକ, କଟକ, ଠାକୁର ମୁଣ୍ଡା ସମେତ ସ୍ଥାନୀୟ ଅଂଚଳର ବ୍ୟବସାୟୀଙ୍କ ସମାଗମ ପ୍ରବଳ ହୋଇଛି ଏବର୍ଷ ଭଲ ବ୍ୟବସାୟ ହୋଇଛି ବୋଲି ଆଇସ୍କ୍ରିମ ବ୍ୟବସାୟୀ ନିରଞ୍ଜନ ସାହୁ ପ୍ରକାଶ କରି କହିଛନ୍ତି ।

## ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ୩୫ତମ ବାର୍ଷିକ ଉତ୍ସବ

ଭୁବନ, ୧୧/୪ (ନି.ପ୍ର): ଭୁବନର ସର୍ବ ପୁରାତନ ଘରୋଇ ବିଦ୍ୟାଳୟ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ର ୩୫ ତମ ବାର୍ଷିକୋତ୍ସବ ମହା ସମାରୋହରେ ପାଳିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ହୃଷୀକେଶ ସାହୁ ଙ୍କ ଅଧ୍ୟକ୍ଷତା ଓ ଶିକ୍ଷକ ରତିକାନ୍ତ ସାହୁ ଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୃତିକା ଓ ଜଳ ବିଭାଜିକା ମିଶନ ର ପୂର୍ବତନ ପ୍ରକଳ୍ପ ନିର୍ଦ୍ଦେଶକ ଡ଼ଃ କୃଷ୍ଣଚନ୍ଦ୍ର ଆଏଚ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ,ପୂର୍ଣ୍ଣାଙ୍ଗ ଶିକ୍ଷା ବର୍ତମାନ ଶିକ୍ଷାର ମାର୍ଗ ଦର୍ଶକ। ଶିକ୍ଷା ହିଁ ଏମିତି ଏକ ଅସ୍ତ୍ର ଯାହା ବିଶ୍ୱକୁ ପରିବର୍ତନ କରିଦେଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କର ପୂର୍ବତନ ମହାପ୍ରବନ୍ଧକ ଧନେଶ୍ୱର ସାହୁ, ଅବସରପ୍ରାପ୍ତ ହିନ୍ଦୀ ଶିକ୍ଷକ ବାଳକୃଷ୍ଣ ସାହୁ ଯୋଗଦେଇଥିଲେ। ଅଧକ୍ଷ ଦୀନବନ୍ଧୁ ବେହେରା ବିଦ୍ୟାଳୟର ସଫଳତା ଓ ଅଭାବ ଅସୁବିଧା ସଂପର୍କରେ ବିବରଣୀ ପାଠ ଜରିଆରେ ଅତିଥିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଉପସଭାପତି ବ୍ରହ୍ମାନନ୍ଦ ସାହୁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସମ୍ପାଦକ ବିଶ୍ୱ ଭୂଷଣ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ଶ୍ରେଷ୍ଠ ଛାତ୍ର ନିର୍ଲିପ୍ତ ପ୍ରିୟରଞ୍ଜନ ନାୟକ, ଶ୍ରେଷ୍ଠ କଳାକାର ପ୍ରିୟଦର୍ଶିନି ବେହେରାଙ୍କ ସମେତ କୃତୀ ବିଦ୍ୟାର୍ଥୀମାନଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଶେଷରେ କୁନି କୁନି ପିଲାଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବେଣୁଧର ଗୁରୁ, ଜଗବନ୍ଧୁ ସାଥୁଆ ମହାପାତ୍ର, ପ୍ରଭାତ କୁସୁମ ଶତପଥୀ, ତପନ କୁମାର ସାମନ୍ତ, କୈଳାସ ଚନ୍ଦ୍ର ସାହୁ, ମମତା ପୃଷ୍ଟି , ଅନିତା ମିଶ୍ର, ସୁଜାତା ମିଶ୍ର ଙ୍କ ସମେତ ବିଦ୍ୟାଳୟର ସମସ୍ତ ଅପା ଓ ଭାଇମାନେ ସକ୍ରିୟ ଅଂଶଗ୍ରହଣ ଓ ସହଯୋଗ କରିଥିଲେ।

## ଅମୃତିଆରେ ମା' ହିଙ୍ଗୁଳା ପୂଜା ଓ ମହୋତ୍ସବର ୫୦ ବର୍ଷ ପୂର୍ତ୍ତି ପାଇଁ ସମ୍ବାଦିକ ସମ୍ମିଳନୀ

କୋରେଇ, ୧୧/୪ (ନି.ପ୍ର): କୋରେଇ ବ୍ଲକ ଅନ୍ତର୍ଗତ ଅମୃତିଆ ଗ୍ରାମର ମା ହିଂଗୁଳାଙ୍କ ଯଜ୍ଞ ମହୋତ୍ସବ ଓ ୫୦ ବର୍ଷ ପୂର୍ତି ପାଇଁ ମାଙ୍କ ପୀଠରେ କମିଟି ପକ୍ଷରୁ ଆଜି ଏକ ସମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ସଭାପତି ଅଭୟ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସାମ୍ବାଦିକ ସମ୍ମିଳନୀରେ କାର୍ଯ୍ୟକ୍ରମର ଚୂଡାନ୍ତ ରୂପରେଖ ଓ ବାର୍ଷିକ ଆୟ ବ୍ୟୟର ବିବରଣୀ ପ୍ରକାଶ ପାଇଥିଲା । ଚଳିତ ବର୍ଷ ମା ହିଙ୍ଗାଙ୍କ ପୂଜାର ୫୦ ବର୍ଷ ପୂର୍ତି ଉପଲକ୍ଷେ ମହାସମାରୋହରେ ମହୋତ୍ସବ ସହ ଏହା ପାଳନ କରାଯିବ । ଆସନ୍ତା ଏପ୍ରିଲ ୨୨ ତାରିଖରୁ ୨୮ ତାରିଖ ପର୍ଯ୍ୟନ୍ତ ୭ ଦିନ ବ୍ୟାପି ଏହି କାର୍ଯ୍ୟକ୍ରମ ଚାଲୁ ରହିବ । ଯଜ୍ଞ, ନାମ ଯଜ୍ଞ, ସ୍ଥାନୀୟ କଳାକାର ମାନଙ୍କ ଦ୍ୱାରା ନୃତ୍ୟଗୀତ ପ୍ରତିଯୋଗୀତା, ୨ ଦିନ ପାଲା, ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ କରାଯିବ । ଏଥି ସହିତ ବିଭିନ୍ନ ଅତିଥି ମାନଙ୍କ ଦ୍ୱାରା ୨୩ ତାରିଖରୁ ମହୋତ୍ସବ କାର୍ଯ୍ୟକ୍ରମ ଚାଲୁରହିବ । ଏହି ଅବସରରେ ଉପସ୍ଥିତ ସମସ୍ତ ସମ୍ବାଦିକ ମାନଙ୍କୁ ଅନୁଷ୍ଠାନ ପକ୍ଷରୁ ଉପଢୌକନ ଦିଆଯାଇ ସମ୍ମାନୀତ କରାଯାଇଥିଲା । ଏହି ବୈଠକରେ ସମ୍ପାଦକ ଶିଶିର କୁମାର ମହାପାତ୍ର, ହରେକୃଷ୍ଣ ପଣ୍ଡା, ନାରାୟଣ ରାଉତ, ସୋମାନାଥ ପତ୍ରୀ. ନାରାୟଣ ଶତପଥି, ଲକ୍ଷ୍ମୀଧର ବିଶ୍ୱାଳ, କୁଳମଣ ଲେଙ୍କା, ଜଗଦୀଶ ମହାପାତ୍ର, ସୁରେନ୍ଦ୍ର କୁମାର ସ୍ୱାଇଁ, ବିଜୟ ବାରିକ, ହରିହର ମହାପାତ୍ର, ରଂଜନ ମହାନ୍ତି, ଦୁର୍ଯ୍ୟୋଧନ ମହାପାତ୍ର, ନିଳାଦ୍ରୀ ଭୂଷଣ ଦାସ, ବସନ୍ତ ମହାପାତ୍ର, ମନୋରଂଜନ କବି, ତପନ ସାହୁ, ନିତ୍ୟାନନ୍ଦ ସେଠୀ, ଦିଲ୍ଲୀପ କୁମାର ମହାପାତ୍ର, ରମଣୀ ରଂଜନ ଦାସ, କେଦାର ମହାପାତ୍ର, ସୁଧାଂଶୁ ମହାପାତ୍ର, ବସନ୍ତ ପରିଡା, ବୈରୀଗଂଜନ ମହାପାତ୍ର, ସୁଧିର ବେହେରା, ଶରତ ବାରିକ, ବିଶ୍ୱନାଥ ପଣ୍ଡା, ଫଗୁଣ ପୂର୍ତି ପ୍ରମୁଖଙ୍କ ସମେତ କମିଟିର ସଦସ୍ୟ ଓ ଗ୍ରାମବାସୀ ଉପସ୍ଥିତ ଥିଲେ ।

## ମୂଳନିବାସୀ ୟୁନାଇଟେଡ ଫୋରମ ପକ୍ଷରୁ ଅମ୍ବେଦକର ଜୟନ୍ତୀ ପାଇଁ ପ୍ରସ୍ତୁତି

କୋରେଇ, ୧୧/୪ (ନି.ପ୍ର): ବିଶ୍ୱରତ୍ନ ସମ୍ବିଧାନ ପ୍ରଣେତା ବାବା ସାହେବ ଡକ୍ଟର ଭୀମ ରାଓ ରାମଜୀ ଆମ୍ବେଦକରଙ୍କ ୧୩୧ ତମ ଜନ୍ମ ଜୟନ୍ତୀ ଆସନ୍ତା ୧୪ ତାରିଖ ମୂଳନିବାସୀ ୟୁନାଇଟେଡ ଫୋରମ ପକ୍ଷରୁ ପାଳନ କରାଯିବାକୁ ନିଷ୍ପତି ନିଆଯାଇଛି । ପାଣିକୋଇଲିରେ ଆୟୋଜିତ ପ୍ରସ୍ତୁତି ବୈଠକରେ ଏହି କାର୍ଯ୍ୟକ୍ରମର ଚୁଡାନ୍ତ କାର୍ଯ୍ୟ ଖସଡା ପ୍ରସ୍ତୁତି କରାଯାଇଛି । ବଡ ବିରୁହାଁ ଠାରୁ ଏକ ମଟର ସାଇକେଲ ଶୋଭାଯାତ୍ରା ବାହାରି ଭାୟା ପାଣିକୋଇଲି, କୋରେଇ ଦେଇ ବୈତରଣୀରୋଡ ଠାରେ ସାଧାରଣ ସଭା ଅନୁଷ୍ଠିତ ହେବ। ଏହି ସାଧାରଣ ସଭାରେ ରାଜ୍ୟସ୍ତରୀୟ ବହୁ ବରିଷ୍ଠ ନେତୃମଣ୍ଡଳୀ ଯୋଗଦେବାର କାର୍ଯ୍ୟପନ୍ଥା ସ୍ଥିରିକୃତ ହୋଇଛି । ଏହି ବୈଠକରେ ରାଜ୍ୟ କାର୍ଯ୍ୟକାରୀ ଅଧ୍ୟକ୍ଷ ମନୋରଂଜନ ଜେନା, ଜିଲ୍ଲା କାର୍ଯ୍ୟକାରୀ ସଭାପତି ପ୍ରତାପ ଦାସ, କୋରେଇ ବ୍ଲକ ସଭାପତି ସହଦେବ ଜେନା, ଜିଲ୍ଲା ଯୁବ ସଭାପତି ପଙ୍କଜ ମଲ୍ଲିକ, ରସୁଲପୁର ସଭାପତି ମାନସ ମଲ୍ଲିକ, ଉଦୟ ଜେନା, ପିନାକ ରଂଜନ ମଳିକ, ରାଜା ମଳିକ, , ରବି ବେହେରା, ରବିନ୍ଦ୍ର ମଳିକ, ମନୋଜ ମଳିକ ପ୍ରମୁଖ ଯୋଗଦେଇ ଜନସାଧାଣର ଏହାକୁ ସଫଳ କରିବାକୁ ନିବେଦନ କରିଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ବିଧାୟକ ଅରବିନ୍ଦ...

ସୁଯୋଗ ଦେବାର ଥିଲା। ଉଦ୍ଦେଶ୍ୟମୂଳକ ଭାବେ ମୋ ମତାମତ ନେଲେନାହିଁ। ମତାମତ ନନେଇ ଏକତରଫା ନିଷ୍ପତ୍ତି ନେଇଛନ୍ତି ସରକାର। ପକ୍ଷ ରଖିବାକୁ ଆଉ ଥରେ ସୁଯୋଗ ଦିଅନ୍ତୁ। ନିର୍ବାଚନ ଉପରେ ଖରାପ ପ୍ରବାହ ପକାଇବା ପାଇଁ ଏପରି କରିଥାଇପାରନ୍ତି। ଲୋକେ ଜାଣିଛନ୍ତି ସେ କାହାକୁ ଭୋଟ ଦେବେ। ନିର୍ବାଚନ ଉପରେ ଏହାର କୌଣସି ଖରାପ ପ୍ରବାହ ପକାଇବ ନାହିଁ ବୋଲି ଅରବିନ୍ଦ ଢାଲି କହିଛନ୍ତି। ସେହିପରି ସଭ୍ୟ ପଦ ରଦ୍ଦ ହେବା ପରେ ପ୍ରେମାନନ୍ଦ ନାୟକ କହିଛନ୍ତି, ସଭ୍ୟପଦ ରଦ୍ଦ ସାଧାରଣ କଥା। ଏହାକୁ ଗ୍ରହଣ କରୁଛି। ମୋ ଉପରେ ଏହାର ପ୍ରଭାବ ପଡ଼ିବନି କି ଏଥିପାଇଁ ମୁଁ ବିଚଳିତ ନୁହେଁ। ଦଳ ଆଗରୁ ଛାଡ଼ିଛି। ଏବେ ଯେଉଁ ଦଳରେ ଅଛି ତା'ପାଇଁ କାମ କରିବି।

## ମଧ୍ୟପ୍ରଦେଶ, ଛତିଶଗଡ଼ ....

ଆଉ ଏହି ଦୁଇ ଯୋଜନା, ଦୁଇ ରାଜ୍ୟରେ ବାଜି ପଲଟେଇ ଦେଇଥିଲା। ତେଣୁ ଚର୍ଚ୍ଚା ହେଉଛି ନବୀନ ପଟ୍ଟନାୟକଙ୍କ ମହିଳା ଭୋଟ ବ୍ୟାଙ୍କ ଭାଙ୍ଗିବାକୁ ବିଜେପି ଏଠି ମଧ ସମାନ ରଣନୀତି ଆପଣେଇବାକୁ ଯାଉଛି। ତେବେ ବିଜେଡି କହିଛି, ମହିଳା ସଶକ୍ତୀକରଣରେ ରାଜ୍ୟ ସରକାର ସବୁବେଳେ କାମ କରିଛନ୍ତି। ତେଣୁ ମହିଳା ନବୀନଙ୍କ ସହ ରହିବେ। ଓଡ଼ିଶାରେ ପ୍ରାୟ ୫୦ ପ୍ରତିଶତ ମହିଳା ଭୋଟ ରହିଛି। ମିଶନ ଶକ୍ତି ଜରିଆରେ ୬ ଲକ୍ଷ ୨ ହଜାର ଏସଏଚଜିରେ ପ୍ରାୟ ୭୦ ଲକ୍ଷ ମହିଳା ସଦସ୍ୟା ରହିଛନ୍ତି। ଯାହାକି ବିଜେଡିର ପ୍ରମୁଖ ଭୋଟ ବ୍ୟାଙ୍କ ବୋଲି କୁହାଯାଉଛି। ତାକୁ ଭାଙ୍ଗିବାକୁ ବିଜେପି ଗୋଟିଏ ପରେ ଗୋଟିଏ ଗୋଟି ଚାଳନା ଜାରି ରଖିଛି। ରାଜ୍ୟ ସରକାର ଏସଏଚଜିଙ୍କୁ ବିନା ସୁଧରେ ଋଣ, ମାଗଣା ସ୍କୁଟି ପୁଣି ମିଶନ ଶକ୍ତି କାଫେ ଏମିତି ଅନେକ କାର୍ଯ୍ୟକ୍ରମ ହାତକୁ ନେଇ ମହିଳା ଭୋଟକୁ ଅକ୍ତିଆରରେ ରଖିବାକୁ ଚେଷ୍ଟା କରିଥିବା ବେଳେ ବିଜେପି ମଧ୍ୟ ଅନେକ କାର୍ଯ୍ୟକ୍ରମ ହାତକୁ ନେଇଛି। ଏସଏଚଜି ରାଜ୍ୟର ନୁହେଁ, କେନ୍ଦ୍ରର। ଏସଏଚଜିଙ୍କୁ ବିନା ସୁଧରେ ଋଣ ଶ୍ରେୟ ରାଜ୍ୟର ନୁହେଁ କେନ୍ଦ୍ର ସରକାରର। ସେହିପରି ଏସଏଚଜିଙ୍କ ପାଇଁ ମୋଦିଙ୍କ ଲକ୍ଷପତି ଦିଦି, ନମୋ ଡ୍ରୋନ ଦିଦି ଯୋଜନା, ଆହୁରି କେତେ କଣ କରିଛନ୍ତି। ରାଜନୈତିକ ସମୀକ୍ଷକଙ୍କ ମତରେ ବିଜେପିର ଏ ଘୋଷଣା ବିଜେଡି ମହିଳା ଭୋଟ ବ୍ୟାଙ୍କ ଭାଙ୍ଗିପାରେ। ଖାଲି ଓଡ଼ିଶା ନୁହେଁ, ସାରା ଦେଶରେ ମହିଳାଙ୍କୁ ଫୋକସ କରୁଛି ବିଜେପି। ମୋଦିଙ୍କ ଫୋକସରେ ଥିବା ୪ ବର୍ଗ ଭିତରେ ଗୋଟିଏ ବର୍ଗ ରହିଛନ୍ତି ମହିଳା। ତେବେ ବିଜେପିର ଏହି ଷ୍ଟ୍ରାଟେଜି କେତେ ସଫଳ ହେଉଛି ତା' ଉପରେ ସମସ୍ତଙ୍କ ନଜର ରହିଛି।

## ଦାମଙ୍କ ପୁଅଙ୍କ ଟିକେଟ....

କାରଣ ପାରଦୀପବାସୀଙ୍କର ମୋ ଉପରେ ଓ ମୋ ସ୍ୱାମୀଙ୍କ ଉପରେ ବିଶ୍ୱାସ ଅଛି। ଯେକୌଣସି ଚ୍ୟାଲେଞ୍ଜ ଆସିବ, ମୁଁ ତା'ର ସମ୍ମୁଖୀନ ହୋପାରିବି ବୋଲି ଆଶା ଅଛି। ୨୦୦୯ ଓ ୨୦୧୪ରେ ଦାମୋଦର ରାଉତ ପାରଦୀପ ଆସନରୁ ବିଜେଡି ଟିକେଟରେ ବିଜୟୀ ହୋଇଥିଲେ। ୨୦୧୯ରେ ତାଙ୍କ ପୁଅ ସମ୍ବିତ ରାଉତରାୟ ଏହି ଆସନରୁ ବିଜେଡି ଟିକେଟରେ ଜିତିଥିଲେ। ଅନ୍ୟପକ୍ଷରେ ବିଜେଡି ଏହି ପର୍ଯ୍ୟାୟ ପ୍ରାର୍ଥୀ ତାଲିକାରେ ଅନ୍ୟ ଯେଉଁ ବିଧାୟକଙ୍କ ନାଁ ନାହିଁ, ସେ ହେଉଛନ୍ତି- ନର୍ଲା ବିଧାୟକ ଭୂପିନ୍ଦର ସିଂ । ବିଜେଡି ଏଯାବତ୍ ୧୧୭ଟି ବିଧାନସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିଥିବା ବେଳେ ଆହୁରି ୩୦ଟି ଆସନ ବାକି ଅଛି। ତେବେ ସମସ୍ତ ୨୧ଟି ଲୋକସଭା ଆସନ ପାଇଁ ଦଳ ପ୍ରାର୍ଥୀ ଘୋଷଣା କରି ଦେଇଛି।

## ରାହୁଲ ଗାନ୍ଧିଙ୍କ ବଡ଼ ଘୋଷଣା...

ବା ଗରିବୀ ହଟାଇବା ଉପରେ ଫୋକସ କରିଛନ୍ତି। ସେ କହିଛନ୍ତି, "କଂଗ୍ରେସ ସରକାର ଦେଶର ପ୍ରତିଟି ଗରିବ ପରିବାରର ଜଣେ ମହିଳାଙ୍କ ଆକାଉଣ୍ଟକୁ ବର୍ଷକୁ ୧ ଲକ୍ଷ ଟଙ୍କା ପଠାଇବ। ଯଦି ଆପଣ ଗରିବୀ ରେଖା ତଳେ ଅଛନ୍ତି, ତା'ହେଲେ ପ୍ରତିବର୍ଷ ପରିବାରର ଜଣେ ମହିଳାଙ୍କ ଆକାଉଣ୍ଟକୁ ଖଟାଖଟ ଖଟାଖଟ ୧ ଲକ୍ଷ ଟଙ୍କା ଲେଖାଏ ଯିବ। ଟଙ୍କା ସେହି ଯାଏ ଯିବ, ଯେଉଁ ପର୍ଯ୍ୟନ୍ତ ପରିବାର ଗରିବ ରେଖା ଉପରକୁ ଉଠି ନାହିଁ। ଶ୍ରମିକ ଠାରୁ ଆରମ୍ଭ କରି ଚାଷ କାମ କରୁଥିବା ପ୍ରତିଟି ବିପିଏଲ ବର୍ଗଙ୍କୁ ଏହି ଯୋଜନାର ଫାଇଦା ମିଳିବ। ମାସକୁ ୮ ହଜାର ୫୦୦ ଅର୍ଥାତ ବର୍ଷକୁ ୧ ଲକ୍ଷ ଟଙ୍କା ପଠାଇ ଆମେ ହିନ୍ଦୁସ୍ତାନୀ ଗୋଟିଏ ଝଟକାରେ ଗରିବୀକୁ ହଟାଇବାକୁ ସକ୍ଷମ ହେବା।" ରାହୁଲ ଗାନ୍ଧି ଆଜି କଂଗ୍ରେସ ତା'ର ନିର୍ବାଚନୀ ଇସ୍ତାହାର ବା ନ୍ୟାୟ ପତ୍ରରେ ଉଲ୍ଲେଖ କରିଥିବା ମହାଲକ୍ଷ୍ମୀ ଯୋଜନା ସମ୍ପର୍କରେ ବୁଝାଇବା ବେଳେ ଏପରି କଥା କହିଛନ୍ତି। ମହାଲକ୍ଷ୍ମୀ ଯୋଜନା ଅଧୀନରେ କଂଗ୍ରେସ କ୍ଷମତାକୁ ଫେରିଲେ ଗରିବ ପରିବାରର ଜଣେ ମହିଳାଙ୍କୁ ବାର୍ଷିକ ୧ ଲକ୍ଷ ଟଙ୍କା ଲେଖାଏ ଦେବ ବୋଲି କହିଛି। ଆର୍ଥିକ ସ୍ଥିରତା ଓ ସମର୍ଥନ ପାଇଁ ଦଳ ଏହି ଯୋଜନା ଲାଗୁ କରିବ। ଆଜିର କାର୍ଯ୍ୟକ୍ରମରେ ରାହୁଲ ଗାନ୍ଧି ଚାଷୀମାନେ ଏମଏସ୍?ପି ପାଇଁ କରୁଥିବା ଦାବି ପ୍ରସଙ୍ଗରେ ଶାସକ ବିଜେପିକୁ ଟାର୍ଗେଟ କରିଛନ୍ତି। ଏହାବାଦ ମୁଦ୍ରାସ୍ଫୀତି ଓ ବେକାରୀ ସମସ୍ୟାକୁ ନେଇ ମଧ ସେ ଗର୍ଜିଛନ୍ତି। ସେ କହିଛନ୍ତି, "ଦେଶର ୭୦ କୋଟି ଲୋକଙ୍କ ତୁଳନାରେ ୨୨ ଜଣ ଅଧିକ ଧନୀ। ଚାଷୀମାନେ ଏମଏସ୍?ପି ପାଇଁ ଦାବି କରୁଥିବା ବେଳେ ଯୁବଗୋଷ୍ଠୀଙ୍କୁ ନିଯୁକ୍ତି ଦରକାର। ମହିଳମାନେ ଦର ବୃଦ୍ଧିରୁ ମୁକ୍ତି ଚାହୁଁଛନ୍ତି। ପ୍ରଧାନମନ୍ତ୍ରୀ ମୋଦି ଚାଷୀମାନଙ୍କୁ ଆତଙ୍କବାଦୀ କହି ଏମଏସ୍?ପି ଦେବାକୁ ମନା କରି ଦେଇଛନ୍ତି। ଦେଶ ଇତିହାସରେ ଚାଷୀମାନେ ପ୍ରଥମଥର ପାଇଁ ଟିକସ ଦେଉଛନ୍ତି। ଦେଶରେ ଏବେ ଦୁଇଟି ବଡ଼ ପ୍ରସଙ୍ଗ ହେଲା ବେକାରୀ ଓ ଦର ବୃଦ୍ଧି। ବିଜେପି ଏହା ଉପରେ ଆଲୋଚନା କରୁ ନାହିଁ। ସେମାନେ କେବଳ ଲୋକଙ୍କ ଧ୍ୟାନଚ୍ୟୁତ କରିବାକୁ ଚାହୁଁଛନ୍ତି।"

## କେ କବିତାଙ୍କ ଅଡୁଆ ....

ନୀତିରୁ ଫାଇଦା ହାସଲ କରିବା ପାଇଁ କ୍ଷମତାସୀନ ଆପ୍‌କୁ ସାଉଥ ଗ୍ରୁପ ୧୦୦ କୋଟି ଟଙ୍କା ଦେଇଥିଲା। ଏହି ଗ୍ରୁପର କବିତା ଜଣେ ମୁଖ୍ୟ ସଦସ୍ୟ ଥିବା ଇଡି ଅଭିଯୋଗ କରିଥିଲା। ଏହି ଅଭିଯୋଗ ଆଧାରରେ ଇଡି ତାଙ୍କୁ ଗିରଫ କରି ବାରମ୍ବାର ରିମାଣ୍ଡରେ ନେଇ ପଚରାଉଚରା କରୁଛି। ଗତ ମଙ୍ଗଳବାରଠୁ ପୁଣି ୧୪ ଦିନ ଯାଏଁ ରିମାଣ୍ଡରେ ନେଇଥିବା ବେଳେ ସିବିଆଇ ଗିରଫ କରିଛି।

## ବିଜେଡି ଇସ୍ତାହାର ....

ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି । ଡାକ୍ତରମାନେ ତାଙ୍କର କେତେକ ପରୀକ୍ଷାନିରୀକ୍ଷା କରିଛନ୍ତି । ସେ ଏବେ ଡାକ୍ତରଙ୍କ ତଦାରଖରେ ଅଛନ୍ତି । ସେହିପରି ହସ୍ପିଟାଲ ସୂତ୍ର ଅନୁସାରେ, ଶ୍ରୀ ସାହୁଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ରହିଛି । ୨-୩ଦିନ ମଧ୍ୟରେ ସୁଧାର ଆସିଲେ ତାଙ୍କୁ ହସ୍ପିଟାଲରୁ ଡିସଚାର୍ଜ କରାଯିବ। ଉଲ୍ଲେଖଯୋଗ୍ୟ, ଗତକାଲି ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଦଳର ନିର୍ବାଚନୀ ଇସ୍ତାହାର କମିଟିର ୩୮ଜଣିଆ କମିଟି ଘୋଷଣା କରିଥିଲେ ଓ ଏହି କମିଟିର ଅଧ୍ୟକ୍ଷ ଭାବେ ସାଂସଦ ଶ୍ରୀ ସାହୁ ରହିଛନ୍ତି । ବ୍ରହ୍ମପୁରର ସାଂସଦ ଶ୍ରୀ ସାହୁଙ୍କୁ ଦଳ ଏଥର କୌଣସି ସ୍ଥାନରେ ଟିକେଟ୍ ଦେଇନାହିଁ ।

### ପୁଣି କଲବଲ....

୧୩ ତାରିଖରେ ରାଜ୍ୟର ଅଧିକାଂଶ ସ୍ଥାନରେ ତାପମାତ୍ରା ୩୫ ଡିଗ୍ରୀ ବା ତା' ଉପରେ ରହିପାରେ। ସେଦିନ ପାରଳାଖେମୁଣ୍ଡିରେ ଦିନର ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ଛୁଇଁପାରେ। ସେହିପରି ମାଲକାନଗିରି, ଟିଟିଲାଗଡ଼ ଓ ବୌଦ୍ଧରେ ତାପମାତ୍ରା ୩୯ ଡିଗ୍ରୀ ରହିପାରେ। କୋରାପୁଟରେ ଦିନର ସର୍ବୋଚ୍ଚ ତାପମାତ୍ରା ୩୫ ଡିଗ୍ରୀ ରହିପାରେ ବୋଲି ଆକଳନ କରାଯାଇଥିବା ବେଳେ ନୂଆପଡ଼ାରେ ୩୬, ବଲାଙ୍ଗିରରେ ୩୮, ଭବାନୀପାଟଣାରେ ୩୮, ରାୟଗଡ଼ାରେ ୩୭, ଫୁଲବାଣୀରେ ୩୫, ବରଗଡ଼ରେ ୩୬, ସମ୍ବଲପୁରରେ ୩୭, ସୁନ୍ଦରଗଡ଼ରେ ୩୬, ଝାରସୁଗୁଡ଼ାରେ ୩୭, ଅନୁଗୋଳରେ ୩୭, କେନ୍ଦୁଝରଗଡ଼ରେ ୩୫, ଢେଙ୍କାନାଳରେ ୩୫, କଟକରେ ୩୬, ଭୁବନେଶ୍ୱରରେ ୩୬, ଖୋର୍ଦ୍ଧାରେ ୩୫, ଜଗତସିଂହପୁରରେ ୩୬, ଚାନ୍ଦବାଲିରେ ୩୬, ଯାଜପୁରରେ ୩୬, ଭଦ୍ରକରେ ୩୫ ଓ ବାରିପଦାରେ ୩୬ ଡିଗ୍ରୀ ରହିପାରେ। ୧୪ ତାରିଖରେ ରାଜ୍ୟର ଅଧିକାଂଶ ସ୍ଥାନର ତାପମାତ୍ରା ଆହୁରି ବଢ଼ିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ସେଦିନ ରାଜ୍ୟର ୮ଟି ସ୍ଥାନର ତାପମାତ୍ରା ୪୦ ଡିଗ୍ରୀ ବା ତା'ଠାରୁ ଅଧିକ ରହିପାରେ। ପାରଳାଖେମୁଣ୍ଡି ଓ ଟିଟିଲାଗଡ଼ରେ ଦିନର ସର୍ବୋଚ୍ଚ ତାପମାତ୍ରା ୪୧ ଡିଗ୍ରୀ ଛୁଇଁ ପାରେ ବୋଲି ପୂର୍ବାନୁମାନ କରାଯାଇଥିବା ବେଳେ ବଲାଙ୍ଗିର, ଭବାନୀପାଟଣା, ବୌଦ୍ଧ, ସମ୍ବଲପୁର, ଝାରସୁଗୁଡ଼ା ଓ ମାଲକାନଗିରିର ତାପମାତ୍ରା ୪୦ ଡିଗ୍ରୀ ଛୁଇଁପାରେ। ସେହିପରି ଅନୁଗୁଳ, ନୂଆପଡ଼ା, ରାୟଗଡ଼ା ଓ ନୟାଗଡ଼ର ତାପମାତ୍ରା ୩୯ ଡିଗ୍ରୀ ଛୁଇଁପାରେ। ରାଜଧାନୀ ଭୁବନେଶ୍ୱର, କଟକ, ଜଗତସିଂହପୁର, ଭଦ୍ରକ, ବାରିପଦା, ସୁନ୍ଦରଗଡ଼, ସୋନପୁର ଓ ଚାନ୍ଦବାଲିର ତାପମାତ୍ରା ୩୮ ଡିଗ୍ରୀ ରହିପାରେ। ୧୫ ତାରିଖରେ ପ୍ରାୟ ୧୬ଟି ସ୍ଥାନର ତାପମାତ୍ରା ୪୦ ଡିଗ୍ରୀ ବା ତା' ଉପରେ ରହିପାରେ। ସେଦିନ ପାରଳାଖେମୁଣ୍ଡି ଓ ଟିଟିଲାଗଡ଼ରେ ଦିନର ସର୍ବୋଚ୍ଚ ତାପମାତ୍ରା ୪୨ ଡିଗ୍ରୀ ଛୁଇଁପାରେ। ମାଲକାନଗିରି, ଭବାନୀପାଟଣା, ବଲାଙ୍ଗିର, ବୌଦ୍ଧ, ସମ୍ବଲପୁର, ଝାରସୁଗୁଡ଼ା ଓ ସୁନ୍ଦରଗଡ଼ରେ ତାପମାତ୍ରା ୪୧ ଡିଗ୍ରୀ ରହିପାରେ। ସେହିପରି ନୂଆପଡ଼ା, ରାୟଗଡ଼ା, ସୋନପୁର, ଅନୁଗୁଳ, ନୟାଗଡ଼, କେନ୍ଦୁଝରଗଡ଼ ଓ ଭଦ୍ରକରେ ତାପମାତ୍ରା ୪୦ ଡିଗ୍ରୀ ଛୁଇଁପାରେ। ଭୁବନେଶ୍ୱର, କଟକ, ବାରିପଦା, ଜଗତସିଂହପୁର, ଖୋର୍ଦ୍ଧା, କେନ୍ଦ୍ରାପଡ଼ା, ଚାନ୍ଦବାଲି, ନବରଙ୍ଗପୁର, ଫୁଲବାଣୀ ଓ ରାଉରକେଲାରେ ତାପମାତ୍ରା ୩୯ ଡିଗ୍ରୀ ରହିପାରେ। ୧୬ ତାରିଖରେ ରାଜ୍ୟର ୨୫ରୁ ଅଧିକ ସ୍ଥାନରେ ଦିନର ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ବା ତା' ଉପରେ ରହିପାରେ। ଟିଟିଲାଗଡ଼, ଭବାନୀପାଟଣା, ବଲାଙ୍ଗିର ଓ ବୌଦ୍ଧରେ ତାପମାତ୍ରା ୪୩ ଡିଗ୍ରୀ ରହିପାରେ ବୋଲି ପୂର୍ବାନୁମାନ କରାଯାଇଥିବା ବେଳେ ମାଲକାନଗିରି, ପାରଳାଖେମୁଣ୍ଡି, ସମ୍ବଲପୁର ଓ ସୁନ୍ଦରଗଡ଼ରେ ତାପମାତ୍ରା ୪୨ ଡିଗ୍ରୀ ଏବଂ ରାୟଗଡ଼ା, ସୋନପୁର ଓ ଅନୁଗୋଳରେ ୪୧ ଡିଗ୍ରୀ ରହିପାରେ। ସେହିପରି ଭୁବନେଶ୍ୱର ସମେତ କଟକ, ନବରଙ୍ଗପୁର, ନୂଆପଡ଼ା, ବରଗଡ଼, ଫୁଲବାଣୀ, ରାଉରକେଲା, କେନ୍ଦୁଝରଗଡ଼, ଢେଙ୍କାନାଳ, ଯାଜପୁର, ଭଦ୍ରକ, ଖୋର୍ଦ୍ଧା, ଜଗତସିଂହପୁର, କେନ୍ଦ୍ରାପଡ଼ା, ଚାନ୍ଦବାଲି ଓ ବାରିପଦାରେ ତାପମାତ୍ରା ୪୦ ଡିଗ୍ରୀ ରହିପାରେ। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ବୈଜ୍ଞାନିକ ଉମାଶଙ୍କର ଦାସ କହିଛନ୍ତି, ଆସନ୍ତାକାଲି ଓ ତା'ପର ଦିନ ରାଜ୍ୟର କାଁ ଭାଁ ଅଞ୍ଚଳରେ ବର୍ଷା ହେବାର ସମ୍ଭାବନା ରହିଛି। ୧୪ ତାରିଖଠାରୁ ରାଜ୍ୟରେ ପାଗ ମୁଖ୍ୟତଃ ଶୁଖିଲା ରହିବାର ସମ୍ଭାବନା ରହିଛି।

ଶୁକ୍ରବାର, ଏପ୍ରିଲ ୧୨, ୨୦୨୪

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ବାଲିଆପାଳ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ସମସ୍ୟା ନେଇ ସାମ୍ବାଦିକ ସମ୍ମିଳନୀ

ବାଲିଆପାଳ , ୧୧/୪ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବାଲିଆପାଳ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ସମସ୍ୟା ନେଇ ଗୁରୁବାର ଖପରାପଦା କ୍ଷୀରୋଦା ବିହାର ପରିସରରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ସମସ୍ୟା ଗୁଡ଼ିକ ହେଉଛି ପୂର୍ବତନ ପରିଚାଳନା ସମିତିକୁ ତା ' ର ବେଆଇନ କାର୍ଯ୍ୟ ପାଇଁ ଓଡ଼ିଶା ଶିକ୍ଷା ବିକାଶ ସମିତି ଗତ ୨୩ ତରିକ ଦିନ ଭଙ୍ଗ କରି ଥିବା ବେଳେ ତାହାକୁ ସେମାନେ ବେଖାତିର କରି ଶିଶୁ ବିଦ୍ୟା ମନ୍ଦିରକୁ ନିଜ ଅକ୍ତିଆରରେ ରଖିଛନ୍ତି। କୌଣସି ଅନୁମତି ନ ନେଇ ବେଆଇନ ଭାବେ ଶିଶୁ ମନ୍ଦିରର ନାମ ଓ ପାଠ୍ୟ ଖସଡ଼ାକୁ ପରିବର୍ତ୍ତନ କରିବା। ନୂଆ ପ୍ରଶାସନିକ କମିଟିକୁ କାର୍ଯ୍ୟ କରିବାକୁ ନ ଦେବା। ଛାତ୍ର ଅଭିଭାବକଙ୍କୁ ଅନ୍ଧାରରେ ରଖି ବେଆଇନ ଭାବେ ଛାତ୍ର ଛାତ୍ରୀଙ୍କୁ ପ୍ରବେଶ ଓ ପୁନଃ ପ୍ରବେଶ କରାଇବା। ଶିକ୍ଷା ବିକାଶ ସମିତି ଦ୍ୱାରା ନିଯୁକ୍ତ ପ୍ରଧାନ ଆଚାର୍ଯ୍ୟଙ୍କ ନାମରେ ମିଥ୍ୟା ମୋକର୍ଦ୍ଦମା କରିବା । ଏନେଇ ପ୍ରଶାସନିକ କମିଟି ଓ ଓଡ଼ିଶା ଶିକ୍ଷା ବିକାଶ ସମିତି ଜିଲ୍ଲା ପାଳ, ଜିଲ୍ଲା ଶିକ୍ଷା ଅଧିକାରୀ , ଜିଲ୍ଲା ଆରକ୍ଷୀ ଅଧିକ୍ଷକ , ବସ୍ତା ଏସ ଡି ପି ଓ, ବାଲିଆପାଳ ଥାନାଧିକାରୀ, ତହସିଲଦାର ପ୍ରମୁଖଙ୍କୁ ଲିଖିତ ଭାବେ ଜଣାଇ ଥିଲେ ବି କୌଣସି ସୁଫଳ ନ ମିଳିବାରୁ ଏହି ସାମ୍ବାଦିକ ସମ୍ମିଳନୀ ଡ଼କାଯାଇ ଥିବା ପ୍ରକାଶ । କୋଡ଼ିଏ ବର୍ଷର ଏହି ଅନୁଷ୍ଠାନକୁ ନିଜ ଦାଖଲରେ ରଖିବା ପାଇଁ ପୂର୍ବତନ ପରିଚାଳନା କମିଟି କିଛି ଅସାଧୁ ବ୍ୟକ୍ତିମାନଙ୍କ ସହାୟତାରେ କବଜ୍ଜା କରି ରଖିଛି ଓ ନୂଆ କମିଟିକୁ ପୂରାଇ ନ ଦେଇ ପ୍ରତିଦିନ ଗଣ୍ଡଗୋଳ କରୁଛି। ଏହାକୁ କେନ୍ଦ୍ର କରି ଏଠାରେ ଯେ ବଡ ଧରଣର ଗଣ୍ଡ ଗୋଳ ନ ହେବ ଏକଥାକୁ ଏଡାଯାଇ ନ ପାରେ। ଏହି ସାମ୍ବାଦିକ ସମ୍ମିଳନୀରେ ପ୍ରଶାସନିକ କମିଟି ମୁଖ୍ୟ ଭାସ୍କର ଚନ୍ଦ୍ର ସାହୁ , ଅଦ୍ୱୈତ କୁମାର ବାଗ , ସୁଜାତା ରାଣୀ ଦାସ , ପ୍ରଧାନ ଆଚାର୍ଯ୍ୟ ମନୋଜ କୁମାର ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ର ଅଭିଭାବକ ଓ କେତେ ଜଣ ଗୁରୁଜୀ ଗୁରୁମା ମଧ୍ୟ ସେମାନଙ୍କର ମତ ରଖିଥିଲେ। ଆଗାମୀ ଦିନରେ ଏନେଇ ପ୍ରଶାସନିକ କମିଟି ନ୍ୟାୟ ପାଇଁ ଉଚ୍ଚ ନ୍ୟାୟାଳୟକୁ ଯିବ ।

## ବରିଷ୍ଠ ସାହିତ୍ୟିକ ଡ. ଭାଗବତ ବେହେରାଙ୍କ ପୁସ୍ତକ ଲୋକାର୍ପଣ ଉତ୍ସବ



ସତ୍ ସାହିତ୍ୟ ପ୍ରକାଶନୀ ସଂସ୍ଥା ଦ୍ୱାରା ପ୍ରକାଶିତ ଡ. ଭାଗବତ ବେହେରାଙ୍କ ଲିଖିତ ଦୁଇଗୋଟି ପୁସ୍ତକ 'ସପ୍ତଦଶନ୍ଧିର ଜୀବନ' ଓ 'କୈକେୟୀ' ହୋଟେଲ ଟପ୍ ଟେଷ୍ଟି (ଫାଣ୍ଟାସି)ରେ ୧୭.୦୪.୨୦୨୨ରିଖ ବୁଧବାର ଦିନ ସଂଧ୍ୟା ୫.୩୦ ମିନିଟରେ ଲୋକାର୍ପିତ ହେବ।

ଏଥିରେ ସଭାପତିତ୍ୱ କରିବେ ଡ. ରମାକାନ୍ତ ବେହେରା।

ଅତିଥି ଭାବେ ଡ. ବଂଶୀଧର ଚୌଧୁରୀ, ଡ. ଦେବାଶିଷ ପାତ୍ର, ଶ୍ରୀମତୀ ସୈରିନ୍ଧ୍ରୀ ସାହୁ।

ପୁସ୍ତକ ଆଲୋଚନା ଡ. ଶିରୀଶ ଚନ୍ଦ୍ର ଜେନା ଓ ଡ. ରାଧାରଂଜନ ପଟ୍ଟନାୟକ।

ଉତ୍ସବ ପରିଚାଳନା କରିବେ ଡ.ପ୍ରଦୀପ୍ତ ମିଶ୍ର। ଆପଣମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେବାକୁ ସବିନୟ ଅନୁରୋଧ।

ଶ୍ରୀମତୀ ଲାବଣ୍ୟବତୀ ବେହେରା
ଶ୍ରୀଯୁକ୍ତ ଗଜେନ୍ଦ୍ର ବେହେରା

## ବାଇକ ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା: ତିନି ଜଣ ଗୁରୁତର

ବେତନଟୀ , ୧୧/୪ (ନି.ପ୍ର): ବେତନଟୀ ଥାନା ଅଧୀନ ବେତନଟୀ ବଡ଼ସାହି ରାସ୍ତା ରେ ଜଗନ୍ନାଥ ମନ୍ଦିର ର ଦୁଇସହ ମିଟର ଦୂରରେ ଆଜି ଦୁଇଟି ବାଇକ ମୁହାଁମୁହିଁ ଧକ୍କା ହେବାରୁ ତିନି ଜଣ ବାଇକ ଆରୋହୀ ଗୁରୁତର ହୋଇଛନ୍ତି। ଗୁରୁତର ହୋଇଥିବା ଉଦିପୁରା ଗ୍ରାମର ବାପା ନୀମାୟ ମାଝୀ, ପୁଅ ମୋଦନ ମାଝୀ ଗୋଟିଏ ବାଇକ ରେ ଥିବା ବେଳେ ଅନ୍ୟ ଏକ ବାଇକ ରେ ବଡ଼ସାହି ଥାନା ଅଧୀନ ବର୍ଣ୍ଣନା ର ରଣଜୀତ ଜେନା ଙ୍କ ପୁଅ ଅମିତ ଜେନା ବୋଲି ଜଣାପଡିଛି। ଘଟଣା ରୁ ପ୍ରକାଶ ଅମିତ ଜେନା ବେତନଟୀ ରୁ ବର୍ଣ୍ଣନା ଯାଉଥିବା ବେଳେ ଅନ୍ୟ ପଟୁ ଆସୁଥିବା ଉଦିପୁରା ର ନିମାୟ ମାଝୀ ତାଙ୍କ ପୁଅ ସହ ଆସୁଥିବା ବେଳେ ମୁହାଁମୁହିଁ ଧକ୍କା ହେବା ଫଳରେ ଗୁରୁତର ହୋଇଥିଲେ। ଖବର ପାଇ ବେତନଟୀ ଦମକଳ ବାହିନୀ ତାଙ୍କୁ ଗୁରୁତର ଅବସ୍ଥାରେ ବେତନଟୀ ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି।

## ଗ୍ରୀଷ୍ମପ୍ରବାହ ମୁକାବିଲା ପାଇଁ ଜିଲ୍ଲାପାଳଙ୍କ ଅଧକ୍ଷତାରେ ଜରୁରୀକାଳୀନ ବୈଠକ





ବାରିପଦା, ୧୧/୪ (ନି.ପ୍ର): ବାରିପଦା ଜିଲ୍ଲାରେ ଗ୍ରୀଷ୍ମପ୍ରବାହ ବୃଦ୍ଧି ଆଶଙ୍କା ନେଇ ମୟୂରଭଞ୍ଜ ଜିଲ୍ଲାପାଳ ଶ୍ରୀ ଦତ୍ତାତ୍ରେୟ ଭାଉସାହେବ ସିନ୍ଧେ ଗୁରୁବାର ଦିନ ଏକ ଜରୁରୀକାଳୀନ ସମୀକ୍ଷା ବୈଠକ କରିଥିଲେ. ଏହି ବୈଠକ ସନ୍ଧ୍ୟା ୫ଟାରେ ଜିଲ୍ଲାପାଳଙ୍କ ସ୍ଥାନୀୟ ଓସ୍ଥାନ ହଲ ଠାରେ ସମସ୍ତ ଅତିରିକ୍ତ ଜିଲ୍ଲପାଳ, ଉପଜିଲ୍ଲାପାଳ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଉପଖଣ୍ଡ ସ୍ତରୀୟ ଅଧିକାରୀ ଏବଂ ଜିଲ୍ଲା ସ୍ତରୀୟ ଜରୁରୀକାଳୀନ ଅଧିକାରୀ ମାନଙ୍କୁ ନେଇ ଆୟୋଜିତ ହୋଇଥିଲା। ଜିଲ୍ଲାର ବିଭନ୍ନ ସ୍ଥାନରେ ପାନୀୟ ଜଳକୁ ନେଇ ଦେଖା ଦେଇଥିବା ସମସ୍ୟାକୁ ମୁଖ୍ୟ ଆଧାରରେ ଜିଲ୍ଲାପାଳ ଗୁରୁତ୍ୱ ଦେଇଥିବା ସମୟରେ, ଗଣମାଧ୍ୟମରେ ପ୍ରକାଶିତ ସମସ୍ତ, ବ୍ଲକରେ ପାନୀୟଜଳ ଦ୍ୱାରା ଦେଖା ଦେଇଥିବା ସମସ୍ୟା ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା ସମସ୍ତ ବିଭାଗୀୟ ଅଧିକାରୀ ଏବଂ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମାନଙ୍କ ସହିତ ଆଲୋଚନା କରିଥିଲେ। ଏଥି ସହିତ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କ ଦ୍ୱାରା ପ୍ରଦତ୍ତ ଗଣମାଧ୍ୟମ ରିପୋର୍ଟ ଆଧାରରେ ସମସ୍ତ ସ୍ଥାନରେ ୪୮ ଘଣ୍ଟା ମଧ୍ୟରେ ପାନୀୟଜଳ ଯୋଗୁଁ ହେଉଥିବା ଅସୁବିଧାକୁ ସମ୍ପୂର୍ଣ୍ଣ ରୂପେ ମୂଳପୋଛ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏଥି ସହିତ ପାନୀୟ ଜଳ ସମସ୍ୟାନେଇ ଗ୍ରାମବାସୀ ମାନେ ଭୋଟ ବର୍ଜନ ଚେତାବନୀ ସମସ୍ତଙ୍କୁ ଗମ୍ଭୀର ଭାବେ ନେବା ପାଇଁ କହିଥିଲେ. ଏହି ସବୁ ମୌଳିକ ସୁବିଧାରୁ ବଂଚିତ ହେବା ଏବଂ ଏହା ଆଧାରରେ ଭୋଟ ବର୍ଜନ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ବୋଲି ଜିଲ୍ଲାପାଳ କହିଥିଲେ। ଏଥି ସହିତ ଗ୍ରୀଷ୍ମର ପ୍ରକୋପ ଧୀରେ ଧୀରେ ବଢିବାକୁ ଥିବା ବେଳେ ଗ୍ରୀଷ୍ମ ପ୍ରବାହର ଉପଯୁକ୍ତ ମୁକାବିଲା ଓ ପରିଚାଳନା ନିମନ୍ତେ ଏହାର ସଠିକ ମୁକାବିଲା ଏବଂ ଅଂଶୁଘାତରୁ ରକ୍ଷା ପାଇବାର ଉପାୟ ସମ୍ପର୍କରେ ଆଜିର ବୈଠକରେ ଅଧିକାରୀମାନଙ୍କୁ ବିସ୍ତୃତ ଭାବେ ଜିଲ୍ଲାପାଳ ଶ୍ରୀ ସିନ୍ଧେ, ବୁଝାଇଥିଲେ। ବାହାରେ ବୁଲୁଥିବା ପଶୁ ପକ୍ଷୀ ମାନଙ୍କ ପାଇଁ ଆବଶ୍ୟକ ପରିମାଣରେ ଜଳ ରଖିବା ପ୍ରତି ଗୁରୁତ୍ୱ ଦେଇଥିଲେ। ଆଗାମୀ ୧୩ ତାରିଖ ଠାରୁ ଜିଲ୍ଲାରେ ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଇବା ପୂର୍ବାନୁମାନ କରା ଯାଇଥିବାରୁ ଏଥିପ୍ରତି ସଜାଗ ରହିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ସୂଚନା ଥାଉକି, ଗ୍ରୀଷ୍ମ ପ୍ରବାହ ସହିତ କାଳ ବୈଶାଖୀ ହେବାର ସମ୍ଭାବନା ଥିବାରୁ, କ୍ଷୁଦ୍ର ମରାମତି ହେଉଥିବା ଆବାସ ଏବଂ ଜରୁରୀକାଳୀନ କାର୍ଯ୍ୟପାଇଁ ସମସ୍ତ ଉଚିତ ପଦକ୍ଷେପ ନେବା ପାଇଁ ଜିଲ୍ଲାପାଳ ସମସ୍ତ ଅଧିକାରୀ ମାନଙ୍କୁ ଆଦେଶ ଦେଇଥିଲେ। ସମସ୍ତ ପର୍ଯ୍ୟଟନ ସ୍ଥଳୀ ମାନଙ୍କୁ ସାମୟିକ ଭାବେ ବନ୍ଦ ରଖିବାକୁ ଏବଂ ଅଧିକ ଶ୍ରମ ଆବଶ୍ୟକ କାର୍ଯ୍ୟ ଗୁଡ଼ିକୁ ଦିନ ୧୧ଟା ରୁ ୩ଟା ପର୍ଯ୍ୟନ୍ତ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀ ନେତ୍ରାନନ୍ଦ ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଉଦୟ କୁମାର ମହାପାତ୍ର, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ, ଶ୍ରୀ ରଜନୀକାନ୍ତ ସ୍ୱାଇଁ, ବାରିପଦା ଉପଜିଲ୍ଲାପାଳ ଶ୍ରୀ ଈଶ୍ୱର ଚନ୍ଦ୍ର ନାୟକ, ପରିବହନ ଅଧିକାରୀ ଶ୍ରୀ ବିଶ୍ୱରାଜ ବେହେରା, ବାରିପଦା ମ୍ୟୁନିସିପାଲିଟି କାର୍ଯ୍ୟନିର୍ବାହୀ ଅଧିକାରିଣୀ ଡଃ ମଧୁସ୍ମିତା ସାମନ୍ତରାୟ, , ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ଅବିନାଶ ପାଣିଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ଗ୍ରୀଷ୍ମପ୍ରବାହ ପରିଚାଳନା ସମ୍ପର୍କରେ ଚର୍ଚ୍ଚା କରିଥିଲେ ।

## ତେନ୍ତୁଳିଆପଡାରେ ପଶ୍ଚିମା ଠାକୁରାଣୀଙ୍କ ପ୍ରାଣପ୍ରତିଷ୍ଠା ଉତ୍ସବ



ଖଇରା, ୧୧/୪ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକର ଅନ୍ୟତମ ପର୍ଯ୍ୟଟନସ୍ଥଳୀ ତୁଡିଗଡିଆ ସଂଲଗ୍ନ ତେନ୍ତୁଳିଆପଡା ଗ୍ରାମରେ ଅଧିଷ୍ଠାତ୍ରୀ ଦେବୀ ମା ପଶ୍ଚିମାଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ ଗୁରୁବାର ଦିନ ମହାସମାରୋହରେ ଭକ୍ତିପୂର୍ଣ୍ଣ ପରିବେଶରେ ପାଳିତ ହୋଇ ଯାଇଛି । ପଣ୍ଡିତ ଦୟାନିଧି ଆଚାର୍ଯ୍ୟ,ଜନାର୍ଦ୍ଦନ ପାଢୀଙ୍କ ତତ୍ତ୍ୱାବଧାନରେ କଳସ ପୁଜା, ଚଣ୍ଡୀପାଠ ସହିତ ବିଗ୍ରହଙ୍କ ପ୍ରାଣପ୍ରତିଷ୍ଠା ଓ ପୁର୍ଣ୍ଣାହୁତି କାର୍ଯ୍ୟ ସମ୍ପର୍ଣ୍ଣ ହୋଇଥିଲା । ମାରୱାଡି ସମାଜର ଯୁବ ଗୋଷ୍ଠୀ,ଗାଁ ସଭାପତି ରତ୍ନାକର ମାଝୀ,ଲୋଚନ ଘଡେଇ,ଗୟାଧର ଗାହାଣ,ବାପି ମାଝୀ,ରମେଶ ଗୁପ୍ତା,ଲକ୍ଷ୍ମଣ ଧଡା,ଦିପକ ଗାହାଣ,କମଲ ଗୁପ୍ତା,ଗୟାଧର ଘଡେଇ,ଅଭିରାମ ମାଝୀ,ସଞ୍ଜିବ ମାଝୀ ଓ କୈଳାସ ବେହେରା ପ୍ରମୁଖ ପ୍ରତିଷ୍ଠା ଉତ୍ସବ ପାଳନରେ ସହଯୋଗ କରିଥିଲେ ।

## ଗୁରୁକୁଳରେ ମା' ବିରଜା ସେବା ସଂଗଠନର ସେବା କାର୍ଯ୍ୟ





ବସ୍ତା, ୧୧/୪ (ନି.ପ୍ର): ସଦର ବ୍ଲକ୍ ଅନ୍ତର୍ଗତ , ରୂପସା ସାମିଲ ହସନପୁର ପଞ୍ଚାୟତ ର ପିଞ୍ଚାବଣିଆଁ ଗ୍ରାମରେ ଥିବା ବୈଦିକ ଗୁରୁକୁଳ ଆଶ୍ରମରେ,'ମା' ବିରଜା ସେବା ସଂଗଠନ, ଯାଜପୁର,କଟକ, ଓଡ଼ିଶା ପକ୍ଷରୁ ବୃକ୍ଷ ରୋପଣ, ଗୋମାତା ପୂଜନ, ବିଶ୍ୱ କଲ୍ୟାଣ ଦେବଯଜ୍ଞ ସହିତ ଆଶ୍ରମରେ ରହୁଥିବା ଅସହାୟ ପିଲାମାନଙ୍କୁ ଅନ୍ନ, ବସ୍ତ୍ର ଓ ପାଠ୍ୟ ଉପକରଣ ପ୍ରଦାନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଗୁରୁକୁଳର ମୁଖ୍ୟ ସଂଚାଳକ ଆଚାର୍ଯ୍ୟ ବିଜୟ ଜୀ ଙ୍କ ସଭାପତିତ୍ୱରେ ସମାଜସେବୀ ମାନଙ୍କୁ ସମ୍ମାନ ଓ ଉତ୍ସାହିତ କରିବା ପାଇଁ ଏକ ସଭାର ଆୟୋଜନ କରାଯାଇଥିଲା।ଏହି ସଭାରେ ଜିଲ୍ଲା ପରିଷଦ ଶ୍ରୀମାନ୍ ସଞ୍ଜୟ କୁମାର ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିବା ସହ ମୁଖ୍ୟ ବକ୍ତା ସମାଜସେବୀ ଶ୍ରୀଯୁକ୍ତ ଅକ୍ଷୟ କୁମାର ମିଶ୍ର, ବରେଣ୍ୟ ଅତିଥି ଇଂ ପ୍ରଦ୍ୟୁମ୍ନ ପୁରୀ, ଶ୍ରୀମତୀ ଗୀତାରାଣୀ ପୁରୀ, ସମ୍ମାନିତ ଅତିଥି ଶ୍ରୀଯୁକ୍ତ ଅଜୟ କୁମାର ଜେନା ଓ ଅଭିନେତା ପୂର୍ଣ୍ଣ ଚନ୍ଦ୍ର ନାୟକ ପ୍ରମୁଖ ଅତିଥିଗଣ ଯୋଗଦାନ କରି ମା ବିରଜା ସେବା ସଂଗଠନ ର ଭୂୟସୀ ପ୍ରଶଂସା କରିଥିଲେ। ଗୁରୁକୁଳ ର ଅନ୍ୟତମ ସେବକ ଶ୍ରୀମାନ୍ ରାଜେଶ କୁମାର ସେଠୀ ଅତିଥିଙ୍କ ପରିଚୟ ପ୍ରଦାନ କରିବା ସହ ଶ୍ରୀ ହେମନ୍ତ କୁମାର ଦାସ ଅତିଥି ଙ୍କୁ ପୁଷ୍ପମାଲ୍ୟ ପ୍ରଦାନ କରିଥିଲେ । କୁନି ନୃତ୍ୟଶିଳ୍ପୀ ସୁଶ୍ରୀ ଅର୍ଚ୍ଚିତା ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ। ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ବ୍ୟାସକବି ସାଂସ୍କୃତିକ ଅନୁଷ୍ଠାନର ସଂପାଦକ ଶ୍ରୀଯୁକ୍ତ ଅନୀଲ୍ କୁମାର ସାହୁ, ହଳଦୀପଦା ମହୋତ୍ସବ ସମିତି ର ସଭାପତି ଶ୍ରୀଯୁକ୍ତ ଅଜୟ କୁମାର ଜେନା ଓ ଆୟଗଡ଼ିଆ ବିକାଶ ପରିଷଦ ର ସଭାପତି ଶ୍ରୀଯୁକ୍ତ ଅନ୍ତର୍ଯ୍ୟାମୀ ମହାପାତ୍ର , ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ଅନନ୍ତ କୁମାର ସାହୁ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ କ୍ଷେତ୍ରମୋହନ ସାହୁ, ଶ୍ରୀଯୁକ୍ତ ହରି ନାରାୟଣ ସାହୁ ଓ ଗଛ ମଣିଷ ଶ୍ରୀଯୁକ୍ତ ରବିନ୍ଦ୍ର ବେହେରା ଙ୍କ ସମେତ ବହୁ ମାନ୍ୟ ଗଣ୍ୟମାନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ସଭାରେ ଉପସ୍ଥିତ ଥିବା ସ୍ଥାନୀୟ ସ୍ୱେଚ୍ଛାସେବୀ ସଂଗଠନ ଗୁଡ଼ିକ ତରଫରୁ ମା ବିରଜା କ୍ଷେତ୍ର, ସୁଦୂର ଯାଜପୁର,କଟକରୁ ଆସିଥିବା ମା ବିରଜା ସେବା ସଂଗଠନକୁ ମଞ୍ଚରେ ପୁଷ୍ପ ଗୁଚ୍ଛ ପ୍ରଦାନ କରି ସ୍ୱାଗତ ସମ୍ମାନ କରାଯାଇଥିଲା। ସେହିପରି ସମାଜସେବା କ୍ଷେତ୍ରରେ ବନ୍ଧୁତା ର ଡୋରି ବଜାୟି ରଖିବା ପାଇଁ ମା ବିରଜା ସେବା ସଂଗଠନ ପକ୍ଷରୁ ଆଚାର୍ଯ୍ୟ ବିଜୟ ଜୀ, ପୂର୍ଣ୍ଣ ଚନ୍ଦ୍ର ନାୟକ, ପ୍ରମିଳା ଦେବୀଙ୍କ ସମେତ ଉପସ୍ଥିତ ସ୍ଥାନୀୟ ସଂଗଠନ ର ମୁଖ୍ୟ ଙ୍କୁ ପୁଷ୍ପମାଲ୍ୟ ଓ ଉପଢୌକନ ଦ୍ୱାରା ସମ୍ମାନିତ କରାଯାଇଥିଲା। ସଂସ୍କୃତି ସମ୍ପନ୍ନ ଓ ମହାନ ସେବାକାର୍ଯ୍ୟ ପାଇଁ ଗୁରୁକୁଳ ପକ୍ଷରୁ ମା ବିରଜା ସେବା ସଂଗଠନକୁ ସେବା ଭୂଷଣ ସମ୍ମାନ - ୨୦୨୪ରେ ସମ୍ବର୍ଦ୍ଧିତ କରାଯାଇଥିଲା। ପରିଶେଷରେ ଶ୍ରୀଯୁକ୍ତ ଅନନ୍ତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଆଦିବାସୀ ନୃତ୍ୟ ଗୁରୁ ହାଡିବନ୍ଧୁ ସିଂଙ୍କ ପତ୍ନୀ ବୃକକ ରୋଗରେ ମୃତ

ନୀଳଗିରି , ୧୧/୪ (ନି.ପ୍ର): ଭୂମିଜ ଆଦିବାସୀ ନୃତ୍ୟଗୁରୁ ହାଡିବନ୍ଧୁ ସିଂଙ୍କ ପତ୍ନୀ ନୀରମଣି ସିଂ କଟକର ଶ୍ରୀରାମ ଚନ୍ଦ୍ର ଭଞ୍ଜ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟରେ ବୃକକ ରୋଗରେ ଚିକିତ୍ସିତ ସମୟରେ ଗୁରୁବାର ସକାଳେ ମୃତ୍ୟୁବରଣ କରିଛନ୍ତି। ଗତ ୭.୪.୨୦୨୪ରିଖ ଦିନ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ନିଆଯାଇଥିଲେ ହେଁ ବୃକକ ରୋଗର ଚିକିତ୍ସା ବିଭାଗ ନଥିବା କାରଣରୁ ତାଙ୍କୁ କଟକର ଶ୍ରୀରାମ ଚନ୍ଦ୍ର ଭଞ୍ଜ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟକୁ ଚିକିତ୍ସା ନିମନ୍ତେ ପଠାଯାଇଥିଲା। ମାତ୍ର ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। କିଛିଦିନ ପୂର୍ବରୁ ତାଙ୍କ ସ୍ୱାମୀ ତଥା ଆଦିବାସୀ ନୃତ୍ୟଗୁରୁ ହାଡିବନ୍ଧୁ ଜଣେ ଦିନ ମଜୁରିଆ, ଗରିବ ଆଦିବାସୀ ସଂପ୍ରଦାୟ ହୋଇଥିବାରୁ ଗୁରୁତର ଯକ୍ଷ୍ମା ଜନିତ ରୋଗ କାରଣରୁ ତାଙ୍କୁ ବଣ ଧୂଳିର ଫୁଲ ଟ୍ରଷ୍ଟ, ବାଲେଶ୍ୱର ଜିଲ୍ଲା ରେଡକ୍ରସ୍ ପାଣ୍ଠିରୁ ଜିଲ୍ଲାପାଳଙ୍କ ସହାୟତା ସହିତ କିଛି ବଦାନ୍ୟ ବ୍ୟକ୍ତିଙ୍କ ସହଯୋଗ ଦ୍ୱାରା କଟକ ବଡ଼ ଡ଼ାକ୍ତରଖାନାରେ ଚିକିତ୍ସିତ ହୋଇ ଆରୋଗ୍ୟ ହୋଇଥିଲେ। ପ୍ରକାଶ ଥାଉକି ନୀଳଗିରିର ମହିଷାପଟା ଗ୍ରାମ ପଞ୍ଚାୟତ ଅଧୀନ ମହିଷାପଟା, କୁଆନାଳି, ଶାଳବଣୀ ଓ ଡମ୍ବରୁଘାଟି ଆଦିବାସୀ ଅଧୁଷିତ ଗ୍ରାମ ପ୍ରଭୃତିରେ ଅନେକ ବୃକକ ରୋଗରେ ପିଡୀତ ହୋଇ ମୃତ୍ୟୁବରଣ କରିଥିବା ବେଳେ କେତେକ ବୃକକ ରୋଗରେ ପ୍ରପୀଡ଼ିତ ହୋଇ ଚିକିତ୍ସିତ ହେଉଛନ୍ତି।

## ବିଶିଷ୍ଟ କଣ୍ଠଶିଳ୍ପୀ ଶାନ୍ତିଲତା ବାରିକଙ୍କ ଶ୍ରଦ୍ଧାଞ୍ଜଳି ସଭା



ବାସୁଦେବପୁର, ୧୧/୪ (ନି.ପ୍ର): ବାସୁଦେବପୁର ସହରର ନୀଳମଣି ରାଉତରାୟ ମାର୍କେଟ କମ୍ପ୍ଲେକ୍ସ ପରିସରରେ ଓଡ଼ିଶାର ବିଶିଷ୍ଟ କଣ୍ଠଶିଳ୍ପୀ ଶାନ୍ତିଲତା ବାରିକ୍ଙ୍କ ସ୍ମୃତି ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ବିଶିଷ୍ଟ ଶିକ୍ଷାବିତ୍ ଦୁଃଶାସନ ରାଉତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମସ୍ତେ ଶାନ୍ତିଲତା ବାରିକ୍ଙ୍କ ଫଟୋ ଚିତ୍ରରେ ପୁଷ୍ପ ମାଲ୍ୟ ଅର୍ପଣ କରିଥିଲେ। ବାସୁଦେବପୁର ଶହୀଦ ସ୍ମୃତି ସଙ୍ଗୀତ ମହାବିଦ୍ୟାଳୟ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜନ କରା ଯାଇଥିଲା। ବିଶିଷ୍ଟ ଶିଶୁ ସାହିତ୍ୟିକ ନରେନ୍ଦ୍ର ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଅନୁଷ୍ଠାନର କଣ୍ଠଶିଳ୍ପୀ ଜଗନ୍ନାଥ ମହାପ୍ରସାଦ, ଏକାଗ୍ରତା ମହା ପ୍ରସାଦ, ସସ୍ମିତା, ଜ୍ୟୋତି ସ୍ମିତା ପାଢ଼ୀ ପ୍ରମୁଖ ସଙ୍ଗୀତ ପରିବେଷଣ କରିଥିଲେ । ବାସୁଦେବପୁର ଶହୀଦ ସ୍ମୃତି ସଙ୍ଗୀତ ମହାବିଦ୍ୟାଳୟ ର ନିର୍ଦ୍ଦେଶକ ଲକ୍ଷ୍ମୀଧର ବେହେରା ଓ ସାଥୀ କଳାକାର ହନୁମାନ ଚାଳିଶା ଗାନ କରିବା ସହିତ ଶାନ୍ତି ଲତା ବାରିକ୍ ଙ୍କ ଭଜନ ପରିବେଷଣ କରିଥିଲେ । ଶେଷରେ ଲକ୍ଷ୍ମୀଧର ବେହେରା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ମା' ଲାଲପାଟ ସାଲପାଟ ଗ୍ରାମଦେବୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଓ ବାର୍ଷିକ ପୂଜା ଅନୁଷ୍ଠିତ



ବାରିପଦା , ୧୧/୪ (ନି.ପ୍ର): ବାରିପଦା ମ୍ୟୁନିସିପାଲିଟି ଅନ୍ତର୍ଗତ ୱାର୍ଡ ନଂ ୧୫ ସ୍ଥିତ ପୂର୍ଣ୍ଣଚନ୍ଦ୍ର ପୁର ସ୍ଥିତ ବହୁ ପୁରାତନ ଲାଲପାଟ ସାଲପାଟ ଗ୍ରାମଦେବୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ସହ ବାର୍ଷିକ ପୂଜା ବିଧି ଆରମ୍ଭ ହୋଇଯାଇଛି ଓ ତିନିଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମର ପ୍ରଥମ ଦିନରେ ଅଧିବାସ, କଳସ ଶୋଭାଯାତ୍ରା, ଅଙ୍କୁରା ରୋପଣ ଆଦି ଅନୁଷ୍ଠିତ ହୋଇଯାଇଛି ଓ ସକାଳେ ମା' ଅମ୍ବିକାଙ୍କ ମନ୍ଦିରରେ ପୂଜା ଅର୍ଚ୍ଚନା ପରେ ବୁଢାରାହୁଳ ମଠ ନିକଟସ୍ଥ ବୁଢ଼ାବଳଙ୍ଗ ଓ ଚିପଟ ନଦୀର ସଙ୍ଗମ ସ୍ଥଳରୁ କଳସ ଶୋଭାଯାତ୍ରା ର ଶୁଭାରମ୍ଭ ହୋଇଥିଲା ଓ ପ୍ରାୟ ୧୫୦ ରୁ ଉର୍ଦ୍ଧ ଉଭୟ ପୁରୁଷ ଓ ମହିଳା ଶ୍ରଦ୍ଧାଳୁ ମୁଣ୍ଡରେ ପୂର୍ଣ୍ଣକୁମ୍ଭ ନେଇ ଶୋଭାଯାତ୍ରାରେ ସାମିଲ ହୋଇଥିଲେ ଓ ଶଙ୍ଖ, ଘଣ୍ଟ ଘଣ୍ଟା, ମୃଦଙ୍ଗ ଓ ହରିବୋଲ ଧ୍ୱନି ଦେଇ ପ୍ରାୟ ୫ କିଲୋମିଟର ଯାତ୍ରା କରି ମନ୍ଦିର ପ୍ରାଙ୍ଗଣରେ ପହଂଚିଥିଲେ ଓ ତାପରେ ରୀତିନୀତି ଅନୁସାରେ ମା' ଙ୍କ ପୂଜାବିଧି ଆରମ୍ଭ ହୋଇଥିଲା ଓ ୧୨ ତାରିଖ ଦିନ ସକାଳ ୬ ଘଟିକାରେ ନାମ ସଂକୀର୍ତ୍ତନ ସହ ମନ୍ଦିର ପ୍ରତିଷ୍ଠା କର୍ମ ଏବଂ ୧୩ ତାରିଖ ଦିନ ସକାଳ ୮ ଘଟିକା ସମୟରେ ଦଧିନଉତି ଏବଂ ପରେ ପରେ ସର୍ବସାଧାରଣ ପୂଜା, ଯଜ୍ଞ, ବାର୍ଷିକ ପୂଜା, ପୂର୍ଣ୍ଣାହୂତି, ପୁଷ୍ପାଞ୍ଜଳି ଏବଂ ପ୍ରସାଦ ସେବନ କାର୍ଯ୍ୟକ୍ରମ ରହିଛି ବୋଲି ଆୟୋଜକ କମିଟି ତରଫରୁ ପ୍ରକାଶ ଓ ବହୁ ସଂଖ୍ୟାରେ ଉପସ୍ଥିତ ରହି ମା' ଙ୍କ ସାହିନ୍ଧ ଲାଭ କରିବାକୁ ଅନୁରୋଧ ।

## ବାଲିଆପାଳରେ ପବିତ୍ର ଇଦ ପର୍ବ ପାଳିତ





ବାଲିଆପାଳ , ୧୧/୪ (ନି.ପ୍ର): ସାରା ଭାରତ ବର୍ଷରେ ଇସଲାମ ଧର୍ମ ପକ୍ଷରୁ ଇଦ୍ ପର୍ବ ପାଳିତ ହେଉଥିବା ବେଳେ,ବାଲେଶ୍ୱର ଜିଲ୍ଲା ବାଲିଆପାଳରେ ମଧ୍ୟ ଅନୁରୂପ ସ୍ଥିତି ଦେଖି ବାକୁ ମିଳିଛି। ଦୀର୍ଘ ଏକମାସ ଧରି ରୋଜା ଅର୍ଥାତ ଉପବାସ ରଖିଥିବା ସମସ୍ତ ମୁସଲମାନ ସମ୍ପ୍ରଦାୟର ଭାଇ ଭଉଣୀମାନେ ଏହି ଭାଇଚାରା ଓ ଖୁସିର ପର୍ବ ଇଦ୍ ?କୁ ହର୍ଷଉଲ୍ଲାସର ସହ ପାଳନ କରି ଛନ୍ତି। ଏନେଇ ଚଳଚଂଚଳ ହୋଇ ଉଠିଥିଲା ବାଲିଆପାଳ ସମସ୍ତ ମସଜିଦ୍ । ନିଜକୁ ଆଲ୍ଲାଙ୍କ ପାଖରେ ସମର୍ପଣ କରି ହାଫିଜ୍ ବଦିରୁଦ୍ଦିନବାବା ଦରଘା ମୈଦାନ କଚୁଆପଡା ସ୍ଥିତ ମସଜିଦରେ ସକାଳୁ ମୁସଲମାନ ଭାଇମାନେ ସମୂହ ଏକ ସ୍ୱରରେ ନମାଜ ପାଠ କରିବା ସହିତ ପରସ୍ପରକୁ ଇଦ୍ ମୁବାରକ ଜଣାଇ ପରସ୍ପର ଭିତରେ ବନ୍ଧୁତ୍ୱଭାବ ବଜାୟ ରଖିବାକୁ ସହମତି ପ୍ରକାଶ କରିଛନ୍ତି। ମୌଲାନା ସେରଫୁକ ହାକ,ଗୋଲାମୀ ସରବର,ଇତିହାସ ସାହା,ସରବୁଦ୍ଦିନ୍ ସାହା,ଜୁମା ସାହା,ସେକ୍ ବୁଲୁ, ସେକ୍ ଜହର,ସେକ୍ କରିମ୍, ଇସ୍ରାଏଲ ଶାହା,ସେକ୍ ଇବ୍ରହିମ୍,ସଲ୍ଲିପ୍ ସାହା,ସେକ୍ ସାହାଜାନ୍ ସେକ୍ ହରବୁଲା ପ୍ରମୁଖ ଯୋଗଦେଇ ଏହି ପବିତ୍ର ଇଦ ପର୍ବକୁ ବିଧିବଦ୍ଧ ଭାବେ ସମ୍ପାଦନ କରିଥିଲେ।

## ପୁଣି ଅଶାନ୍ତ ପଦ୍ମ କେଶରପୁର: ଗାଁରେ ଗୋଷ୍ଠୀ ବିବାଦ

ଭୁବନେଶ୍ୱର, ୧୧/୪ (ନି.ପ୍ର): ପୁଣି ଅଶାନ୍ତ ହୋଇପଡିଛି ପଦ୍ମ କେଶରପୁର । ଗୋଟିଏ ପରିବାରର ଦୁଇଜଣଙ୍କୁ ମରଣାନ୍ତକ ଆକ୍ରମଣ ପରେ ଅଶାନ୍ତ ହୋଇପଡିଛି ଗାଁ । ଗ୍ରାମର ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ମାଡ ସହ ବୋମା ଓ ପଥରମାଡ ହୋଇଛି । ଗାଁରେ ଉତ୍ତେଜନାମୂଳକ ପରିସ୍ଥିତି ଲାଗି ରହିଛି । ଏବେ ୨ ପ୍ଲାଟୁନ ଫୋର୍ସ ମୁତୟନ ରହିଛନ୍ତି । ସୁଧ ଟଙ୍କା ଆଦାୟକୁ ନେଇ ଗାଁ ଅଶାନ୍ତ ହୋଇଥିବା ଜଣାପଡିଛି ।

## ଆଗ୍ରିଆରେ ୪୫ ତମ ବାସନ୍ତୀ ନବରାତ୍ର ପୂଜା ଆରମ୍ଭ

ବେତନଟୀ , ୧୧/୪ (ନି.ପ୍ର): ବେତନଟୀ ବ୍ଲକ ଅଧୀନ ଆଗ୍ରିଆ ଗ୍ରାମ ରେ ୪୫ ତମ ବାସନ୍ତୀ ନବରାତ୍ର ପୂଜା ଆରମ୍ଭ ହୋଇଛି। ଆସନ୍ତା ୧୬ ତାରିଖ ରେ ବାସନ୍ତୀ ପୂଜା ହେବାକୁ ଥିବା ବେଳେ ନବରାତ୍ର ପୂଜା ଆଜି ତୃତୀୟ ଦିନ ରେ ପଦାର୍ପଣ କରିଛି। ଏଥିନେଇ ଆଗ୍ରିଆ ଗ୍ରାମ ରେ ଉତ୍ସବ ମୁଖରିତ ହୋଇଥିବା ବେଳେ ବାସନ୍ତୀ ପୂଜା ପାଇଁ ବାସନ୍ତୀ ମନ୍ଦିର ରେ ପ୍ରସ୍ତୁତି ପଥରେ ପୂଜା କମିଟି ର ସଦସ୍ୟ ମାନେ ଏକତ୍ର ହୋଇଥିବା ଦେଖିବା ପାଇଁ ମିଳିଛି। ଏହି ପୂଜା ଉତ୍ସବ ରେ କମିଟି ର ସଭାପତି ପ୍ରଦୀପ କୁମାର ସାହୁ, ଉପସଭାପତି ଜୀବନ ପରିଡ଼ା, ସମ୍ପାଦକ ହରିଶ ପ୍ରଧାନ, ପ୍ରକାଶ ଜ୍ୟୋତି ପ୍ରଧାନ, ବ୍ରହ୍ମାନନ୍ଦ ପରିଡ଼ା, ଶୁଶାନ୍ତ ଭୋଇ, ଜିତେନ୍ଦ୍ର ପରିଡ଼ା,ରବିନ୍ଦ୍ର ମହାନ୍ତି, ଗୋପିନାଥ ନାୟକ, କରୁଣାକର ପ୍ରଧାନ, ପୁନ୍ନାନନ୍ଦ ପଣ୍ଡିତ, ପ୍ରଦୀପ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo